

ଯୁବପିଢ଼ିଙ୍କୁ ଉସୁକାଉଛନ୍ତି ମୁନିର୍

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 299 | ଭାଗ ୩୩ | ସଂଖ୍ୟା ୨୯୯ | Wednesday 21 January 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୨୧ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ମୋହନଙ୍କ ନେତୃତ୍ୱରେ ଶିଳ୍ପାୟନରେ ରୂପାନ୍ତରଣ

# ପାରମ୍ପରିକ ନୁହେଁ, ନୂଆ ଯୁଗର ଶିଳ୍ପ




**ଶିଳ୍ପର ପାୱାର ହାଉସ ହେବ ଓଡ଼ିଶା**

**ହାଇଦ୍ରାବାଦ ଓ କୋଲକାତା ସମ୍ମିଳନୀର ସଫଳତା**

**ଦୁଇ ସହରରେ ୬ ରାଉଣ୍ଡ ଟେବୁଲ ବୈଠକ**

**୧ ଲକ୍ଷ ୬୭ ହଜାର କୋଟିର ପୁଞ୍ଜିନିବେଶ**

**ସୃଷ୍ଟି ହେଲା ୧ ଲକ୍ଷ ୪୬ ହଜାର ନିଯୁକ୍ତି ସୁଯୋଗ**


**ଭବିଷ୍ୟତ ପାଇଁ ସଶକ୍ତ ହେଲା ଓଡ଼ିଶା ଅର୍ଥନୀତି**

ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ରାଜ୍ୟରେ ଆରମ୍ଭ ହୋଇଥିବା ଶିଳ୍ପାୟନର ଧାରା ଏବେ ନୂଆ ମୋଡ ନେଇଛି। ପାରମ୍ପରିକ ଶିଳ୍ପ ପରିବର୍ତ୍ତେ ଏବେ ସରକାର ନୂଆ ଯୁଗର ଶିଳ୍ପ ଓ ଟେକ୍ନୋଲୋଜି ଆଧାରିତ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି। ଯାହାଦ୍ୱାରା ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହେବା ସହ ନିବେଶକଙ୍କ ପାଇଁ ବଡ ସୁଯୋଗ ସୃଷ୍ଟି କରିଛି। ଶିଳ୍ପାୟନରେ ରାଜ୍ୟ ସରକାରଙ୍କ ଏହି ରୂପାନ୍ତରଣକୁ ଆଧାର କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଶକଙ୍କୁ ଓଡ଼ିଶାରେ ନିବେଶ ପାଇଁ ଏହା ହିଁ ଉପଯୁକ୍ତ ସମୟ ବୋଲି କହିଛନ୍ତି।

ପୂର୍ବରୁ ରାଜ୍ୟରେ କେବଳ ଇସ୍ପାତ, ଖଣି ଓ ବୃହତ ଶିଳ୍ପକୁ ଗୁରୁତ୍ୱ ଦିଆଯାଉଥିଲା। ଖଣିଜ ସମ୍ପଦରେ ଭରପୂର ରାଜ୍ୟରେ କେବଳ ଇସ୍ପାତ ଓ ଖଣି ଆଧାରିତ ବୃହତ ଶିଳ୍ପ ପ୍ରତିଷ୍ଠା ହେଉଥିଲା। ଏବେ କିନ୍ତୁ ରାଜ୍ୟ ସରକାର ଏହି ଆଭିମୁଖ୍ୟରେ ପରିବର୍ତ୍ତନ କରିଛନ୍ତି। ସମୟ ସହ ତାଳ ଦେଇ ରାଜ୍ୟରେ ଏବେ ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଅଧିକ ନିଯୁକ୍ତି ସହ ରୋଜଗାର ବଢାଉଥିବା ଶିଳ୍ପକୁ ପ୍ରାଥମିକତା ଦିଆଯାଉଛି। ଆଇଟି, ଆଇଟିଇଏସ, ଏରୋସ୍ପେସ୍ ଓ ପ୍ରତିରକ୍ଷା, ପୋଷାକ, ଧାତବ୍ୟ ସମ୍ପର୍କିତ ଆନୁସଙ୍ଗିକ, ଇଞ୍ଜିନିୟରିଂ ସାମଗ୍ରୀ, ପ୍ଲାଷ୍ଟିକ, ରସାୟନ, ପ୍ୟାକେଜିଂ, ଔଷଧ, ଡାକ୍ତରୀ ଉପକରଣ, ବାୟୋ-ଟେକ୍ନୋଲୋଜି ଭଳି ଶିଳ୍ପରେ ପୁଞ୍ଜିନିବେଶ ପାଇଁ ଅଧିକ ସୁଯୋଗ ସୃଷ୍ଟି କରାଯାଉଛି। ଏହିସବୁ ଶିଳ୍ପ ଆଗାମୀ ଦିନରେ ରାଜ୍ୟର ଅର୍ଥନୀତିକୁ ଅଧିକ ମଜବୁତ କରିବା ସହ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ପର୍ଯ୍ୟାପ୍ତ ସମ୍ଭାବନା ସୃଷ୍ଟି କରିବ।

ଗତ ଡିସେମ୍ବରରେ ହାଇଦ୍ରାବାଦରେ ଆୟୋଜିତ ନିବେଶକ ସମ୍ମିଳନୀ ଓ ନିକଟରେ ଅନୁଷ୍ଠିତ କୋଲକତା ରୋଡ ଶୋରୁ ରାଜ୍ୟ ସରକାରଙ୍କ ଶିଳ୍ପାୟନ ଧାରରେ ଏହି ରୂପାନ୍ତରଣ ସ୍ପଷ୍ଟ ଦୃଶ୍ୟମାନ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏହି ନିବେଶକ ସମ୍ମିଳନୀର ଆୟୋଜନ ହୋଇଥିଲା। ଏହି ଦୁଇଟି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଆଗାମୀ କାଲିର ଆବଶ୍ୟକତା ଓ ➪ପୃଷ୍ଠା-୬

# ବିଜେପିରେ ନବୀନ ଯୁଗ ଆରମ୍ଭ



**ବିଜେପି ଇତିହାସରେ ସର୍ବକନିଷ୍ଠ ସଭାପତି**

**ବିଶ୍ୱର ସର୍ବବୃହତ ରାଜନୈତିକ ଦଳର ମଙ୍ଗୁଆଳ**

ନୂଆଦିଲ୍ଲୀ,୨୦।୧: ସରିଲା ଜେପି ନଡ୍ଡାଙ୍କ ଯୁଗ। ଏବେ ବିଜେପିର ନୂଆ ମୁଖିଆ ହୋଇଛନ୍ତି ନିତିନ ନବୀନ। ମଙ୍ଗଳବାର ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ବିଜେପିର ନୂଆ ରାଷ୍ଟ୍ରୀୟ ସଭାପତି ଭାବେ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି ଏହି ୪୫ ବର୍ଷୀୟ ବିଚକ୍ଷଣ ରାଜନେତା। ଫଳତଃ ସେ ବିଜେପିର ରାଷ୍ଟ୍ରୀୟ ସଭାପତି ଇତିହାସରେ ସର୍ବକନିଷ୍ଠ ହୋଇପାରିଛନ୍ତି।


ଗତକାଲି ବିଜେପିର ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ବିହାର ସଡ଼କ ମନ୍ତ୍ରୀ ନିତିନ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନପତ୍ର ଦାଖଲ ସମୟରେ ତାଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ରମନ୍ତ୍ରୀ ନିତିନ ଗଡକରୀ, ଧର୍ମେନ୍ଦ୍ର ପ୍ରଧାନଙ୍କ ଭଳି ହେଭିୱେଟ୍ ନେତା ଉପସ୍ଥିତ ଥିଲେ। ନୂଆ ଦାୟିତ୍ୱ ଗ୍ରହଣ ପରେ ଆଗକୁ ଦଳକୁ ନିତିନ ଆହୁରି ମଜବୁତ କରିବେ ବୋଲି କର୍ମୀମାନେ ଆଶା ବାନ୍ଧିଛନ୍ତି।

ବିଶେଷକରି ଆଗାମୀ ଦୁଇ ବର୍ଷ ମଧ୍ୟରେ ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ ଓ ଉତ୍ତର ପ୍ରଦେଶ ଭଳି ଗୁରୁତ୍ୱପୂର୍ଣ୍ଣ ➪ପୃଷ୍ଠା-୬

### ୮ ଶହ ଅବସରପ୍ରାପ୍ତ ପୁଲିସଙ୍କୁ ମିଳିବ ପୁନଃନିଯୁକ୍ତି

# ଗୃହ ବିଭାଗ ନିଷ୍ପତ୍ତି ଉପରେ ଉଠିଲା ପ୍ରଶ୍ନ

ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ଗୃହ ବିଭାଗରେ ୮ ଶହ ଅବସରପ୍ରାପ୍ତ ପୁଲିସଙ୍କୁ ମିଳିବ ପୁନଃନିଯୁକ୍ତି। ନିୟମିତ ନିଯୁକ୍ତି ପରିବର୍ତ୍ତେ ଅବସରପ୍ରାପ୍ତ ଏଏସଆଇ, ଏସଆଇ ଓ ଇନ୍ସପେକ୍ଟରଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦେବେ ସରକାର। ଏହି ନିଯୁକ୍ତି ମିଳିବା ପରେ ସେମାନେ ସ୍ପେଶାଲ ପୁଲିସ ଅଫିସର ଭାବେ କାର୍ଯ୍ୟ କରିବେ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ପୁନଃନିଯୁକ୍ତି ପାଇବାକୁ ଥିବା ପୁଲିସ ଅଧିକାରୀଙ୍କ ବୟସ ୬୫ ବର୍ଷ ଭିତରେ ହୋଇଥିବ। ଚାକିରି ସମୟରେ ଏସପିଓ ଭାବେ ଏକ ବର୍ଷ କାର୍ଯ୍ୟ କରିଥିବେ। ସେମାନଙ୍କ ସର୍ଭିସ୍ ରେକର୍ଡ ଭଲ ଥିବ ଓ ଶାରୀରିକ ଭାବେ ଫିଟ୍ ଥିବେ। ଅବସର ପୂର୍ବରୁ ୫ ବର୍ଷରେ ତାଙ୍କର ସିସିଆର ଭଲ ଥିବ। ସେମାନଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ନ ଥିବ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସାମନା କରି ନ ଥିବେ। ପୁଲିସ ଡିଜି ଏକ ଚୟନ କମିଟି ଗଠନ କରି ଏହି ନିଯୁକ୍ତି ଦେବେ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଗୋଟିଏ ପଟେ ସରକାର ଅବସର ପରେ ନିଯୁକ୍ତିକୁ ସରକାର ମନା କରୁଥିବା ବେଳେ ପୁଲିସ ବିଭାଗ ପରି ଏକ ସମ୍ବେଦନଶୀଳ ବିଭାଗରେ ଏକାଥରେ ୮୦୦ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପାଇଁ ଯେତେବେଳେ ନିଷ୍ପତ୍ତି ହୋଇଛି, ସେତେବେଳେ ଏହାକୁ ନେଇ ସରକାରକୁ ସମାଲୋଚନା କରିଛି ବିଜେଡି। ବିଜେଡି କହିଛି ଯେ ପୂର୍ବରୁ ଯେଉଁ ପ୍ରସଙ୍ଗକୁ ବିଜେପି ସମାଲୋଚନା କରୁଥିଲା ଆଜି କ୍ଷମତାକୁ ଆସିବା ପରେ ସେହି କାମ ହିଁ କରୁଛି। ପୁଲିସ ବିଭାଗରେ ଅଫିସର ସ୍ତରରେ ହଜାର ହଜାର ପଦବୀ ଖାଲି ପଡ଼ିଛି। ଏପରିକି ପ୍ରାୟ ୪ ହଜାର ୨୧୯ଟି କନେଷ୍ଟବଳ ପଦବୀ ପାଇଁ ଅନୁମୋଦନ ମିଳିଥିଲେ ବି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ରାଜ୍ୟର ବିଭିନ୍ନ ଥାନାରେ ୩ ହଜାର ପଦବୀ ଖାଲି ପଡ଼ିଛି। ପୁଲିସ ଏସଆଇ ପରୀକ୍ଷାରେ ବିଭ୍ରାଟକୁ ନେଇ ଆଶାୟୀମାନେ ହତାଶ ହୋଇପଡ଼ିଛନ୍ତି। ଦୁଇ ଥର ପରୀକ୍ଷା ବାତିଲ ହୋଇଛି। କେବେ ପରୀକ୍ଷା ହେବ, ତାକୁ ଆଶାୟୀମାନେ ଚାତକ ଭଳି ଚାହିଁ ବସିଛନ୍ତି। ଏଭଳି ସ୍ଥିତିରେ ପୁଣି ଅବସରପ୍ରାପ୍ତ ପୁଲିସଙ୍କୁ ଥଇଥାନ ପାଇଁ ସରକାରଙ୍କ ଏହି ନିଷ୍ପତ୍ତି ଆଶାୟୀମାନଙ୍କୁ ହତାଶ କରିଛି।



# ଏପ୍ରିଲ୍ ୧୬ରୁ ପ୍ରଥମ ପର୍ଯ୍ୟାୟ ଜନଗଣନା

ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ଓଡ଼ିଶାରେ ଆସନ୍ତା ଏପ୍ରିଲ ୧୬ ତାରିଖରୁ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେବ। ଏପ୍ରିଲ୍ ୧୬ରୁ ଆରମ୍ଭ ହୋଇ ମେ' ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ପ୍ରଥମ ପର୍ଯ୍ୟାୟ ଜନଗଣନା। ପ୍ରଥମ ପର୍ଯ୍ୟାୟରେ ୩୦ ଦିନ ଧରି ଚାଲିବ ଘର ଗଣନା। ଏନେଇ ଆଜି ରାଜସ୍ୱ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଆସନ୍ତା ବର୍ଷ ଫେବୃଆରୀରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା। ପ୍ରଥମ ପର୍ଯ୍ୟାୟରେ ଘର ଓ ଆସବାବପତ୍ର ଗଣନା ହେବ। ଆଉ ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନଗଣନା। ଏଥିପାଇଁ ନିଯୁକ୍ତ ହେବେ ଲକ୍ଷାଧିକ ଜନଗଣନା ଅଧିକାରୀ।




**ରାଜସ୍ୱ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ**

ରାଜ୍ୟରେ ଜନଗଣନା ପାଇଁ ୬ ମାସ ଆଗରୁ ପ୍ରସ୍ତୁତି ଚାଲିଥିଲା। ଭୁବନେଶ୍ୱର କଟକରେ ପ୍ରି-ଟେଷ୍ଟ ସରିଛି। ନୂତନ ଭାବେ ଘୋଷିତ ହୋଇଥିବା ଏନଏସି ଓ ପୌରପାଳିକା ସୀମା ମଧ୍ୟ ଚୂଡ଼ାନ୍ତ ହୋଇଛି। ଆସନ୍ତା ୩ ମାସ ଧରି ଜନଗଣନା ଅଧିକାରୀଙ୍କୁ ଟ୍ରେନିଂ ଦିଆଯିବ। ମିଳିଥିବା ସୂଚନା ଅନୁସାରେ, ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବେ। ସେହିପରି ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପରଭାଇଜର ନିଯୁକ୍ତ ହେବେ। ଏଥିସହ ପ୍ରାୟ ଲକ୍ଷେ ଜନଗଣନା ଅଧିକାରୀ ନିଯୁକ୍ତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ➪ପୃଷ୍ଠା-୬

# ନିର୍ମାଣ ହେବ ନୂଆ ସୁଉଚ୍ଚ ଭବ୍ୟ ମନ୍ଦିର

**୩ ବର୍ଷରେ ସରିବ କାମ**

**ପର୍ଯ୍ୟଟନକୁ ମିଳିବ ନୂଆ ଦିଶା**




ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ମହିମା ଧର୍ମର ପ୍ରମୁଖ ପୀଠ ତଥା ଯୋରନ୍ଦାସ୍ଥିତ ମହିମା ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ନେଇ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମହିମା ମନ୍ଦିର ବା ଶୂନ୍ୟ ମନ୍ଦିର ଭିତରେ ଥାଇ ଏହାକୁ ଆବୃତ୍ତ କରି ତା' ଉପରେ ଏକ ସୁଉଚ୍ଚ ତଥା ଭବ୍ୟ ମନ୍ଦିର ନିର୍ମାଣ ନେଇ ଆଲୋଚନା ହୋଇଛି। ଏଥିସହ ମନ୍ଦିର ପରିସରରେ ଥିବା ଅଖଣ୍ଡ ଜ୍ୟୋତି ମନ୍ଦିର, ଭଜନ ମଣ୍ଡପ, ପ୍ରାର୍ଥନା ଗୃହ ଓ ପୁଷ୍କରିଣୀ ସହ ପାରିପାର୍ଶ୍ୱିକ ଉନ୍ନତି ନେଇ ବିଚାରବିମର୍ଶ ହୋଇଛି। ତା'ଛଡ଼ା ରୋଷଘର, ଯାତ୍ରୀ ନିବାସ, ପାର୍କିଂ ବ୍ୟବସ୍ଥା ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡ଼ିଛି। ମହିମା ପୀଠର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଥିବା ବେଳେ ସେହି ଅନୁସାରେ ସମସ୍ତ ସାଧୁ, ମହିମା ଧର୍ମାବଲମ୍ବୀଙ୍କ ସହ ଆଲୋଚନା କରି ଏହି ଉନ୍ନୟନ ପ୍ରକଳ୍ପର ନକ୍‌ସା ପ୍ରସ୍ତୁତ ହୋଇଛି ବୋଲି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ ➪ପୃଷ୍ଠା-୬

# ଯାଜପୁର ବାଘ ଏବେ କାଗଜ ବାଘ



**ଛିଗୁଲେଇଲେ ଡ୍ୟାନି ଘଡ଼ାଇ**

ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ଏକଦା ଯାଜପୁର ରାଜନୀତିରେ ନିଜକୁ ବାଘ ବୋଲି କହି ବୁଲୁଥିବା ନେତା ଏବେ କାଗଜବାଘ ହୋଇଯାଇଛନ୍ତି। ଅଧିକନ୍ତୁ ସେ ଏମିତି ଏକ କାଗଜବାଘ ଯେ ସେଥିରୁ ରଙ୍ଗ ବି ଛାଡ଼ିଗଲାଣି। ଆଜି ଏଭଳି ଢଙ୍ଗରେ ନିଜ ଦଳର ନେତାଙ୍କୁ ଛିଗୁଲେଇଛନ୍ତି ବିଜେଡିର ଯୁବନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଓରଫ ଡ୍ୟାନି ଘଡ଼ାଇ।

ଯାଜପୁର ରାଜନୀତିରେ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ସଂକ୍ରାନ୍ତରେ କେତେକ ଗଣମାଧ୍ୟମ ଡ୍ୟାନିଙ୍କ ମତ ଲୋଡ଼ିବା ସମୟରେ ତାଙ୍କୁ ଯାଜପୁର ବାଘ ବୋଲି ଉଚ୍ଚାରଣ କରିଥିଲେ। ତତ୍କାଳ ପ୍ରତିକ୍ରିୟା ଦେଇ ଡ୍ୟାନି କହିଥିଲେ ଯେ ଯାହାଙ୍କୁ ବାଘ ବୋଲି କହୁଛ, ସିଏ କେବେ ବି ବାଘ ନଥିଲେ। ନିଜ ଭିତରେ ଥିବା ବିଲେଇପଣକୁ ଲୁଚାଇବାକୁ ସେ ନିଜକୁ ଲୋକଙ୍କ ନିକଟରେ ବାଘ ବୋଲି ଦର୍ଶାଉଥିଲେ। ଗତ ବିଧାନସଭା ନିର୍ବାଚନ ପରେ ତାଙ୍କ କାଗଜବାଘ ପଣିଆ ପଦାକୁ ଆସିଯାଇଛି। ଡ୍ୟାନିଙ୍କ ଏଭଳି ଛିଗୁଲିଆ କଥାଗୁଡ଼ାକ କାହା ପ୍ରତି ଥିଲା ତାହା ଆଉ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଅବୁଝା ନଥିଲା। ନିକଟରେ ଯାଜପୁର ରାଜନୀତିରେ ବିଜେଡିର ଦୁଇ ଯୁବ ନେତା ମୁହାଁମୁହିଁ ହୋଇଥିବା ➪ପୃଷ୍ଠା-୬

### ଚୌଦ୍ୱାର ଜେଲ୍ କଳି ମାମଲା

# ପୂର୍ବତନ ଜେଲର ଓ ଅଧୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ



ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲ ଅଧୀକ୍ଷକ ସୁଜିତ ରାଉଳ ଓ ପୂର୍ବତନ ଜେଲର ସନ୍ତୋଷିନୀ ଦାସଙ୍କ ମଧ୍ୟରେ ବିବାଦ ଏବେ ରାଜ୍ୟ ପୁଲିସ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଜେଲ୍‌ର ଦୁଇ ବରିଷ୍ଠ ଅଧିକାରୀ ପରସ୍ପର ବିରୋଧରେ ଥାନାରେ ଏଫଆଇଆର ଦେବା ପୁଲିସ ବିଭାଗର ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ନେଇ ଏବେ ଜେଲ ବିଭାଗ ପକ୍ଷରୁ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ଜେଲ ଡିଆଇଜି ବୀରେନ ସାହୁ କହିଛନ୍ତି। ଗଣମାଧ୍ୟମରେ ଖବର ଆସିବା ପରେ ଉଭୟଙ୍କୁ କାରଣ ଦର୍ଶାଇବା ପାଇଁ କୁହାଯାଇଛି। ଘଟଣା ଉପରେ ଗୃହ ବିଭାଗ ଉଦ୍‌ବେଗ ପ୍ରକାଶ କରିବା ସହ ଜେଲ ➪ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ବିଜୟଙ୍କୁ ଡରୁଛନ୍ତି ବିଜେଡିର ବରିଷ୍ଠ





**ନବୀନ ହେଲେ ଖପ୍ପା**

**ନିବାସ ଡାକି ଟିଉସନ**

ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ): ବିଜେଡିର ଦୁଇ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନକୁ ନେଇ ଆଲୋଚନା ଥମୁ ନ ଥିବା ବେଳେ ଏହି ପ୍ରସଙ୍ଗରେ ବିଜେଡିର ବରିଷ୍ଠ ନେତାମାନେ ମୁହଁ ନ ଖୋଲିବାକୁ ସହଜରେ ହଜମ କରିପାରିନାହାନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଏଥିପାଇଁ ଦଳର ବରିଷ୍ଠ ନେତାଙ୍କୁ ନବୀନ ନିବାସ ଡାକି ନିଜର ଅସନ୍ତୋଷ ଜାହିର କରିବା ସହିତ ଟିଉସନ କରିଥିବା ନେଇ ଚର୍ଚ୍ଚା ହେଉଛି।

ଦଳରୁ ଦୁଇ ବିଧାୟକଙ୍କୁ ନିଲମ୍ବନ ପ୍ରସଙ୍ଗରେ ନବୀନ ପଟ୍ଟନାୟକ ନିଜେ ମୁହଁ ଖୋଲି ନ ଥିବା ବେଳେ ଦଳର ଦ୍ୱିତୀୟ ଧାଡ଼ିର ନେତା ଓ ମୁଖପାତ୍ରମାନେ ଏହା ଉପରେ ସଫେଇ ଦେଉଛନ୍ତି। ଦୁଇ ଦିନରେ ଏମାନେ ଚାରି ପ୍ରକାର କଥା କହିଛନ୍ତି। ପ୍ରଥମେ ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକ, ପରେ ଦଳକୁ ଭାଙ୍ଗିବାର ଷଡ଼ଯନ୍ତ୍ର କରିବା, କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀଙ୍କୁ ହରାଇବା ଓ ନିଜର ପ୍ରଚାରପତ୍ରରେ ଦଳୀୟ ଚିହ୍ନ କିମ୍ବା ନବୀନଙ୍କ ଫଟୋ ନ ରଖିବାର ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗ ସହ ବରିଷ୍ଠ ନେତା ତଥା ଅରବିନ୍ଦଙ୍କ ପିତା ବିଜୟ ମହାପାତ୍ରଙ୍କ ନାମ ଯୋଡ଼ି ଦେଇଛନ୍ତି। ବିଜେଡିକୁ ଭାଙ୍ଗିବା ପାଇଁ ବିଜୟ ପୁଅଙ୍କ ଜରିଆରେ ଷଡ଼ଯନ୍ତ୍ର ରଚିଥିଲେ ବୋଲି କହିଛନ୍ତି।

ତେବେ ଦଳର ବରିଷ୍ଠ ନେତାମାନେ ଏହି ପ୍ରସଙ୍ଗରେ ଏବେ ବି ଚୁପ୍ ରହିଛନ୍ତି। ଏଥିପାଇଁ ଆଜି ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ ଓ ପ୍ରମିଳା ମଲ୍ଲିକ ପ୍ରମୁଖଙ୍କୁ ନବୀନ ନିବାସ ଡକରା ଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବରିଷ୍ଠମାନେ କାହିଁକି ଏହି ପ୍ରସଙ୍ଗରେ ଚୁପ୍ ରହିଛନ୍ତି ତାହାକୁ ନେଇ ନବୀନ ଅସନ୍ତୋଷ ପ୍ରକଟ କରିବା ସହ ସମସ୍ତଙ୍କୁ ତାଗିଦ୍ କରିଛନ୍ତି। ତେବେ ହେଉଥିବା ଆଲୋଚନା ଅନୁଯାୟୀ, ବିଜେଡିର ବରିଷ୍ଠ ➪ପୃଷ୍ଠା-୬

# ରାଜ୍ୟସ୍ତରୀୟ ପରେଡ୍‌ରେ ରାଜ୍ୟପାଳ ମୁଖ୍ୟ ଅତିଥି

- କଟକରେ ପରେଡ୍ ଅଭିବାଦନ ନେବେ ମୁଖ୍ୟମନ୍ତ୍ରୀ
- ୧୬ ଜିଲ୍ଲାରେ ଅଫିସର କରିବେ ପତାକା ଉତ୍ତୋଳନ

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଆଉ ମାତ୍ର କିଛି ଦିନ ପରେ ଦେଶ ପାଳନ କରିବ ୭୭ ତମ ସାଧାରଣତନ୍ତ୍ର ଦିବସ। ଏହି ଦିନରେ ରାଜ୍ୟ ପ୍ରାୟ ସମସ୍ତ ଜିଲ୍ଲା ସମେତ ରାଜଧାନୀ ଭୁବନେଶ୍ୱରରେ ହେବ ପତାକା ଉତ୍ତୋଳନ। ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡ ଓ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିବେ। ୧୭ଟି ସ୍ଥାନରେ ଆରଡିସି ଓ ଜିଲ୍ଲାପାଳମାନେ ପତାକା ଉତ୍ତୋଳନ ସହ ପରେଡ ଅଭିବାଦନ ନେବେ।

କଟକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କହ ପ୍ୟାରେଡ ଅଭିବାଦନ ଗ୍ରହଣ କରିବେ। ସେହିଭଳି କୋରାପୁଟରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଖୋର୍ଦ୍ଧାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ରାୟଗଡ଼ାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦୁଝରରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କନ୍ଧମାଳରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମାଲକାନଗିରିରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଭଦ୍ରକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କଳାହାଣ୍ଡିରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ, ନୟାଗଡ଼ରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବାଲେଶ୍ୱରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବୌଦ୍ଧରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିବେ। ସେହିପରି କେନ୍ଦ୍ରାପଡ଼ାରେ କେନ୍ଦ୍ରାଞ୍ଚଳ ଆରଡିସି, ବ୍ରହ୍ମପୁରରେ ଉତ୍ତରାଞ୍ଚଳ ଆରଡିସି, ରାଉରକେଲାରେ ଦକ୍ଷିଣାଞ୍ଚଳ ଆରଡିସି, ଅନୁଗୁଳରେ ଜିଲ୍ଲାପାଳ, ବଲାଙ୍ଗୀରରେ ଜିଲ୍ଲାପାଳ, ଦେଓଗଡ଼ରେ ଜିଲ୍ଲାପାଳ, ଛତ୍ରପୁରରେ ଗଞ୍ଜାମ ଜିଲ୍ଲାପାଳ, ପାରଳାଖେମୁଣ୍ଡିରେ ଗଜପତି ଜିଲ୍ଲାପାଳ, ଝାରସୁଗୁଡ଼ାରେ ଜିଲ୍ଲାପାଳ, ଯାଜପୁରରେ ଜିଲ୍ଲାପାଳ, ଜଗତସିଂହପୁରରେ ଜିଲ୍ଲାପାଳ ପତାକା ଉତ୍ତୋଳନ କରିବେ।

### ୧୧ ଦିନିଆ ମେଳାରେ ୩୦ କୋଟିର ବ୍ୟବସାୟ

# ଆତ୍ମନିର୍ଭର ଓଡ଼ିଶା ପାଇଁ ଭିତ୍ତି ସୃଷ୍ଟି କରିଛି 'ଶିଶିର ସରସ'




**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଓରମାସ ଓ ସୁଭଦ୍ରା ଶକ୍ତିର ମିଳିତ ଉଦ୍ୟମରେ ସ୍ଥାନୀୟ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ଶିଶିର ସରସ-୨୦୨୬' ଆଜି ଉଦ୍‌ଯାପିତ ହୋଇଛି। ଧାର୍ଯ୍ୟ ସମୟଠାରୁ ଦୁଇ ଦିନ ଅଧିକ ଅନୁଷ୍ଠିତ ହୋଇଥିବା ଏହି ମେଳାରେ ମୋଟ ୩୪୦ଟି ଷ୍ଟଲ୍ ମାଧ୍ୟମରେ ଓଡ଼ିଶା ସହ ଦେଶର ୨୦ଟି ରାଜ୍ୟର କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ। ଏହି ୧୧ଦିନିଆ ମେଗା ମେଳାରେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେଥିମଧ୍ୟରୁ ମକର ସଂକ୍ରାନ୍ତି ଅବସରରେ ଆୟୋଜିତ ଗୁଡ଼ି ଉତ୍ସବ ଆଧୁନିକ ପିଢ଼ିକୁ ପାରମ୍ପରା ଓ ସଂସ୍କୃତି ସହ ଯୋଡ଼ିଥିଲା। ସାଂସ୍କୃତିକ ମଞ୍ଚରେ ବଲିଉଡ୍ କଣ୍ଠଶିଳ୍ପୀ ଦିବ୍ୟ କୁମାରଙ୍କ ସଙ୍ଗୀତମୟ ପ୍ରସ୍ତୁତି ସହ ଓଲିଉଡ୍ ତାରକା ପ୍ରକୃତି ମିଶ୍ରଙ୍କ ର୍‍ୟାମ୍ପଓ୍ୱାକ୍ ଦର୍ଶକଙ୍କ ମନ ମୋହିଥିଲା। ମେଳା ପରିସରରେ ସ୍ଥାପିତ ୩୫ଟି ଫୁଡ୍ ଷ୍ଟଲ୍ ସହ ଲାଇଭ୍ କିଚେନ୍ ପରିଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ସେଠାରେ ଦର୍ଶକମାନଙ୍କୁ ଓଡ଼ିଶା ସହ ଦେଶର ବିଭିନ୍ନ ରାଜ୍ୟର ପାରମ୍ପରିକ ଖାଦ୍ୟର ସ୍ୱାଦ ଉପଭୋଗ କରିବା ସୁଯୋଗ ମିଳିଥିଲା।

ମେଳା ଅବସରରେ ଗ୍ରାମୀଣ ଉଦ୍ୟମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସଶକ୍ତିକରଣ ଲକ୍ଷ୍ୟରେ ବିଭିନ୍ନ ଦକ୍ଷତା ବୃଦ୍ଧି କର୍ମଶାଳା ଆୟୋଜିତ ହୋଇଥିଲା। ଏପିକଲ୍, ଭୁବନେଶ୍ୱର ପକ୍ଷରୁ ରାଜ୍ୟ ସରକାରୀ ଯୋଜନା ଓ ଉଦ୍ୟମ ପ୍ରୋତ୍ସାହନ ଉପରେ କର୍ମଶାଳା ଆୟୋଜିତ ହୋଇଥିବା ବେଳେ ଆଇଆଇପି, ମୁମ୍ବାଇ ପକ୍ଷରୁ ପ୍ୟାକେଜିଂ, ବ୍ରାଣ୍ଡିଂ ଓ ଉତ୍ପାଦର ବଜାର ସଫଳତା ସମ୍ପର୍କିତ ପ୍ରାୟୋଗିକ ଜ୍ଞାନ ପ୍ରଦାନ କରାଯାଇଥିଲା। ସେହିପରି ଓରମାସ ଓ ସିପିସିଆରଆଇ ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର ମାଧ୍ୟମରେ ନଡ଼ିଆଭିତ୍ତିକ ମୂଲ୍ୟବର୍ଦ୍ଧିତ ଉତ୍ପାଦର ବାଣିଜ୍ୟିକ ଉତ୍ପାଦନ ପାଇଁ ପ୍ରଯୁକ୍ତି ହସ୍ତାନ୍ତରର ପଥ ପ୍ରଶସ୍ତ ହୋଇଛି। ଏହା ଗ୍ରାମୀଣ ଜୀବିକା ବିକାଶକୁ ନୂଆ ଗତି ଦେବ। ଏହି ମେଗା ମେଳା ଅବଧିରେ ହୋଇଥିବା ବିପୁଳ ବିକ୍ରୟ ସହ ଅନେକ ଷ୍ଟଲ୍‌ର ଉତ୍ପାଦ 'ଆଉଟ୍ ଅଫ୍ ଷ୍ଟକ୍' ହୋଇଯିବା ପରିଦର୍ଶକଙ୍କ ସ୍ୱୀକୃତିକୁ ସ୍ପଷ୍ଟ କରିଛି। ଚଳିତ ବର୍ଷ ମେଳାରେ ସର୍ବମୋଟ ୩୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ ହୋଇଛି, ଯାହାକି ଏକ ରେକର୍ଡ। ଷ୍ଟଲ୍ ମାଲିକମାନେ ଏହି ସଫଳ ଆୟୋଜନ ପାଇଁ ଓରମାସ ଓ ସୁଭଦ୍ରା ଶକ୍ତି ପ୍ରତି କୃତଜ୍ଞତା ଜଣାଇଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ମେଳାର ସୁଚାରୁ ଆୟୋଜନ, ବିପୁଳ ଅଂଶଗ୍ରହଣ ଓ ବ୍ୟାବସାୟିକ ସଫଳତା ପାଇଁ ସମ୍ପୂର୍ଣ୍ଣ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। 'ଶିଶିର ସରସ–୨୦୨୬'ର ଆର୍ଥିକ ସଫଳତା ଆତ୍ମନିର୍ଭର ଓଡ଼ିଶା ଗଢ଼ିବା ଦିଗରେ ଏକ ଦୃଢ଼ ଭିତ୍ତି ସୃଷ୍ଟି କରିଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ଚନ୍ଦନ ହଜୁରୀଙ୍କ ସ୍ମୃତିରେ ମାଲ୍ୟାର୍ପଣ



**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଇଂରେଜ ଶାସନର ଅନ୍ୟାୟ, ଶୋଷଣ ଓ ଦମନମୂଳକ ନୀତି ବିରୋଧରେ ଓଡ଼ିଶାରେ ଆରମ୍ଭ ହୋଇଥିବା ସ୍ୱାଧୀନତା ସଂଗ୍ରାମରେ ଚନ୍ଦନ ହାଜୁରୀ ବା ଚାଖି ଖୁଣ୍ଟିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଜଗନ୍ନାଥ ମହାପ୍ରଭୁଙ୍କ ସେବାକୁ କେନ୍ଦ୍ର କରି ସାଧାରଣ ଲୋକଙ୍କୁ ଏକତ୍ରିତ କରି ସେ ଇଂରେଜ ଶାସନ ବିରୋଧରେ ସଚେତନତା ଓ ସଂଗଠନ ଗଢ଼ି ତୋଳିଥିଲେ। ତାଙ୍କର ଏହି ଉଦ୍ୟମ ଏବେ ବି ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ହୋଇ ରହିଛି। ଆଜି ଏହି ବରପୁତ୍ରଙ୍କ ସ୍ମୃତିରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏଠାରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଚନ୍ଦନ ହଜୁରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଅଦ୍ୱିତୀୟ ଦେଶପ୍ରେମ, ବଳିଦାନ ଓ ସଂଗ୍ରାମମୟ ଜୀବନକୁ ସ୍ମରଣ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଚନ୍ଦନ ହଜୁରୀଙ୍କ ଦେଶପ୍ରେମ, ଆତ୍ମବଳିଦାନ ଓ ଜନସାଧାରଣଙ୍କୁ ସଂଗଠିତ କରିବାର ଆଦର୍ଶ ଆଗାମୀ ପିଢ଼ି ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ବକ୍ତାମାନେ ମତ ପୋଷଣ କରିଥିଲେ।

## ଭିଡ଼ ଯନ୍ତ୍ରଣା ରୋକିବାକୁ ଅତିରିକ୍ତ କୋଚ ସଂଯୋଗ

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ପରିଚାଳନା ସହ ସେମାନଙ୍କୁ ଯାତ୍ରା ସମୟରେ ଅଧିକ ଆରାମ ଦେବା ସକାଶେ ପୂର୍ବତଟ ରେଳପଥ ତେଜସ ରାଜଧାନୀ ଏକ୍ସପ୍ରେସ ସମେତ କେତେକ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟା ବଢ଼ାଇଛି। ଏହି ଅନୁସାରେ, ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ ରାଜଧାନୀ ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୨୨୮୨୩)ରେ ଆସନ୍ତା ୨୩ରେ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ ରାଜଧାନୀ ଏକ୍ସପ୍ରେସ୍ (ଟ୍ରେନ୍ ନମ୍ବର ୨୨୮୨୪)ରେ ଆସନ୍ତା ୨୪ରେ ଗୋଟିଏ ଅତିରିକ୍ତ ଏସି ୨-ଟାୟାର କୋଚ୍ ସଂଯୋଗ କରାଯିବ। ତା'ଛଡ଼ା ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍ (ନମ୍ବର ୧୮୪୪୭)ରେ ଆସନ୍ତା ୨୪ରୁ ୩୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ ଶ୍ରେଣୀ କୋଚ୍ ସଂଯୋଗ କରାଯିବ। ଏହା ଅଧିକ ଚାହିଦା ସମୟରେ ଅତିରିକ୍ତ ଆରାମ ପ୍ରଦାନ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ଆହୁରି ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ (ନମ୍ବର ୧୮୪୪୮)ରେ ଆସନ୍ତା ୨୫ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର୍ କ୍ଲାସ କୋଚ୍ ସଂଯୋଗ କରାଯିବ। ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ (ଟ୍ରେନ୍ ନମ୍ବର ୧୨୨୭୮)ରେ ଆସନ୍ତା ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ। ଆହୁରି ହାଓଡା-ପୁରୀ ଶତାବ୍ଦୀ ଏକ୍ସପ୍ରେସ (ନମ୍ବର ୧୨୨୭୭)ରେ ଆସନ୍ତା ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର କୋଚ୍ ସଂଯୋଗ କରାଯିବ।

- ଉଠାଦୋକାନୀଙ୍କ ରାଜ୍ୟସ୍ତରୀୟ ସମ୍ମେଳନ

## ଆଇନର ସଠିକ୍ କାର୍ଯ୍ୟାନ୍ୱୟନ ଦାବି

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଆଜି ଜାତୀୟ ଉଠା ବ୍ୟବସାୟୀ ଦିବସରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ମହାସଂଘ ଓ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଭେଣ୍ଡିଂ ଜୋନ୍ ମହାସଂଘର ମିଳିତ ଉଦ୍ୟମରେ ଏଠାରେ ପଦଯାତ୍ରା ଓ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ହଜାର ହଜାର କ୍ଷୁଦ୍ର ଓ ଉଠା ବ୍ୟବସାୟୀ ଯୋଗଦେଇ ଆଇନର ସଠିକ୍ କାର୍ଯ୍ୟାନ୍ୱୟନ ଦାବିକୁ ଜୋର୍ କରିଥିଲେ। ଏହି ପଦଯାତ୍ରା ପୂର୍ବାହ୍ନ ୯ଟାରୁ ବିଏମସି କାର୍ଯ୍ୟାଳୟଠାରୁ ବାହାରି ୟୁନିଟ୍-୫ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ପହଞ୍ଚିଥିଲା। ସେଠାରେ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଉଠା ବ୍ୟବସାୟୀଙ୍କ ସମସ୍ୟା, ଭେଣ୍ଡିଂ ଜୋନ୍, ସାମାଜିକ ସୁରକ୍ଷା, ପୁନର୍ବାସ ଓ ଆଇନଗତ ଅଧିକାର ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସରକାରଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏହି ସଭାରେ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ ରାଉତ, ବରିଷ୍ଠ ରାଜନେତା ଜଗନ୍ନାଥ ପ୍ରଧାନ ଓ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ବ୍ୟବସାୟୀମାନଙ୍କୁ ଉତ୍ସାହିତ କରିଥିଲେ।

### ଗ୍ରାମ୍ୟ ଉନ୍ନୟନ ବିଭାଗର ବ୍ୟୟ ସମୀକ୍ଷା ବୈଠକ

# ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ରାଜ୍ୟର ଉନ୍ନୟନ ପ୍ରକଳ୍ପଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ଓ ନିର୍ଦ୍ଧାରିତ ବ୍ୟୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବ୍ୟୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ସମୀକ୍ଷା ବୈଠକରେ ଚଳିତ ଆର୍ଥିକ ବର୍ଷରେ ପିଏମ୍ ଜନ୍ ମନ୍, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନ୍ୟାନ୍ୟ ଯୋଜନା ବିଷୟରେ ସବିସ୍ତୃତ ସମୀକ୍ଷା କରାଯାଇଥିଲା। ଉପସ୍ଥିତ ଅଧିକାରୀମାନେ ନିର୍ମାଣାଧୀନ ଥିବା ସମସ୍ତ ପ୍ରକଳ୍ପର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକ ବିଷୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଅବଗତ କରାଇଥିଲେ। ବୈଠକରେ ମନ୍ତ୍ରୀ ଶ୍ରୀ ନାଏକ ସମସ୍ତ ପ୍ରକଳ୍ପର କାର୍ଯ୍ୟଗତିକୁ ତ୍ୱରାନ୍ୱିତ କରିବା ସହ ସମସ୍ତ ପରିକଳ୍ପିତ ବ୍ୟୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସଫଳତାର ସହ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ କମିଶନର ତଥା ସଚିବ ଯାମିନୀ ଷଡ଼ଙ୍ଗୀ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ବିସ୍ତୃତ କାର୍ଯ୍ୟ ପରିକଳ୍ପନା ଓ କୌଶଳଗତ ରଣନୀତି ଉପସ୍ଥାପନ କରିଥିଲେ।

ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ଶାସନ ସଚିବ ଗୀତାରାଣୀ ପଟ୍ଟନାୟକ, ସ୍ୱତନ୍ତ୍ର ଶାସନ ସଚିବ ସର୍ବେଶ୍ୱର ସିଂହ, ସ୍ୱତନ୍ତ୍ର ଶାସନ ସଚିବ ସଂଘମିତ୍ରା ଶତପଥୀ , ବିତ୍ତ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ ବୀଣାପାଣି ନାୟକ, ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ ଓ ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ କୁମାର ଜେନାଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖଟିଖିଆଙ୍କୁ ପଥଭ୍ରଷ୍ଟ କରିଛନ୍ତି ସରକାର: ପନଓ୍ୱାର




**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ରାଜୀବ ଗାନ୍ଧି ପଞ୍ଚାୟତ ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରାଜୀବ ଗାନ୍ଧି ପଞ୍ଚାୟତିରାଜ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏଥିସହ ରାଜୀବ ଗାନ୍ଧି ପଞ୍ଚାୟତିରାଜ ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁନୀଲ ପନଓ୍ୱାର କହିଛନ୍ତି ଯେ ଗତ ସଂସଦର ଅଧିବେଶନରେ ପାରିତ ହୋଇଥିବା ଭିଭି ଜି ରାମ ଜି ଦେଶର ବିକାଶରେ ବାଧକ ସାଜିବ। କାରଣ ମନରେଗା ଆଇନ ଦ୍ୱାରା ସାଧାରଣ ମଣିଷ ନିଜ ଗ୍ରାମ ପାଖରେ କାମ ଓ ରୋଜଗାର ପାଉଥିଲେ। ଏହା ଦେଶର ବିକାଶରେ ସହାୟକ ହେଉଥିଲା। ବର୍ତ୍ତମାନ ଭିଭି ଜି ରାମ ଜି ଆଇନରେ ଏହା ଉପଲବ୍ଧ ହେବ ନାହିଁ। କାରଣ ମନରେଗା କେବଳ ଏକ ଆଇନ ନଥିଲା, ବରଂ ଏହା ଗରିବ ଲୋକମାନଙ୍କର କାର୍ଯ୍ୟ କରିବାର ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେଉଥିଲା। ନୂଆ ଆଇନ ପ୍ରତ୍ୟାହାର ନ ହେଲେ ଦେଶର ବିପୁଳ କ୍ଷତି ଘଟିବ। କାରଣ ଏହି ଆଇନ ଖଟିଖିଆଙ୍କୁ ପଥଭ୍ରଷ୍ଟ କରିବ। ଆଗାମୀ ଦିନରେ ଭିବି ଜି ରାମ ଜି କଳା ଆଇନ ବିରୋଧରେ ଦେଶତମାମ ମନରେଗା ବଞ୍ଚାଅ ସମାବେଶ ମାଧ୍ୟମରେ ସଂଗ୍ରାମ ଜାରି ରହିବ ବୋଲି ଶ୍ରୀ ପନଓ୍ୱାର୍ କହିଛନ୍ତି। ଆରଜିପିଆରଏସର ଉପାଧ୍ୟକ୍ଷ କୁନାଲ ବାର୍ନାଜୀ ରାଜୀବ ଗାନ୍ଧି ପଞ୍ଚାୟତିରାଜ ସଂଗଠନ ତୃଣମୂଳ ସ୍ତରକୁ ଯାଇ ଏହି କଳା ଆଇନ ବିରୋଧରେ ଜନ ଜାଗରଣ ସୃଷ୍ଟି କରିବା ସହ ସଂଗଠନକୁ ମଜବୁତ କରିବ। ଶେଷରେ ଶ୍ରୀ ଦାସ ମନରେଗା ବଞ୍ଚାଅ ସତ୍ୟାଗ୍ରହରେ ଭାଗ ନେଇଥିବା ସତ୍ୟାଗ୍ରହୀ ଓ କଂଗ୍ରେସର ବରିଷ୍ଠ ନେତୃତ୍ୱଙ୍କୁ କିଭଳି ହତୋତ୍ସାହିତ କରାଯାଇଛି, ସେନେଇ ସୂଚନା ଦେଇଛନ୍ତି।

## ବିଜେପି ଓବିସି ମୋର୍ଚ୍ଚାର ନୂଆ ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା




**ଭୁବନେଶ୍ୱର,୨୦।୧ (ସଂଚାର ବ୍ୟୁରୋ):** ସରକାର ଗଠନରେ ଓବିସି ମୋର୍ଚ୍ଚାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ମୋର୍ଚ୍ଚା ଅନେକ ସାଂସଦ ଓ ବିଧାୟକ ତିଆରି କରିଛି। କିନ୍ତୁ ଓବିସି ବର୍ଗ ଆଜି ପଛରେ ରହିଛି। ଓବିସି ବର୍ଗର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି ଓବିସି ମୋର୍ଚ୍ଚାର ନୂଆ ରାଜ୍ୟ ସଭାପତି ତଥା ବିଧାୟକ ପ୍ରଦ୍ୟୁମ୍ନ ନାୟକ କହିଛନ୍ତି। ବିଜେପି ଓବିସି ମୋର୍ଚ୍ଚାର ନୂଆ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁ, ମୋର୍ଚ୍ଚା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୁଷ୍ମନ୍ତ ଦାସ, ପୂର୍ବତନ ଉପସଭାପତି ସୁବାସ ଜେନା, ସୁକାନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ।

### ବିଏଚ୍‌ୟୁରେ ବକ୍ତୃତା ପ୍ରଦାନ କାର୍ଯ୍ୟକ୍ରମ ବାତିଲ୍

## ସରକାରଙ୍କୁ ବିଜେଡିର ଟାର୍ଗେଟ୍

### ଓଡ଼ିଆ ସାହିତ୍ୟିକଙ୍କୁ ଅପମାନ ଅଭିଯୋଗ




**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଗତ ୧୬ ତାରିଖରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ରେ ପ୍ରତିଷ୍ଠିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଚେୟାର ପକ୍ଷରୁ ସନ୍ଥକବି ଭୀମ ଭୋଇଙ୍କ ଉପରେ ବକ୍ତୃତା ପ୍ରଦାନ ଲାଗି ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ କେଦାର ମିଶ୍ରଙ୍କୁ ନିମନ୍ତ୍ରଣ କରାଯାଇଥିଲା। ତେବେ ଶ୍ରୀ ମିଶ୍ର ସେଠାରେ ପହଞ୍ଚିବା ପରେ ଅଚାନକ କାର୍ଯ୍ୟକ୍ରମ ବାତିଲ୍ ହୋଇଥିବା ନେଇ ସୂଚନା ପାଇଥିଲେ। ତେବେ ଏହା ପଛରେ ଓଡ଼ିଶାରେ କ୍ଷମତାସୀନ ବିଜେପି ସରକାରଙ୍କ ଭୂମିକା ଥିବା ଅଭିଯୋଗ କରିବା ସହ ସରକାର ଏପରି ହୀନମନ୍ୟତାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛନ୍ତି ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ସେ କହିଛନ୍ତି ଯେ ବିଏଚ୍‌ୟୁ ପକ୍ଷରୁ ସନ୍ଥକବି ଭୀମ ଭୋଇଙ୍କ ଉପରେ ବକ୍ତୃତା ପ୍ରଦାନ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଶ୍ରୀ ମିଶ୍ରଙ୍କୁ ନିମନ୍ତ୍ରଣ କରିଥିଲେ। ଏହି କାର୍ଯ୍ୟକ୍ରମ ବହୁ ପୂର୍ବରୁ ସ୍ଥିର ହୋଇଥିଲା। ତଦନୁଯାୟୀ ଶ୍ରୀ ମିଶ୍ର ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ବନାରସରେ ପହଞ୍ଚିଥିଲେ। ତେବେ କାର୍ଯ୍ୟକ୍ରମ ଆରମ୍ଭ କହି ନିଜର ଅସହାୟତା ପ୍ରକାଶ କରିବା ସହ କାର୍ଯ୍ୟକ୍ରମ ବାତିଲ ନେଇ ସୂଚନା ଦେଇଥିଲେ। ତେବେ ୟୁପିରେ ବିଜେପି କ୍ଷମତାସୀନ ଥିବାରୁ ସେଠାକାର ସରକାରଙ୍କୁ ପ୍ରଭାବିତ କରି ଓଡ଼ିଶା ସରକାର ପରୋକ୍ଷ ଭାବେ ଓଡ଼ିଆ ସାହିତ୍ୟିକଙ୍କୁ ଅପମାନିତ କରିଥିବା ଡ. ମହାନ୍ତି ଅଭିଯୋଗ କରିଛନ୍ତି।

# ବରଗଡ଼ରେ କଂଗ୍ରେସର ଚାଷୀ ବିକ୍ଷୋଭ ସମାବେଶ



**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲାର ଜୀରା ନଦୀ କୂଳରୁ ବରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ନେତୃତ୍ୱରେ ଏକ ଚାଷୀ ଶୋଭାଯାତ୍ରା ବାହାରି ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ପରେ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ବି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଛନ୍ତି ଯେ ବରଗଡ଼ ଜିଲ୍ଲାର ଚାଷୀଙ୍କ ଅବସ୍ଥା ପ୍ରତି ବିଜେପି ସରକାର ପୂରାପୂରି ଉଦାସୀନ। ଏବେ ଭୁବନେଶ୍ୱରରୁ ଟୋକନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଉଛି। ଜିଲ୍ଲା ସ୍ତରରେ ନ ହେବା ଫଳରେ ଚାଷୀଙ୍କ ଦହଗଞ୍ଜ ବଢ଼ିଯାଇଛି। ଧାନ ସଂଗ୍ରହ ଅବ୍ୟବସ୍ଥା ମଧ୍ୟ ଚାଷୀଙ୍କୁ ହତାଶ କରିଛି। ରାଜ୍ୟରେ ବଳକା ବିଦ୍ୟୁତ୍ ଉତ୍ପାଦିତ ହେଉଥିଲେ ମଧ୍ୟ ଚାଷୀଙ୍କୁ ଏହାର ଫାଇଦା ମିଳୁନାହିଁ। ସେହିପରି ଦଳର ପ୍ରଭାରୀ ଅଜୟ କୁମାର ଲଲ୍ଲୁ ରାଜ୍ୟରେ ଚାଷୀ ଓ ବିଜୁଳି ଉପଭୋକ୍ତାଙ୍କ ଶୋଷଣକୁ କଂଗ୍ରେସ କଦାପି ବରଦାସ୍ତ କରିବ ନାହିଁ। କାର୍ଯ୍ୟକ୍ରମରେ ପୂର୍ବତନ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା, ଶୁଭେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ।

# କ୍ୟାସଲେସ୍ ହେବ ସିଡିଏ କାର୍ଯ୍ୟାଳୟ

### ୫ ଲକ୍ଷ ପର୍ଯ୍ୟନ୍ତ ହୋଇପାରିବ ଅନଲାଇନ୍ ପେମେଣ୍ଟ




**କଟକ,୨୦।୧(ସଂଚାର ବ୍ୟୁରୋ):** କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) କାର୍ଯ୍ୟାଳୟକୁ କ୍ୟାସଲେସ୍ କରିବା ଦିଗରେ ଆଜି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି ନିଷ୍ପତ୍ତି ଅନୁସାରେ, ଏଣିକି ସିଡିଏରେ ଅନଲାଇନ୍‌ରେ ବିଭିନ୍ନ ଦେୟ ପଇଠ କରିହେବ। ଆଜିଠାରୁ ଏହି ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ଆଧାରିତ ଡିଜିଟାଲ୍ ପେମେଣ୍ଟ ସୁବିଧା ଆରମ୍ଭ ହୋଇଛି। ଲିଙ୍କ୍ ରୋଡ୍‌ସ୍ଥିତ ଅରୁଣୋଦୟ ଭବନସ୍ଥିତ ସିଡିଏ କାର୍ଯ୍ୟାଳୟର ଅର୍ଥ ଶାଖା ସିଙ୍ଗଲ୍-ୱିଣ୍ଡୋ କାଉଣ୍ଟରରେ ଏକ ସମର୍ପିତ 'ଡିଜିଟାଲ୍ ପେମେଣ୍ଟ ସେଲ୍' କାର୍ଯ୍ୟକ୍ଷମ ହୋଇଛି। ଏହା ମାଧ୍ୟମରେ କ୍ୟୁଆର୍ କୋଡ୍, ୟୁପିଆଇ ଓ କାର୍ଡ ସ୍ୱାଇପ୍ ଦ୍ୱାରା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ ଗ୍ରହଣ କରାଯିବ। ସେହିପରି ଏହି ସୀମା ମଧ୍ୟରେ ନଗଦ ଦେୟ ଆଉ ଗ୍ରହଣ କରାଯିବ ନାହିଁ। ସିଡିଏ ଉପାଧ୍ୟକ୍ଷା କିରଣଦୀପ କୌର ସହୋତା କହିଛନ୍ତି ଯେ ଏହି ବ୍ୟବସ୍ଥା ପାଇଁ ପ୍ରଶାସନିକ ସ୍ୱଚ୍ଛତା ସହ ତ୍ୱରିତ ସେବା ଓ ନାଗରିକ ସୁବିଧା ବୃଦ୍ଧି ପାଇବ।

# ବିଏମସି ଅବହେଳାରୁ ଅଘଟଣ ଅଭିଯୋଗ

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ପୁଣି ରାଜଧାନୀର ସବୁଠୁ ବଡ଼ ବ୍ୟାବସାୟିକ ପେଣ୍ଠସ୍ଥଳୀ ଏକ ନମ୍ବର ହାଟରେ ଲାଗିଲା ନିଆଁ। ଜଳିପୋଡ଼ି ଛାରଖାର ହୋଇଗଲା ବହୁ ଦୋକାନ। ବିଏମସିର ଅବହେଳା ପାଇଁ ହାଟରେ ବାରମ୍ବାର ନିଆଁ ଲାଗୁଛି। ବାରମ୍ବାର ବିଏମସି ହାଟ ବ୍ୟବସାୟୀଙ୍କ ପାଇଁ ଏସଓପି ଜାରି କରୁଥିଲେ ବି ନିର୍ଦ୍ଦେଶର ଅନୁପାଳନ ହେଉଛି କି ନାହିଁ, ତା'ର ତଦାରଖ କରାଯାଉନାହିଁ। ହାଟ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁନାହିଁ। ଏଥିପାଇଁ ହାଟରେ ବାରମ୍ବାର ନିଆଁ ଲାଗୁଛି ଓ ବ୍ୟବସାୟୀମାନେ ବିପୁଳ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ଗତକାଲି ରାତିରେ ନିଆଁ ଲାଗିବା ପରେ ସ୍ଥାନୀୟ ଜନପ୍ରତିନିଧି ଏଭଳି ଅଭିଯୋଗ କରିଛନ୍ତି। ଗତକାଲି ମଧ୍ୟରାତ୍ରିର ଏହି ଅଘଟଣକୁ ନେଇ ସ୍ଥାନୀୟ ଜନପ୍ରତିନିଧି ବିଏମସିକୁ ସିଧାସଳଖ ଦାୟୀ କରିବା ପରେ ବିଏମ୍‌ସିର ଚେତା ପଶିଛି। ମେୟର ସୁଲୋଚନା ଦାସ ଘଟଣାସ୍ଥଳକୁ ଯାଇ ଆଜି ଦିନକଏକ ନମ୍ବର ହାଟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ଏପରିକି ଆବଶ୍ୟକ ପଡ଼ିଲେ, ବନ୍ଦ ଅବଧିକୁ ବୃଦ୍ଧି କରାଯିବ ବୋଲି ଶ୍ରୀମତୀ ଦାସ କହିଛନ୍ତି। ତାଙ୍କ କହିବାନୁସାରେ, କିଛି ଦୋକାନୀ ଧାର୍ଯ୍ୟ ନିୟମ ମାନୁନାହାନ୍ତି। ପ୍ଲାଷ୍ଟିକ ଓ ଦହନଶୀଳ ସାମଗ୍ରୀ ଯୋଗୁ ନିଆଁର ବ୍ୟାପକତା ବଢ଼ିଯାଇଥିଲା। ଦୋକାନୀମାନେ ଏସଓପି ପାଳନ କରୁନାହାନ୍ତି ବୋଲି ସେ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଏକାମ୍ର ବିଜେପି ବିଧାୟକ ବାବୁ ସିଂ କହିଛନ୍ତି ଯେ ୧୦ ଦିନ ଭିତରେ ହାଟର ସୁରକ୍ଷା ନେଇ ଏସଓପି ଆସିବ। ହାଟ କମିଟି ସହ ଆଲୋଚନା କରାଯିବ। ହାଟର ସୁରକ୍ଷା ଓ ସ୍ଥାୟିତ୍ୱକୁ ନେଇ ସରକାରଙ୍କୁ ଖୁବଶୀଘ୍ର ରିପୋର୍ଟ ପ୍ରଦାନ କରାଯିବ। ଏଥିସହ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସହାୟତା ପ୍ରଦାନ କରାଯିବ। ଆହୁରି ୪୫ ନମ୍ବର ୱାର୍ଡର କର୍ପୋରେଟର ଅମରେଶ ଜେନା କହିଛନ୍ତି ଯେ ଏକ ନମ୍ବର ହାଟ ଦାୟିତ୍ୱରେ ଥିବା ବିଏମସି ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ବିଏମସିର ଅବହେଳା ପାଇଁ ଅଗ୍ନିକାଣ୍ଡ ଘଟିଛି। ଏପରି ସ୍ଥିତିରେ ହାଟର ସମ୍ପୂର୍ଣ୍ଣ ନକ୍ସା ପରିବର୍ତ୍ତନ ପାଇଁ ସେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଆହୁରି ବିଜେପି ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି ଯେ ବିଏମସି ମେୟର ଓ କର୍ମଚାରୀଙ୍କ ପାଇଁ ଅଗ୍ନିକାଣ୍ଡ ଘଟିଛି। ହାଟ ପରିଚାଳନରେ ବିଏମସି ସମ୍ପୂର୍ଣ୍ଣ ଫେଲ୍ ମାରିଛି। ସୁରକ୍ଷା ଦୃଷ୍ଟିରୁ ବର୍ତ୍ତମାନ ପୋଡ଼ିଯାଇଥିବା ସ୍ଥାନରେ ଦୋକାନ ନ ଚାଲିବାକୁ ଦାବି କରିଛନ୍ତି।

- ଏକ ନମ୍ବର ହାଟରେ ପୁଣି ଲାଗିଲା ନିଆଁ
- ବନ୍ଦ ରହିବ ଏକ ନମ୍ବର ହାଟ : ମେୟର
- ବ୍ୟବସାୟୀଙ୍କ ପାଇଁ ଆସିବ ଏସଓପି: ବାବୁ ସିଂ



## ମଞ୍ଚ ଚଢ଼ିବେ ପୀୟୂଷ

- କୋର୍ଟ ହଟାଇଲେ ରହିତାଦେଶ



**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଜଣାଶୁଣା ଯାତ୍ରା କଳାକାର ପୀୟୂଷ ତ୍ରିପାଠୀଙ୍କ ପ୍ରଶଂସକଙ୍କ ପାଇଁ ଆଜି ଭୁବନେଶ୍ୱର କୋର୍ଟ ଏକ ଖୁସି ଖବର ଦେଇଛନ୍ତି। ତାଙ୍କ ଉପରେ ମଞ୍ଚ ଚଢ଼ିବା ନେଇ ରହିଥିବା ଅନ୍ତରୀଣ ରହିତାଦେଶକୁ ହାଇକୋର୍ଟ ପ୍ରତ୍ୟାହାର କରିନେଇଛନ୍ତି। ଏନେଇ ପୀୟୂଷଙ୍କ ଓକିଲ ଆଜି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୦ ତାରିଖରେ ପୀୟୂଷଙ୍କୁ ଭୁବନେଶ୍ୱର କୋର୍ଟ ଅର୍ଡର କପି ମିଳିଥିଲା। ଏହି ଆଦେଶରେ କୋର୍ଟ ତାଙ୍କୁ ମଞ୍ଚ ଉପରେ ଚଢ଼ିବାକୁ ବାରଣ କରିଥିଲେ। ମାମଲାରେ ପକ୍ଷଭୁକ୍ତ ହୋଇଥିବା ସଞ୍ଜୀବ ପାଢ଼ୀଙ୍କୁ ମଧ୍ୟ ଅର୍ଡର କପି ମିଳିଥିଲା। ଗତ ୧୨ ତାରିଖରେ ଉଭୟଙ୍କୁ କୋର୍ଟରେ ହାଜର ହେବାକୁ କୁହାଯାଇଥିଲା। ତେବେ ପୀୟୂଷଙ୍କ ପକ୍ଷରୁ ତାଙ୍କ ଓକିଲ ହାଜର ହୋଇଥିଲେ। ପୂର୍ବରୁ ପୀୟୂଷ କହିଥିଲେ ଯେ କୋର୍ଟଙ୍କ ପାଖରୁ ନୋଟିସ ପାଇନାହିଁ, ନୋଟିସ ପାଇଁ ଅପେକ୍ଷା କରିଛି। ନୋଟିସ ନ ପାଇବା ପର୍ଯ୍ୟନ୍ତ ଅଭିନୟ ଜାରି ରଖିବେ ବୋଲି ପୀୟୂଷ କହିଥିଲେ।

# ନିତିନ ନବୀନ ମୋର ବସ୍: ମୋଦି



ନୂଆଦିଲ୍ଲୀ,୨୦।୧: ବିଜେପି ମଙ୍ଗଳବାର ନିଜ ସଂଗଠନ ମହାପର୍ବ ଅବସରରେ ନୂଆ ରାଷ୍ଟ୍ରୀୟ ଅଧକ୍ଷ ଭାବେ ନିତିନ ନବୀନଙ୍କ ନାଁ ଘୋଷଣା କରିଛି। ବିଜେପି କାର୍ଯ୍ୟାଳୟରେ ହୋଇଥିବା ସମାରୋହରେ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆ ଅଧ୍ୟକ୍ଷଙ୍କୁ ପୁଷ୍ପମାଳ ପିନ୍ଧାଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ନିଜ ସମ୍ବୋଧନରେ କହିଥିଲେ, ସେ ପାର୍ଟିର ଜଣେ କାର୍ଯ୍ୟକର୍ତ୍ତା ଏବଂ ଅଧକ୍ଷ ନିତିନ ନବୀନ ଏବେ ତାଙ୍କ ବସ୍ ଅଟନ୍ତି।

ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧନ କରି କହିଛନ୍ତି, ବିଜେପି ଏପରି ଏକ ଦଳ, ଯେଉଁଠି ଲୋକଙ୍କୁ ଲାଗେ ଯେ ନରେନ୍ଦ୍ର ମୋଦୀ ଦେଶର ପ୍ରଧାନମନ୍ତ୍ରୀ। ତୃତୀୟ ଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ୫୦ ବର୍ଷରୁ କମ ବୟସରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୫ ବର୍ଷ ଧରି ଲଗାତାର ହେଡ୍ ଅଫ୍ ଦ ଗଭର୍ଣ୍ଣମେଣ୍ଟରେ ଅଛନ୍ତି, କିନ୍ତୁ ପ୍ରକୃତରେ ଏହି ସବୁ ଭିନ୍ନ କଥା। ପିଏମ୍ ମୋଦୀ ନିଜ ପଦକୁ ନେଇ କହିଛନ୍ତି, 'ଏହି ସବୁ ନିଜ ସ୍ଥାନରେ, କିନ୍ତୁ ମୋ ପାଇଁ ସବୁଠୁ ବଡ଼ କଥା ହେଉଛି ମୁଁ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା। ଏହା ସବୁଠୁ ବଡ଼ ଗର୍ବ ଆଉ ଯେତେବେଳେ ପାର୍ଟିର ବିଷୟ ଆସେ, ସେତେବେଳେ ନିତିନ ନବୀନ ଜୀ ମୋର ବସ୍ ଅଟନ୍ତି। ଆଗାମୀ ୨୫ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସେହି ସମୟ ଯେତେବେଳେ

### ନିଜକୁ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ବୋଲି କହିଲେ

### ଯୁବ ଉର୍ଜା ଓ ସଂଗଠନାତ୍ମକ କାର୍ଯ୍ୟର ବ୍ୟାପକ ଅନୁଭବ ଜରୁରୀ

### ବିକଶିତ ଭାରତର ନିର୍ମାଣ ଲାଗି ଆଗାମୀ ୨୫ ବର୍ଷ ଗୁରୁତ୍ୱପୂର୍ଣ୍ଣ

ବିକଶିତ ଭାରତର ନିର୍ମାଣ ହେବ ଓ ଏହା ହେବା ନିଶ୍ଚିତ ଅଟେ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ନିତିନ ନବୀନ ଜୀ ବିଜେପିର ଐତିହ୍ୟକୁ ଆଗକୁ ବଢାଇବେ। ପିଏମ୍ ମୋଦୀ କହିଛନ୍ତି, ନିତିନ ଜୀଙ୍କ ମଧରେ ଯୁବ ଉର୍ଜା ଓ ସଂଗଠନାତ୍ମକ କାର୍ଯ୍ୟର ବ୍ୟାପକ ଅନୁଭବ ରହିଛି। ଏହା ଆମ ପାର୍ଟିର ପ୍ରତ୍ୟକ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ। ପ୍ରଧାନମନ୍ତ୍ରୀ ମୋଦୀ ପାର୍ଟିର ପୂର୍ବତନ ଅଧକ୍ଷଙ୍କ ସଂଘର୍ଷ କଥା ମଧ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଅଟଳ ଜୀ, ଆଡ଼ବାଣୀ ଜୀ ଓ ମୁରଲୀ ମନୋହର ଯୋଶୀ ଜୀଙ୍କ ନେତୃତ୍ୱରେ ବିଜେପି ଶୂନ୍ୟରୁ ଶିଖର ଯାଏ ଯାତ୍ରା କରିଛି। ଏହି ଶତାବ୍ଦୀରେ ଏମ୍. ଭେଙ୍କୟା ନାଇଡୁ ଓ ନିତିନ ଗଡ଼କରୀଙ୍କ ପରି ନେତାଙ୍କ ସହ ଆମର ବରିଷ୍ଠ ସହଯୋଗୀ ସଂଗଠନର ବିସ୍ତାର କରିଥିଲେ। ରାଜନାଥ ସିଂହଙ୍କ ନେତୃତ୍ୱରେ ବିଜେପି ପ୍ରଥମ ଥର ନିଜ ବଳରେ ଏକାକୀ ସରକାର ଗଢିଥିଲା। ପରେ ଅମିତ୍ ଶାହଙ୍କ ନେତୃତ୍ୱରେ ବିଜେପି ଅନେକ ରାଜ୍ୟରେ ସରକାର ଗଠନ କଲା ଓ କେନ୍ଦ୍ରରେ ଲଗାତାର ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଆସିଥିଲା। ଏହାପରେ ଜେପି ନଡ୍ଡାଙ୍କ ନେତୃତ୍ୱରେ ବିଜେପି ପଞ୍ଚାୟତରୁ ଆରମ୍ଭ କରି ସଂସଦ ଯାଏ ସବୁ ସ୍ତରରେ ମଜଭୁତ ହୋଇଛି।

## ନିତିନ ନବୀନଙ୍କ ମନ୍ତବ୍ୟ
## 'ସାଂଗଠନିକ ଶକ୍ତି ହେଉଛି ବିଜେପିର ବଡ଼ ସମ୍ପତ୍ତି'

ନୂଆଦିଲ୍ଲୀ,୨୦।୧: ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଭାବରେ ଘୋଷିତ ହେବା ପରେ ନିତିନ ନବୀନ ତାଙ୍କ ପ୍ରଥମ ଭାଷଣରେ ଦଳର ଇତିହାସ, ଆଦର୍ଶଗତ ସଂଘର୍ଷ ଏବଂ ଭବିଷ୍ୟତର ଚ୍ୟାଲେଞ୍ଜ ବିଷୟରେ ଖୋଲାଖୋଲି ଭାବରେ କହିଛନ୍ତି। ପୂର୍ବତନ ଜାତୀୟ ସଭାପତିମାନଙ୍କୁ ମନେପକାଇ ସେ ଦଳୀୟ କର୍ମୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ, ବିଜେପିର ଯାତ୍ରା ତ୍ୟାଗ, ସଂଘର୍ଷ ଏବଂ ଦୃଢ଼ ସଂକଳ୍ପରେ ପରିପୂର୍ଣ୍ଣ।

ନୀତିନ ନବୀନ କହିଛନ୍ତି ଯେ, ଜନସଂଘ ଯୁଗରୁ ବିଜେପି କର୍ମୀମାନେ କିଛି ସଂକଳ୍ପ ଏବଂ ସ୍ଲୋଗାନ ସହିତ ଆଗକୁ ବଢୁଛନ୍ତି ଯାହା ଦଳର ଆଦର୍ଶ ଦିଗକୁ ସ୍ଥିର କରିଥାଏ। ସେ ତାଙ୍କ ଭାଷଣରେ ଅଯୋଧାରେ ରାମ ମନ୍ଦିର ନିର୍ମାଣ ପାଇଁ ପଥ ପ୍ରଶସ୍ତ ହେବା ଏବଂ ଜମ୍ମୁ କାଶ୍ମୀରରୁ ଧାରା ୩୭୦ ହଟାଇବା ଐତିହାସିକ ସଫଳତା ବୋଲି ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ, କାଶ୍ମୀରର ଲୋକମାନେ ଏହି ପରିବର୍ତ୍ତନ ଅନୁଭବ କରିଛନ୍ତି ଏବଂ ଆଜି ଶ୍ରୀନଗରର ଲାଲ ଚୌକରେ ତ୍ରିରଙ୍ଗା ଉଡୁଥିବା ଦେଖିବା ଗର୍ବର ବିଷୟ। ଆଗାମୀ କିଛି ମାସ ମଧରେ ତାମିଲନାଡୁ, ଆସାମ, ପଶ୍ଚିମବଙ୍ଗ, କେରଳ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ରାଜ୍ୟଗୁଡ଼ିକରେ ଜନସଂଖ୍ୟାଗତ ପରିବର୍ତ୍ତନକୁ ଦଳ ପାଇଁ ଏକ ଚ୍ୟାଲେଞ୍ଜ ଭାବରେ ନେଇଛନ୍ତି ବୋଲି କହିଛନ୍ତି ନୀତିନ। ଏହାଛଡ଼ା ନୀତିନ ନବୀନ ବିଜେପି କର୍ମୀଙ୍କ କଠିନ ପରିଶ୍ରମ ଏବଂ ସଂଘର୍ଷକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି କର୍ମୀଙ୍କ ପରିଶ୍ରମ ଓ ସଂଘର୍ଷ ମାଧମରେ ଏହି ସମସ୍ତ ରାଜ୍ୟରେ ଦଳକୁ ଦୃଢ଼ ନେତୃତ୍ୱ ମିଳିଛି। ଆଉ ସାଂଗଠନିକ ଶକ୍ତି ହେଉଛି ବିଜେପିର ସବୁଠାରୁ ବଡ଼ ସମ୍ପତ୍ତି ବୋଲି ନୀତିନ କହିଛନ୍ତି।

## ଗୃହ ମନ୍ତ୍ରଣାଳୟ ଦେଲା ମଞ୍ଜୁରୀ
## ନିତିନ ନବୀନଙ୍କୁ ଜେଡ୍ କ୍ୟାଟେଗୋରୀ ସୁରକ୍ଷା

ନୂଆଦିଲ୍ଲୀ,୨୦।୧ : ନିତିନ ନବୀନ ବିଜେପିର ନୂଆ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୃହମନ୍ତ୍ରଣାଳୟ ତରଫରୁ ନୀତିନ ନବୀନଙ୍କୁ ଜେଡ୍ କ୍ୟାଟେଗୋରୀ ସୁରକ୍ଷା ପ୍ରଦାନ କରାଯାଇଛି। ଏହି ସୁରକ୍ଷା ତାଙ୍କୁ ଅଧକ୍ଷ ହେବା ପୂର୍ବରୁ ମିଳିଛି। ନିତିନ ନବୀନଙ୍କ ସୁରକ୍ଷା ଦାୟିତ୍ୱ ଏବେ କେନ୍ଦ୍ରୀୟ ରିଜର୍ଭ ପୁଲିସ ଫୋର୍ସ(ସିଆରପିଏଫ) କମାଣ୍ଡୋ କରିବେ। ଏହି ନିଷ୍ପତ୍ତି ଇଣ୍ଟେଲେଜେନ୍ସୀ ବ୍ୟୁରୋର ରିପୋର୍ଟ ଅନୁସାରେ ନିଆଯାଇଛି। ସମ୍ଭାବ୍ୟ ବିପଦକୁ ଦେଖି ଉଚ୍ଚସ୍ତରୀୟ ସୁରକ୍ଷା ସୁପାରିଶ କରାଯାଇଥିଲା। ପରେ ଗୃହ ମନ୍ତ୍ରଣାଳୟ ଜେଡ୍ କ୍ୟାଟେଗୋରୀ ସୁରକ୍ଷାକୁ ମଞ୍ଜୁରୀ ଦେଇଛି।

ବିଜେପି ଅଧକ୍ଷ ହେବା ପରେ ନୀତିନ ନବୀନଙ୍କ ରାଜନୈତିକ ଗତିବିଧି ଏବଂ ସାର୍ବଜନୀନ କାର୍ଯ୍ୟକ୍ରମ ବଢିବାର ସମ୍ଭାବନା ରହିଛି। ଏଥିପାଇଁ ସୁରକ୍ଷା ଏଜେନ୍ସୀ ପୂର୍ବରୁ ଏଭଳି ପଦକ୍ଷେପ ନେଇଛି। ଗୃହ ମନ୍ତ୍ରଣାଳୟ ଏବଂ ସୁରକ୍ଷା ଏଜେନ୍ସୀ ସ୍ଥିତି ଉପରେ ଲଗାତାର ନଜର ରଖିଛି। ଆବଶ୍ୟକତା ପଡିଲେ ସୁରକ୍ଷା ବ୍ୟବସ୍ଥା ଆଗାମୀ ଦିନରେ ପରିବର୍ତ୍ତନ କରାଯିବ।

## ଜାତୀୟ ସଙ୍ଗୀତକୁ ଅସମ୍ମାନ
### ଅଧିବେଶନ ମଝିରୁ ଉଠି ଚାଲିଆସିଲେ ରାଜ୍ୟପାଳ

ଚେନ୍ନାଇ, ୨୦।୧: ତାମିଲନାଡୁ ସରକାର ଓ ରାଜ୍ୟପାଳ ଆର.ଏନ. ରବିଙ୍କ ମଧ୍ୟରେ ନୂଆ ବିବାଦ ମୁଣ୍ଡ ଟେକିଛି। ଆଉ ଏହି ବିବାଦ ଭିତରେ ବିଧାନସଭା ଅଧିବେଶନ ମଝିରୁ ଉଠି ଚାଲିଗଲେ ଆର.ଏନ. ରବି। ତାମିଲ ରାଜ୍ୟ ସଙ୍ଗୀତ ପରେ ଜାତୀୟ ସଙ୍ଗୀତ ବଜାଇବାକୁ ଦାବି କରିଥିଲେ ରାଜ୍ୟପାଳ। ଏହି ଦାବିକୁ ବାଚସ୍ପତି ଆପାଭୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଫଳସ୍ୱରୂପ, ଆର.ଏନ. ରବି ଗୃହକୁ ସମ୍ବୋଧିତ ନକରି କାର୍ଯ୍ୟବଳୀ ବର୍ଜନ କରି ଗୃହତ୍ୟାଗ କରିଥିଲେ। ଏପରି କରି ତୃତୀୟ ଥର ପାଇଁ ରାଜ୍ୟପାଳ ଗୃହକୁ ବର୍ଜନ କରିଛନ୍ତି। ପୂର୍ବରୁ ସେ ୨୦୨୪ ଓ ୨୦୨୫ରେ ଭାଷଣ ନଦେଇ ଅଧିବେଶନ ବର୍ଜନ କରିଥିଲେ। ତାମିଲନାଡୁ ଲୋକଭବନ ପରିସ୍ଥିତି ବିଷୟରେ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛି। ଜାତୀୟ ସଙ୍ଗୀତକୁ ଉପଯୁକ୍ତ ସମ୍ମାନ ଦିଆଯାଉ ନଥିବାରୁ ମୁଁ ଗଭୀର ଦୁଃଖିତ। ଅଭିଭାଷଣ ବାଧାପ୍ରାପ୍ତ ହେବା ଦୁର୍ଭାଗ୍ୟଜନକ। ମୁଁ ମୋର ଦାୟିତ୍ୱ ବିଷୟରେ ଭଲଭାବରେ ଅବଗତ। କିନ୍ତୁ, ଜାତୀୟ ସଙ୍ଗୀତକୁ ଉପଯୁକ୍ତ ସମ୍ମାନ ଦିଆଯିବା ଉଚିତ ବୋଲି ରାଜ୍ୟପାଳ ଆର ଏନ ରବି ତାମିଲନାଡୁ ବିଧାନସଭାରେ କହିଛନ୍ତି। ରାଜ୍ୟପାଳଙ୍କ ଅଭିଯୋଗର ଜବାବରେ ତାମିଲନାଡୁ ବାଚସ୍ପତି ଆପାଭୁ କହିଛନ୍ତି, ବିଧାନସଭାରେ କେବଳ ବିଧାୟକମାନେ ସେମାନଙ୍କର ମତାମତ ଦେଇପାରିବେ। ଅନ୍ୟ କେହି ସେମାନଙ୍କର ମତାମତ ଜୋର ଜବରଦସ୍ତ ଲଦିପାରିବେ ନାହିଁ। ରାଜ୍ୟପାଳଙ୍କ ଅଭିଭାଷଣ ପାଇଁ ସରକାର ପ୍ରସ୍ତୁତି କରିଥିଲେ। ରାଜ୍ୟପାଳ ଆର ଏନ ରବି କହିଛନ୍ତି, ମୋ ମାଇକ୍ରୋଫୋନ ବନ୍ଦ କରିଦିଆଯାଇଥିଲା ଓ ମୋତେ କହିବାକୁ ଦିଆଯାଇ ନଥିଲା। ଏହା ଯୋଗୁ ମୁଁ ଅପମାନିତ ଅନୁଭବ କରିଥିଲି।

## ଭାରତ ବିରୋଧରେ ଯୁବପିଢ଼ିଙ୍କୁ ଉସୁକାଉଛନ୍ତି ମୁନିର୍



ଇସଲାମାବାଦ,୨୦।୧: ପାକିସ୍ତାନର ପ୍ରତିରକ୍ଷା ବିଭାଗ ମୁଖ୍ୟ, ଫିଲ୍ଡ ମାର୍ଶାଲ ଅସୀମ ମୁନିର ଦେଶର ଯୁବପିଢ଼ିଙ୍କୁ ଉସୁକାଇ ଚାଲିଛନ୍ତି। ନିକଟରେ ଏକ ବିବାଦୀୟ ବୟାନ ଦେଇଛନ୍ତି ମୁନିର୍। ସେ କହିଛନ୍ତି, ପାକିସ୍ତାନ ଇସଲାମ ନାମରେ ସୃଷ୍ଟି ହୋଇଥିଲା ଏବଂ ଏହା ତା'ର ଲକ୍ଷ୍ୟ ଆଡ଼କୁ ଆଗକୁ ବଢୁଛି। ମୁନିରଙ୍କ ଘୃଣ୍ୟ ଉଦ୍ଦେଶ୍ୟ ଅନେକ ଥର ପ୍ରକାଶ ପାଇଛି। ସେ ଭାରତ ବିରୋଧରେ ବିଷ ମଧ୍ୟ ଓଗାଳିଛନ୍ତି। ସେ କହିଥିଲେ ଯେ ଆମେ ହିନ୍ଦୁଙ୍କଠାରୁ ଭିନ୍ନ ଏବଂ କାଶ୍ମୀରକୁ ପାକିସ୍ତାନର ଅଂଶ ବୋଲି ଭାବୁ। ପାକିସ୍ତାନ କେବଳ ଭାରତ ନୁହେଁ ଏବେ ଆଫଗାନିସ୍ତାନ ସହିତ ବି ଲଢୁଛି। ଗତ ସୋମବାର ପାକିସ୍ତାନ ଏବଂ ଆଫଗାନିସ୍ତାନ ବିବାଦ ଚମନ ସୀମାରେ ପହଞ୍ଚିଛି। କିଲା ସୈଫୁଲ୍ଲା ସେକ୍ଟରରେ ଉଭୟ ଦେଶର ସେନା ଗୁଳି ବିନିମୟ କରିଥିଲେ, କିଛି ସମୟ ପରେ ପାକିସ୍ତାନ ଦ୍ୱାରା ଆଫଗାନ ସେନା ଉପରେ ଡ୍ରୋନ ଆକ୍ରମଣ କରାଯାଇଥିଲା। କିନ୍ତୁ ଆଫଗାନିସ୍ତାନକୁ କେତେ କ୍ଷତି ହୋଇଛି ସେନେଇ କୌଣସି ସୂଚନା ମିଳିପାରିନାହିଁ।

### ଫ୍ରାନ୍ସକୁ ଧମକ ଦେଲେ ଟ୍ରମ୍ପ
## ଶାନ୍ତି ବୋର୍ଡରେ ଯୋଗ ନ ଦେଲେ ଲାଗିବ ୨୦୦% ଶୁଳ୍କ



ୱାଶିଂଟନ,୨୦।୧ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବିତ ଶାନ୍ତି ବୋର୍ଡରେ ଯୋଗଦେବା ପାଇଁ ଫ୍ରାନ୍ସ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଛି। ଏହା ପରେ ଟ୍ରମ୍ପ ଫ୍ରାନ୍ସକୁ ନାଲି ଆଖି ଦେଖାଇଛନ୍ତି। ଫ୍ରାନ୍ସର ମଦ ଓ ସାମ୍ପେନ ଉପରେ ୨୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତା ମଧ ସେୟାର କରିଛନ୍ତି। ଯେଉଁଥିରେ ଗ୍ରିନ୍‌ଲାଣ୍ଡ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଶାନ୍ତି ବୋର୍ଡ ମୂଳତଃ ଯୁଦ୍ଧବିଧ୍ୱସ୍ତ ଗାଜା ଷ୍ଟ୍ରିପର ପୁନଃନିର୍ମାଣ ପାଇଁ ସୃଷ୍ଟି କରାଯାଇଛି। କିନ୍ତୁ ଏହାର ଚାର୍ଟର ଆଉ କେବଳ ଗାଜା ପର୍ଯ୍ୟନ୍ତ ସୀମିତ ମନେ ହେଉନାହିଁ। ଟ୍ରମ୍ପ ଏହାକୁ ବିଶ୍ୱ ଶାନ୍ତି ପାଇଁ ଏକ ବୃହତ ମଞ୍ଚ ଭାବରେ ଗଢ଼ି ତୋଳିଛନ୍ତି। ଟ୍ରମ୍ପ ଫ୍ରାନ୍ସ ଉଦ୍ଦେଶ୍ୟରେ କହିଛନ୍ତି, ମୁଁ ସେମାନଙ୍କ ମଦ ଓ ସାମ୍ପେନ ଉପରେ ୨୦୦ ପ୍ରତିଶତ ଶୁଳ୍କ ଲଗାଇବି। ଯଦି ସେମାନେ ଯୋଗଦେବେ, ମତେ ଆଉ ଏହା କରିବାକୁ ପଡ଼ିବ ନାହିଁ ବୋଲି ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଛନ୍ତି। ଏଭଳି କହି ସେ ମାକ୍ରୋନଙ୍କୁ ଗାଜା ବୋର୍ଡରେ ସାମିଲ ହେବାକୁ ବାଧ କରିଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ମାକ୍ରୋନ୍‌ଙ୍କ ଏକ ବ୍ୟକ୍ତିଗତ ବାର୍ତ୍ତା ପୋଷ୍ଟ କରିଛନ୍ତି। ମାକ୍ରୋନ୍ ଲେଖିଛନ୍ତି ଯେ, ଦୁଇ ନେତା ଇରାନ୍ ଓ ସିରିଆ ପ୍ରସଙ୍ଗରେ ସହମତ, କିନ୍ତୁ ମୁଁ ବୁଝିପାରୁନାହିଁ ଟ୍ରମ୍ପ୍ ଗ୍ରିନ୍‌ଲାଣ୍ଡରେ କ'ଣ କରୁଛନ୍ତି।

### ଆମେରିକାକୁ ଫ୍ରାନ୍ସର କଡ଼ା ଚେତାବନୀ
## ନିଆଁ ଲାଗିବାର ଥିଲେ ଘର ଜାଳିଦିଅ

ପ୍ୟାରିସ, ୨୦।୧: ଗ୍ରୀନଲାଣ୍ଡକୁ ନେଇ ଆମେରିକା ଜିଦି ଛାଡୁ ନଥିବାରୁ ଏହାର ସହଯୋଗୀ ରାଷ୍ଟ୍ରମାନଙ୍କ ସହ ଆମେରିକାର ସମ୍ପର୍କ ଖରାପ ହେବାରେ ଲାଗିଛି। ଆମେରିକାର ଘନିଷ୍ଠ ସହଯୋଗୀ ଫ୍ରାନ୍ସ ଏବେ ସିଧା ସିଧା ଟ୍ରମ୍ପଙ୍କର ମଜାକ ଉଡ଼ାଉଛି। ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟଙ୍କ ଯୁକ୍ତି ଉପରେ ପ୍ରତିକ୍ରିୟା ଦେଇ ଫ୍ରାନ୍ସ ଉପହାସ କରିଛି। ଆମେରିକାକୁ ଉପହାସ କରି ଏକାଧିକ ଟ୍ୱିଟ୍ କରିଛି ଫ୍ରାନ୍ସ ବୈଦେଶିକ ମନ୍ତ୍ରଣାଳୟ। ମନ୍ତ୍ରାଳୟ ଟ୍ୱିଟ୍ କରି ଲେଖିଛି ଯଦି କୌଣସି ଦିନ ନିଆଁ ଲାଗିଲା, ତେବେ ଅଗ୍ନିଶମ ବାହାନୀ ଦଖଲ ଦେବେ। ତେଣୁ ଭଲ ହେବ ଯେ, ଏବେଠାରୁ ହିଁ ଘର ଜାଳିଦିଅ। ଯଦି କୌଣସି ଦିନ ଶାର୍କ ଆଟାକ୍ କରିବ, ତେବେ ଉଦ୍ଧାର କରାଯିବ, ତେଣୁ ଭଲ ହେବ ଯେ, ଏବେଠାରୁ ଲାଇଫଗାର୍ଡକୁ ଖାଇଦିଅ। ଯଦି କୌଣସି ଦୁର୍ଘଟଣା ହୋଇଗଲା ତେବେ କ୍ଷତି ହେବ। ତେଣୁ ଭଲ ଏବେ ହିଁ ଟକ୍କର ମାରିଦିଅ। ଗ୍ରୀନଲାଣ୍ଡ କବ୍ଜାକୁ ନେଇ ଫ୍ରାନ୍ସର ଅର୍ଥମନ୍ତ୍ରୀ ରୋଲାଣ୍ଡ ଲେସ୍କ୍ୟୁର ଆମେରିକାକୁ ଚେତାବନୀ ଦେଇଛନ୍ତି।

## ଗ୍ରୀନଲ୍ୟାଣ୍ଡ ଓ କାନାଡା ଉପରେ କବ୍ଜା




ୱାଶିଂଟନ, ୨୦।୧: ଗ୍ରୀନଲ୍ୟାଣ୍ଡକୁ ଆମେରିକାରେ ମିଶାଇବା ପାଇଁ ଟ୍ରମ୍ପଙ୍କ ଆଗ୍ରହ ଦିନକୁଦିନ ବଢିବାରେ ଲାଗିଛି। ବିଶେଷକରି ଭେନେଜୁଏଲା ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପରଠାରୁ ଗ୍ରୀନଲ୍ୟାଣ୍ଡ ଟ୍ରମ୍ପଙ୍କ ରାଡାରରେ ରହିଛି। ଆମେରିକାରେ ଗ୍ରୀନଲ୍ୟାଣ୍ଡକୁ ମିଶାଇବାର ଏକ ଫଟୋ ସେୟାର କରି ଆମେରିକା ରାଷ୍ଟ୍ରପତି ପୁଣି ଥରେ ଅନେକ ଦେଶରେ ହଇଚଇ ସୃଷ୍ଟି କରିଛନ୍ତି। ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥରେ ଏକ ଫଟୋ ସେୟାର କରିଛନ୍ତି, ଯେଉଁଥିରେ ସେ ଗ୍ରୀନଲ୍ୟାଣ୍ଡରେ ଆମେରିକୀୟ ପତାକା ଉତ୍ତୋଳନ କରୁଥିବାର ଦେଖାଯାଉଛି। ଟ୍ରମ୍ପଙ୍କ ଦ୍ୱାରା ସେୟାର କରାଯାଇଥିବା ଏକ ଫଟୋରେ, ସେ ଗ୍ରୀନଲ୍ୟାଣ୍ଡ ମାଟିରେ ଏକ ଆମେରିକୀୟ ପତାକା ଧରି ଠିଆ ହୋଇଛନ୍ତି। ତାଙ୍କ ସହିତ ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ବୈଦେଶିକ ସଚିବ ମାର୍କୋ ରୁବିଓ ମଧ ଅଛନ୍ତି। ଟ୍ରମ୍ପଙ୍କ ସାମନାରେ ଏକ ସାଇନବୋର୍ଡରେ ଲେଖା ଅଛି, ଗ୍ରୀନଲ୍ୟାଣ୍ଡ ହେଉଛି ଏକ ଆମେରିକୀୟ ଅଞ୍ଚଳ ଯାହା ୨୦୨୬ରୁ ଆରମ୍ଭ ହେଉଛି।

### ଆମେରିକାର ନୂଆ ମାନଚିତ୍ର ସେୟାର କଲେ ଟ୍ରମ୍ପ

ଟ୍ରମ୍ପ ଆଉ ଏକ ଫଟୋ ମଧ ସେୟାର କରିଛନ୍ତି, ଯାହା ହ୍ୱାଇଟ୍ ହାଉସ ଭିତରର ବୋଲି ଜଣାପଡିଛି। ଏହି ଫଟୋରେ ଟ୍ରମ୍ପ ୟୁରୋପୀୟ ଦେଶଗୁଡ଼ିକର ନେତାମାନଙ୍କ ସହିତ ବସିଥିବାର ନଜର ଆସୁଛନ୍ତି। ଟ୍ରମ୍ପଙ୍କ ପାଖରେ ଥିବା ଏକ ବୋର୍ଡରେ କାନାଡା, ଗ୍ରୀନଲ୍ୟାଣ୍ଡ ଏବଂ ଭେନେଜୁଏଲାକୁ ଆମେରିକାର ଅଂଶ ଭାବରେ ଦର୍ଶାଯାଇଥିବା ଏକ ମାନଚିତ୍ର ଦେଖାଯାଉଛି। ଟ୍ରମ୍ପ ଏକ ପୋଷ୍ଟ ସେୟାର କରି କହିଛନ୍ତି, ସେ ନାଟୋ ସେକ୍ରେଟାରୀ ଜେନେରାଲ ମାର୍କ ରୁଟଙ୍କ ସହ ଫୋନ୍ ମାଧମରେ କଥା ହୋଇଛନ୍ତି। ସେ ଗ୍ରୀନଲ୍ୟାଣ୍ଡ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ମୁଁ ସ୍ୱିଜରଲ୍ୟାଣ୍ଡର ଡାଭୋସରେ ଏକ ବୈଠକ ସ୍ଥିର କରିଛି। ଗ୍ରୀନଲ୍ୟାଣ୍ଡ ଆମେରିକାର ଜାତୀୟ ସୁରକ୍ଷା ପାଇଁ ବିପଦ। ଆମେ ପଛକୁ ହଟିବୁ ନାହିଁ।

### ଭାରତକୁ ଋଷର ଦମଦାର ଅଫର
## ଆକାଶରେ ଉଡ଼ିବ ସୁପରଜେଟ୍-୧୦୦



ନୂଆଦିଲ୍ଲୀ, ୨୦।୧: ଭାରତ ଆକାଶରେ ଉଡ଼ିବ ଋଷର ବିମାନ। ଦମଦାର ଅଫର ଦେଲା ଋଷ। ଋଷ ଭାରତକୁ ଦୁଇଟି ସ୍ୱଦେଶୀ ଯାତ୍ରୀବାହୀ ବିମାନ, ସୁପରଜେଟ୍-୧୦୦ ପ୍ରଦାନ କରିଛି। ଉଭୟ ବିମାନ ସମ୍ପୂର୍ଣ୍ଣ ଭାବରେ ଋଷ ଟେକନିକକୁ ବ୍ୟବହାର କରି ବିକଶିତ କରାଯାଇଛି। ଋଷ କହିଛି ଯେ, ଏହି ପ୍ରସ୍ତାବ ଭାରତର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବିମାନ ଶିଳ୍ପ ପାଇଁ ଏକ ଭଲ ବିକଳ୍ପ ହୋଇପାରେ। ଭାରତକୁ ଆକର୍ଷିତ କରିବା ପାଇଁ ଋଷିଆ ନୂଆ ବିମାନ ପାଇଁ ଏକ ସ୍ୱତନ୍ତ୍ର ଡିଜାଇନ୍ ପ୍ରସ୍ତୁତ କରିଛି, ଯେଉଁଥିରେ ଭାରତୀୟ ଜାତୀୟ ପତାକାର ରଙ୍ଗ ରହିଛି। ଏହାକୁ ଏକ ସଙ୍କେତ ଭାବରେ ଦେଖାଯାଉଛି ଯେ, ଋଷ ଏହି ଚୁକ୍ତିକୁ କେବଳ ଏକ ବାଣିଜ୍ୟିକ ଭାବରେ ନୁହେଁ, ବରଂ ଏକ ରଣନୈତିକ ସହଭାଗୀତା ଭାବରେ ଦେଖୁଛି। ଯଦି ଏହି ପ୍ରସ୍ତାବ ଆଗକୁ ବଢ଼େ, ତେବେ ପ୍ରତିରକ୍ଷା ଏବଂ ବୈଷୟିକ ସହଯୋଗର ବିକାଶ ପରେ ଭାରତ-ଋଷ ଯାତ୍ରୀ ଉଡ଼ାଣରେ ଏକ ନୂତନ ଅଧାୟ ଖୋଲିପାରେ । ଋଷର ଶିଳ୍ପ ଏବଂ ବାଣିଜ୍ୟ ମନ୍ତ୍ରଣାଳୟ ସୁପରଜେଟ୍-୧୦୦ ର ଏକ ଭିଡିଓ ଜାରି କରିଛି, ଯେଉଁଥିରେ ଦେଖାଯାଇଛି ଯେ, ଏହି ସୁପରଜେଟରେ ପିଡି-୮ ଜେଟ୍ ଇଞ୍ଜିନ୍ ବ୍ୟବହାର କରାଯାଇଛି। ଏହି ବିମାନଟି ବିଙ୍ଗ୍ସ ଇଣ୍ଡିଆ-୨୦୨୬ ପ୍ରଦର୍ଶନୀରେ ପ୍ରଦର୍ଶନ କରାଯିବ। ଏହି ସମୟରେ, ୟୁନାଇଟେଡ୍ ଏୟାରକ୍ରାଫ୍ଟ କର୍ପୋରେସନ୍ ପ୍ରଥମ ଥର ପାଇଁ ସମାନ କାର୍ଯ୍ୟକ୍ରମରେ ଏହାର ନୂତନ ଆଞ୍ଚଳିକ ବିମାନ ଉପସ୍ଥାପନ କରିବ, ଯେଉଁଠାରେ ଏହା ଏକ ଉଡ଼ାଣ ପ୍ରଦର୍ଶନର ମଧ ଅଂଶ ହେବ। ଏହି ବିମାନର ଡିଜାଇନ୍ ଏବଂ ଟେକନିକ୍ ବିଶେଷ ଭାବରେ ସେହି ଦେଶମାନଙ୍କ ପାଇଁ ଉପଯୋଗୀ ଯେଉଁମାନେ ପାଶ୍ଚାତ୍ୟ ପ୍ରତିବନ୍ଧକ କିମ୍ବା ଯୋଗାଣ ଶୃଙ୍ଖଳା ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରିବାକୁ ଚାହାନ୍ତି।

### ଗଣତନ୍ତ୍ର ଦିବସ ପାଇଁ ଦିଲ୍ଲୀରେ କଡ଼ା ସୁରକ୍ଷା
## ନଜର ରଖିବ ଏଆଇ ଚଷମା ଓ ଏଚ୍‌ଡି କ୍ୟାମେରା



### ପରେଡ୍ ରୁଟରେ ଲାଗିଲା ହଜାରେ ଏଚ୍‌ଡି କ୍ୟାମେରା
### ଆକାଶ ମାର୍ଗରୁ ଡ୍ରୋନ୍ ପ୍ରତିରୋଧୀ ୟୁନିଟ୍ ସକ୍ରିୟ
### ଉଚ୍ଚ କୋଠାରେ ସ୍ନାଇପର ଦଳ ନିୟୋଜିତ
### ସନ୍ଦିଗ୍ଧଙ୍କୁ ଚିହ୍ନଟ ଲାଗି ପୁଲିସ କର୍ମଚାରୀଙ୍କୁ ଏଆଇ-ଚଷମା
### ୧୦ ହଜାର ପୁଲିସଙ୍କ ସହିତ ଅର୍ଦ୍ଧସାମରିକ ବାହିନୀ ମୁତୟନ

ନୂଆଦିଲ୍ଲୀ,୨୦।୧: ୨୦୨୬ ଗଣତନ୍ତ୍ର ଦିବସ ପାଳନ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନୂଆଦିଲ୍ଲୀରେ ଜିଲ୍ଲା ପୁଲିସ ଓ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ରାଜଧାନୀକୁ ଏକ ଅଭେଦ୍ୟ ଦୁର୍ଗରେ ପରିଣତ କରିଛନ୍ତି। ଆତଙ୍କବାଦୀ ବିପଦର ଗୁପ୍ତ ସୂଚନା ମଧରେ, କର୍ତ୍ତବ୍ୟ ପଥରେ ଏକ ବହୁସ୍ତରୀୟ ସୁରକ୍ଷା ବଳୟ ନିର୍ମାଣ କରାଯାଇଛି। ସୁରକ୍ଷା କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ମୁତୟନ କରାଯାଇଛି। ଏହା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିବ। ୭୭ତମ ଗଣତନ୍ତ୍ର ଦିବସ ପାଳନରେ ବାଧା ସୃଷ୍ଟି କରିବା ଷଡ଼ଯନ୍ତ୍ର ସମ୍ପର୍କରେ ଦିଲ୍ଲୀ ପୁଲିସ ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଅନେକ ଗୁରୁତ୍ୱପୂର୍ଣ୍ଣ ଗୁପ୍ତ ସୂଚନା ମିଳିଛି। ଅତିରିକ୍ତ ପୁଲିସ କମିସନର ଦେବେଶ ମାହାଲାଙ୍କ ଅନୁଯାୟୀ, ଏଥର ପରେଡ୍ ସମୟରେ କେବଳ ଖାଲିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ନୁହେଁ ବରଂ ବାଂଲାଦେଶୀ ସଂଗଠନଗୁଡ଼ିକ ମଧ ବିଶୃଙ୍ଖଳା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରିଛନ୍ତି। ଏହି ବିପଦକୁ ଦୃଷ୍ଟିରେ ରଖି, ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। କର୍ତ୍ତବ୍ୟର ପଥରେ ସମଗ୍ର ରୁଟ୍‌କୁ ୨୬ଟି ଜୋନ୍‌ରେ ବିଭକ୍ତ କରାଯାଇଛି। କ୍ରାଇମ୍ ବ୍ରାଞ୍ଚ ଓ ସ୍ପେଶାଲ୍ ସେଲ୍‌ର ଡିସିପି ସ୍ତରୀୟ ଅଧିକାରୀମାନେ ସୁରକ୍ଷା ଦାୟିତ୍ୱରେ ରହିବେ।

ଚଳିତ ବର୍ଷର ସୁରକ୍ଷାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର। ପୁଲିସ କର୍ମଚାରୀମାନଙ୍କୁ ଏଆଇ-ଚଷମା ଯୋଗାଇ ଦିଆଯାଇଛି। ଯାହା ଯେକୌଣସି ସନ୍ଦିଗ୍ଧ ମୁହଁ ଦେଖିଲେ ତୁରନ୍ତ ସତର୍କ କରିବ। ନୂଆଦିଲ୍ଲୀରେ ୩୧ଟି ସିସିଟିଭି ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି। ପରେଡ୍ ରୁଟରେ ୧,୦୦୦ ହାଇ-ଡେଫିନେସନ୍(ଏଚ୍‌ଡି) କ୍ୟାମେରା ଲଗାଯାଇଛି। ଏହି କ୍ୟାମେରାଗୁଡ଼ିକରେ ଏକ ଅତ୍ୟାଧୁନିକ ମୁଖ ଚିହ୍ନଟ ପ୍ରଣାଳୀ (ଏଫ୍‌ଆର୍‌ଏସ୍) ରହିଛି। ଏଥିରେ ଜଣାଶୁଣା ଆତଙ୍କବାଦୀଙ୍କ ସହିତ ସନ୍ଦିଗ୍ଧ ରେକର୍ଡ ଥିବା ଲୋକଙ୍କ ବିଷୟରେ ତଥ୍ୟ ଅପଲୋଡ୍ କରିଛି। ସୁରକ୍ଷା ପାଇଁ, ନୂଆଦିଲ୍ଲୀ ଜିଲ୍ଲାର ୧୦,୦୦୦ ପୁଲିସ କର୍ମଚାରୀଙ୍କ ସହିତ ଅର୍ଦ୍ଧସାମରିକ ବାହିନୀର ଏକ ବଡ଼ ଦଳଙ୍କୁ ମୁତୟନ କରାଯାଇଛି। ଅତିରିକ୍ତ ସିପି କହିଛନ୍ତି, ତ୍ରି-ସ୍ତରୀୟ ଶାରୀରିକ ସୁରକ୍ଷା ଯାଞ୍ଚ ସହିତ ଯାନବାହାନଗୁଡ଼ିକର ସମ୍ପୂର୍ଣ୍ଣ ତଲାସୀ କରାଯିବ। ଆକାଶ ମାର୍ଗରୁ ବିପଦର ମୁକାବିଲା କରିବା ପାଇଁ ଡ୍ରୋନ୍ ପ୍ରତିରୋଧୀ ୟୁନିଟ୍ ସକ୍ରିୟ କରାଯାଇଛି। ଉଚ୍ଚ କୋଠାରେ ସ୍ନାଇପର ଦଳ ନିୟୋଜିତ କରାଯାଇଛି। ଏହା ସହିତ, ଜିଲ୍ଲାରେ ହୋଟେଲ, ଅତିଥି ଗୃହ ଓ ଭଡାଟିଆଙ୍କ ଯାଞ୍ଚକୁ ଜୋରଦାର କରାଯାଇଛି।

### ଇରାନ ବିକ୍ଷୋଭକାରୀଙ୍କୁ ଚରମବାଣୀ
## ୩ ଦିନରେ ଆତ୍ମସମର୍ପଣ କର, ନହେଲେ କାର୍ଯ୍ୟାନୁଷ୍ଠାନ

**ତେହେରାନ,୨୦।୧:** ଇରାନରେ ଦେଖାଦେଇଥିବା ବିଦ୍ରୋହରେ ଥରି ଉଠିଥିଲା ତେହେରାନ। ଆନ୍ଦୋଳନ ଏବେ ପ୍ରାୟତଃ ଶାନ୍ତ ହୋଇଯାଇଛି। ଦଙ୍ଗାକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ଖାମେନି ସେନା। ଇରାନର ସର୍ବୋଚ୍ଚ ପୁଲିସ ଅଧିକାରୀ ବିକ୍ଷୋଭକାରୀମାନଙ୍କୁ ଚରମବାଣୀ ଜାରି କରିଛନ୍ତି। ପ୍ରତିବାଦକାରୀଙ୍କୁ ତିନି ଦିନ ମଧରେ ଆତ୍ମସମର୍ପଣ କରିବାକୁ ପଡିବ, ନଚେତ୍ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ତଥାପି ଇରାନ ସରକାର ଆର୍ଥିକ ସଙ୍କଟକୁ ସମାଧାନ କରିବାକୁ ମଧ ପ୍ରତିଶ୍ରୁତି ଦେଇଛନ୍ତି। ମାନବାଧିକାର ଗୋଷ୍ଠୀଗୁଡ଼ିକ କହିଛନ୍ତି ଯେ, ଏହି କାର୍ଯ୍ୟାନୁଷ୍ଠାନରେ ହଜାର ହଜାର ଲୋକ ପ୍ରାଣ ହରାଇଛନ୍ତି। ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ଇରାନ ମୁଦ୍ରାରେ ତୀବ୍ର ହ୍ରାସ ଯୋଗୁଁ ଆରମ୍ଭ ହୋଇଥିବା ପ୍ରତିବାଦ ଖୁବ୍ ଶୀଘ୍ର ଖାମେନି ଶାସନକୁ ବହିଷ୍କାର କରିବା ପାଇଁ ଦାବିରେ ପରିଣତ ହୋଇଛି। ଇରାନ ଇଣ୍ଟରନେଟ୍ ବନ୍ଦ କରିଛି ଏବଂ ପ୍ରତିବାଦକୁ ନିୟନ୍ତ୍ରଣ କରିବା ପାଇଁ ଆନ୍ତର୍ଜାତୀୟ ଫୋନ୍ କଲ୍ ଉପରେ କଟକଣା ଲଗାଇଛି। ଫଳସ୍ୱରୂପ, ପ୍ରତିବାଦ ଏବଂ ହିଂସାର ସମ୍ପୂର୍ଣ୍ଣ ବିବରଣୀ ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ। ତଥାପି, ଇରାନ ଅଧିକାରୀମାନେ କହିଛନ୍ତି ଯେ ଦେଶବ୍ୟାପୀ ଇଣ୍ଟରନେଟ୍ ସେବା ଧୀରେ ଧୀରେ ପୁନଃସ୍ଥାପିତ କରାଯିବ।

ଏହି ସମୟରେ ଇରାନର ପୁଲିସ ମୁଖ୍ୟ ଅହମଦ-ରେଜା ରାଦାନ କହିଛନ୍ତି ଯେ, କିଛି ଯୁବକ ଭୁଲ ମାର୍ଗରେ ଯାଇ ଆନ୍ଦୋଳନରେ ଯୋଗଦେଇଥିଲେ। ସେ ସେମାନଙ୍କୁ କମ ଦଣ୍ଡ ପାଇବା ପାଇଁ ଆତ୍ମସମର୍ପଣ କରିବାକୁ ଅନୁରୋଧ କରିଥିଲେ। ଯେଉଁମାନେ ଅଜାଣତରେ ଆନ୍ଦୋଳନରେ ଯୋଗ ଦେଇଥିଲେ ସେମାନଙ୍କ ସହିତ ଶତ୍ରୁ ଭାବରେ ନୁହେଁ, ବରଂ ଦ୍ୱନ୍ଦ୍ୱରେ ପଡ଼ିଥିବା ବ୍ୟକ୍ତି ଭାବରେ ନମ୍ର ବ୍ୟବହାର କରାଯିବ। ଅଧିକାରୀମାନେ କହିଛନ୍ତି ଯେ, ପ୍ରତିବାଦ ପ୍ରାରମ୍ଭରେ ଶାନ୍ତିପୂର୍ଣ୍ଣ ଥିଲା କିନ୍ତୁ ପରେ ବିଶୃଙ୍ଖଳାରେ ପରିଣତ ହୋଇଥିଲା। ସେମାନେ ଦାବି କରିଛନ୍ତି ଯେ, ଇରାନର ଚିରପ୍ରତିଦ୍ୱନ୍ଦ୍ୱୀ ଆମେରିକା ଏବଂ ଇସ୍ରାଏଲ ଦେଶକୁ ଅସ୍ଥିର କରିବାରେ ଭୂମିକା ଗ୍ରହଣ କରିଛନ୍ତି। ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନ କହିଛନ୍ତି ଯେ, ଆତଙ୍କବାଦୀ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବା ଲୋକଙ୍କୁ କଠୋର ଦଣ୍ଡ ଦିଆଯିବ। ପ୍ରତିବାଦ ସହିତ ଜଡିତ ଏପର୍ଯ୍ୟନ୍ତ ପ୍ରାୟ ୩ ହଜାର ଲୋକଙ୍କୁ ଗିରଫ କରାଯାଇଛି।




### ୩ ହଜାର ଲୋକଙ୍କୁ ଗିରଫ କରାଗଲାଣି

● ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସମୀକ୍ଷା ବୈଠକ

## ବିଭାଗୀୟ ଖର୍ଚ୍ଚ ଓ ବିନିଯୋଗ ପତ୍ର ଦାଖଲ ଉପରେ ଗୁରୁତ୍ୱାରୋପ



**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟାଧାରା ଉପରେ ବିସ୍ତୃତ ଆଲୋଚନା ହୋଇଛି। ଜନସାଧାରଣଙ୍କୁ ଠିକଣା ସମୟରେ ସେବା ଯୋଗାଇ ଦେବା ସହ ପ୍ରତ୍ୟେକ ଅଭିଯୋଗର ତ୍ୱରିତ ସମାଧାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ବଜେଟରେ ବ୍ୟବସ୍ଥିତ ଅର୍ଥର ଠିକଣା ବିନିଯୋଗ କରିବା ଉପରେ ସେ ଉଲ୍ଲେଖ କରିଥିଲେ। ଏଥିପାଇଁ ବିତ୍ତୀୟ ଶୃଙ୍ଖଳା ଅନୁପାଳନ ସହ ପ୍ରତ୍ୟେକ ଖର୍ଚ୍ଚର ବିବରଣୀ ସଠିକ ଭାବେ ରଖିବାକୁ କହିଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ମଧ୍ୟ ଏ ଦିଗରେ ଉଚିତ ପରାମର୍ଶ ଦେବା ପାଇଁ ସେ ସମ୍ପୃକ୍ତ ବିତ୍ତ ପରାମର୍ଶଦାତା ଓ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ପ୍ରତ୍ୟେକ ଆବଣ୍ଟିତ ଖର୍ଚ୍ଚର ୟୁଟିଲାଇଜେସନ ସାର୍ଟିଫିକେଟ ତଥା ବିନିଯୋଗ ପତ୍ର ଠିକଣା ସମୟରେ ଦାଖଲ କରିବା ପାଇଁ ସେ କହିଥିଲେ। ଏହାଦ୍ୱାରା ଅନେକାଂଶ ସମୟରେ ସମ୍ପୃକ୍ତ ଖର୍ଚ୍ଚର ସଠିକ ହିସାବ ଉପଲବ୍ଧ ହୋଇପାରିବ। ଆବଶ୍ୟକସ୍ଥଳେ ଜିଲ୍ଲାସ୍ତରୀରେ ଅଧିକାରୀମାନଙ୍କ ସହ ସମନ୍ୱୟ ରଖି ଏ ଦିଗରେ କାର୍ଯ୍ୟ କରିବାକୁ ଶ୍ରୀ ସିଂ କହିଥିଲେ। ଉକ୍ତ ବୈଠକରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ସଂସ୍କୃତି ଭବନ ଉଦ୍‌ଘାଟନ କରିବେ ଉପରାଷ୍ଟ୍ରପତି

● ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଭାରତର ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଆସନ୍ତା ୨୩ ତାରିଖରେ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ଉକ୍ତ ଦିନ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ୍ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ବା ପରାକ୍ରମ ଦିବସ ଉପଲକ୍ଷେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିବେ। ଏହି ଅବସରରେ ଉପରାଷ୍ଟ୍ରପତି ନିକଟସ୍ଥ ଜିଲ୍ଲା ସଂସ୍କୃତି ଭବନ ମଧ୍ୟ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉପରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଆଜି ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଉପରାଷ୍ଟ୍ରପତି ସଡ଼କ ପଥରେ କଟକ ଯାତ୍ରା କରି ପୂର୍ବାହ୍ନ ରେ ନେତାଜୀ ଜନ୍ମ ସ୍ଥାନ ସଂଗ୍ରହାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଲୋକ ଭବନରେ ମଧ୍ୟାହ୍ନଭୋଜନ କରିବେ।

ମେୟର ପଦକୁ ନେଇ ସଞ୍ଜୟଙ୍କ ମତ

# ଆମକୁ ମାତ୍ର ୬ଟି ସିଟ୍ ଦରକାର



### ସିନ୍ଦେଙ୍କୁ ଘୋଡ଼ା ବେପାର ଭୟ ଘାରୁଛି

**ମୁମ୍ବାଇ,୨୦।୧ :** ସରିଛି ମହାରାଷ୍ଟ୍ର ନଗର ନିଗମ ନିର୍ବାଚନ। ଫଳାଫଳ ସାମ୍ନାକୁ ଆସିଛି। ହେଲେ ଛିଡୁନି ବ୍ରିହନ ମୁମ୍ବାଇ ନଗର ନିଗମର ଅଡୁଆ ଅଙ୍କ। ଏଠାରେ ବିଜେପି ସଂଖ୍ୟା ଗରିଷ୍ଠ ଦଳ ଭାବେ ଉଭା ହୋଇଛି। କିନ୍ତୁ ଅତିକ୍ରମ କରିନି ମ୍ୟାଜିକ୍ ନମ୍ବର୍। ସେପଟେ ସହଯୋଗୀ ଶିବସେନା ସହ ମିଶି ମେୟର ପଦ ହାତେଇବାକୁ ଚାହୁଁଛି ବିଜେପି। କିନ୍ତୁ ଏକନାଥ ସିନ୍ଦେଙ୍କ ଶିବସେନା ମଧ୍ୟ ମେୟର ପଦ ପାଇଁ ବିଜେପି ସହ ଡିଲ୍ କରୁଛି। ସେପଟେ ବିରୋଧୀ ଦଳ ମଧ୍ୟ ରଣନୀତି ଲଗାଉଛନ୍ତି। ଉଦ୍ଧବ ଠାକରେଙ୍କ ଶିବସେନା ଦ୍ୱିତୀୟ ବୃହତ ଦଳ ହୋଇଥିବା ବେଳେ ବିଜେପି ବିରୋଧୀଙ୍କୁ ନେଇ ମେୟର ପଦ ଉପରେ ଆଖି ରଖିଛି। ଏସବୁକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଶିବସେନା(ୟୁବିଟି)ର ନେତା ସଞ୍ଜୟ ରାଉତ। ସଞ୍ଜୟ କହିଛନ୍ତି ଯେ, ମୁମ୍ବାଇ ମେୟର ପଦ ଗଠନ କରିବା ବିଜେପି ପାଇଁ ସହଜ ନୁହେଁ। ବିଜେପି ଏବଂ ଏକନାଥ ସିନ୍ଦେଙ୍କ ମେଣ୍ଟ ମହାୟୁତି ପାଖରେ ୧୧୮ ଆସନ ରହିଛି। କିନ୍ତୁ ସେମାନଙ୍କ ମଧ୍ୟରେ ଡିଲ୍ ହୋଇପାରୁନି। ବିରୋଧୀଙ୍କ ପାଖରେ ୧୦୮ସିଟ୍ ରହିଛି। ୟୁବିଟି ସହ ମହାରାଷ୍ଟ୍ର ନବନିର୍ମାଣ ସେନା, କଂଗ୍ରେସ ଏବଂ ଅନ୍ୟ ସହଯୋଗୀ ରହିଛନ୍ତି। ସେମାନେ ୧୧୪ ଟାର୍ଗେଟ୍ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ବହୁମତରୁ ଏବେ ମାତ୍ର ୬ଟି ସିଟ୍ ପଛରେ ରହିଛନ୍ତି। ତେବେ ମୁମ୍ବାଇରେ କିଛି ବି ଘଟିପାରେ ବୋଲି ସେ ପ୍ରକାଶ କରିଛନ୍ତି। ଏକନାଥ ସିନ୍ଦେ କିନ୍ତୁ ଭୟରେ ରହିଛନ୍ତି। ତାଙ୍କୁ ଘୋଡା ବେପାର ଭୟଘାରିଛି। ଯେଉଁଥି ପାଇଁ ସେ ନିଜର କର୍ପୋରେଟରଙ୍କୁ ରିସୋର୍ଟରେ ରଖିଛନ୍ତି। ସିନ୍ଦେ ନିଜ କର୍ପୋରେଟରଙ୍କୁ ଭରସା କରୁ ନାହାନ୍ତି। ସେମାନେ କାଳେ ଉଦ୍ଧବଙ୍କୁ ସମର୍ଥନ କରିବେ ସେନେଇ ଭୟଭୀତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଜେପି ମେୟର ଦେଖିବାକୁ ଚାହୁଁନାହାଁନ୍ତି। ସୂଚନାଯୋଗ୍ୟ, ବିଏମସି ନିର୍ବାଚନରେ ବିଜେପି ୨୨୭ଟି ୱାର୍ଡରୁ ୮୯ରେ ବିଜୟୀ ହୋଇଛି। ଦୁଇ ନମ୍ବରରେ ଉଦ୍ଧବଙ୍କ ଶିବସେନା ରହିଛି। ଦଳ ୬୫ଟି ଆସନ ହାତେଇଛି। ଅନ୍ୟମାନଙ୍କ ମଧ୍ୟରେ ଏକନାଥ ସିନ୍ଦେଙ୍କ ଶିବସେନା ୨୯ଟି ଆସନ ହାତେଇଥିବା ବେଳେ କଂଗ୍ରେସ ମେଣ୍ଟ ପାଖରେ ୨୪ଟି ଏବଂ ଏମଏନଏସ ପାଖରେ ୬ଟି ଆସନ ରହିଛି।

## ସାଇବର ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଚଢ଼ଉ
## ୨୦ ଲକ୍ଷ ଟଙ୍କା ଜବତ, ୩ ଅଟକ

**ଧର୍ମଶାଳା,୨୦।୧(ସଂଚାର ବ୍ୟୁରୋ):** ସୋମବାର ରାତିରେ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ତରଞ୍ଜିଆ ପଞ୍ଚାୟତ ପୋବଳ ଗାଁରେ କଟକ କ୍ରାଇମବ୍ରାଞ୍ଚ ଟିମ୍ ଓ ଧର୍ମଶାଳା ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି। ସାଇବର ଠକେଇ ମାମଲାରେ ଆର୍ଥିକ କାରବାରକୁ ନେଇ ପୋବଳ ଗାଁର ସରୋଜ ଜେନାଙ୍କ ଘରେ ଚଢ଼ଉ କରି ପାଖାପାଖି ୨୦ ଲକ୍ଷ ଟଙ୍କା ଜବତ ହୋଇଛି। ମୁଖ୍ୟ ଅଭିଯୁକ୍ତ ସରୋଜଙ୍କ ସହ ଲିଙ୍କ୍ ଥିବା ୩ ଜଣଙ୍କୁ କଟକ କ୍ରାଇମବ୍ରାଞ୍ଚ ଟିମ୍ ଉଠେଇ ନେଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ରମାକାନ୍ତ ନାୟକ। ସରୋଜର ଭାଇ ଚନ୍ଦନ ଜେନା ଓ ତରଞ୍ଜିଆର ପ୍ରଫୁଲ୍ଲ ବିଶ୍ୱାଳ, ଧଡ଼ିଆ ଜେନା ପ୍ରମୁଖଙ୍କୁ ଉଠାଇ ନେଇଥିବା ଜଣାପଡିଛି। ଗତକାଲି ରାତି ୧୧ଟାରୁ ୩ଟା ପର୍ଯ୍ୟନ୍ତ ଚଢ଼ଉ ଜାରି ରହିଥିବା ବେଳେ ପୁଳାପୁଳା ଟଙ୍କା ଓ ସୁନା ଅଳଙ୍କାର ସହ ଏକ ବୁଲେଟ ଗାଡ଼ି, ଓଲା ଇଭି. ମଧ୍ୟ ଜବତ ହୋଇଛି।

## ୧୫୦୦ ଆଇଏସ୍ ଆତଙ୍କବାଦୀ ଜେଲରୁ ଫେରାର

● ସୀମା ସୁରକ୍ଷା ବଢ଼ାଇଲା ଇରାକ

**ଦାମାସକସ୍,୨୦।୧:** ସିରିଆରେ ଇସଲାମିକ୍ ଷ୍ଟେଟ୍ (ଆଇଏସ୍ଆଇଏସ୍) କଏଦୀଙ୍କ ବଡ଼ ଧରଣର ପଳାୟନ ରିପୋର୍ଟ ଆଞ୍ଚଳିକ ସୁରକ୍ଷା ପ୍ରତି ଚିନ୍ତା ସୃଷ୍ଟି କରିଛି। କୁର୍ଦିସ୍ ୱେବସାଇଟ୍ ରୁଡାଓ ଦାବି କରିଛି ଯେ, ସିରିଆର ଶାଦ୍ଦାଦି ଜେଲ୍‌ରୁ ପ୍ରାୟ ୧,୫୦୦ ଇସଲାମିକ୍ ଷ୍ଟେଟ୍ କଏଦୀ ପଳାୟନ କରିଛନ୍ତି। କୁର୍ଦ୍ଦିସ୍ ନେତୃତ୍ୱାଧୀନ ସିରିଆନ୍ ଡେମୋକ୍ରାଟିକ୍ ଫୋର୍ସ (ଏସ୍‌ଡିଏଫ୍)ର ମୁଖପାତ୍ର ଫରହାଦ ଶାମି ଏହି ସୂଚନା ଦେଇଛନ୍ତି। ତେବେ ସିରିଆ ଗୃହ ମନ୍ତ୍ରଣାଳୟ ଏହି ସଂଖ୍ୟାକୁ ଖଣ୍ଡନ କରି କହିଛି, ଶାଦ୍ଦାଦି ଜେଲ୍‌ରୁ ୧୨୦ ଜଣ ଆଇଏସ୍ କଏଦୀ ଖସି ପଳାଇଛନ୍ତି। ମନ୍ତ୍ରଣାଳୟ ଅନୁଯାୟୀ, ଖସିଯିବା ପରେ, ସିରିଆନ୍ ସେନା ୟୁନିଟ୍ ଓ ସ୍ୱତନ୍ତ୍ର ବାହିନୀ ସହରରେ ସନ୍ଧାନ ଅଭିଯାନ ଚଳାଇଛନ୍ତି। ଏହି ଅଭିଯାନରେ ଏପର୍ଯ୍ୟନ୍ତ ୮୧ ଜଣ ପଳାୟନ କଏଦୀଙ୍କୁ ପୁନର୍ବାର ଗିରଫ କରାଯାଇଛି। ବାକି କଏଦୀଙ୍କ ସନ୍ଧାନ ଜାରି ରହିଛି।

## ଟ୍ରମ୍ପଙ୍କ କାର୍ଯ୍ୟକ୍ରମରେ ଯୋଗଦେବେ ୭ ଭାରତୀୟ ସିଇଓ

**ଡାଭୋସ,୨୦।୧:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଛଅ ବର୍ଷ ପରେ ବିଶ୍ୱ ଅର୍ଥନୈତିକ ସମ୍ମିଳନୀ (ଡବ୍ଲୁଇଏଫ୍)ରେ ସାମିଲ ହେବାକୁ ଯାଉଛନ୍ତି। ବୁଧବାର ଏକ କାର୍ଯ୍ୟକ୍ରମକୁ ସେ ସମ୍ବୋଧିତ କରିବେ। ତା'ପୂର୍ବରୁ ସେ ଏକ ଆଭ୍ୟର୍ଥନା ଆୟୋଜନ କରିଛନ୍ତି। ସେଥିରେ ଯୋଗଦେବାକୁ ୭ ଜଣ ଭାରତୀୟ ସିଇଓଙ୍କୁ ଆମନ୍ତ୍ରଣ କରାଯାଇଛି। ସେମାନେ ହେଉଛନ୍ତି ଟାଟା ସନ୍ସର ଅଧ୍ୟକ୍ଷ ନଟରାଜନ ଚନ୍ଦ୍ରଶେଖରନ, ଭାରତୀ ଏଣ୍ଟରପ୍ରାଇଜେସ୍‌ର ଅଧ୍ୟକ୍ଷ ସୁନିଲ ଭାରତୀ ମିତ୍ତଲ, ୱିପ୍ରୋର ସିଇଓ ଶ୍ରିନି ପାଲିଆ, ଇନ୍‌ଫୋସିସ୍ ସିଇଓ ସଲିଳ ଏସ୍ ପାରେଖ, ବଜାଜ ଫିନ୍‌ସର୍ଭର ସିଏମ୍‌ଡି ସଞ୍ଜୀବ ବଜାଜ, ମହିନ୍ଦ୍ରା ଗ୍ରୁପ୍‌ର ଗ୍ରୁପ୍ ସିଇଓ ଅନିଷ ଶାହ ଓ ଜୁବିଲାଣ୍ଟ ଭର୍ତିଆ ଗ୍ରୁପ୍‌ର ପ୍ରତିଷ୍ଠାତା ହରି ଏସ୍ ଭାଟିଆ। ଟ୍ରମ୍ପ ଏଭଳି ଏକ ସମୟରେ ଡାଭୋସ୍ ଫେରୁଛନ୍ତି ଯେତେବେଳେ ଶୁଳ୍କକୁ ଅସ୍ତ୍ର କରି ସେ ବିଭିନ୍ନ ଦେଶ ଉପରେ ଚାପ ପ୍ରୟୋଗ କରୁଛନ୍ତି। ନିକଟରେ ସେ ଭେନେଜୁଏଲାରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏବେ ଗ୍ରିନଲ୍ୟାଣ୍ଡକୁ ଅଧିଗ୍ରହଣ କରିବାକୁ ଜିଦ୍ ଧରିଛନ୍ତି। ତାଙ୍କ ପଦକ୍ଷେପ ପ୍ରଭାବରେ ବିଶ୍ୱବ୍ୟାପୀ ଭୂରାଜନୈତିକ ସଙ୍କଟ ଦେଖାଦେଇଛି।

● ଗଙ୍ଗାସାଗର ମେଳାରେ ନିଆଁ

## ଏକାଧିକ ଅସ୍ଥାୟୀ ଆଶ୍ରୟ ସ୍ଥଳୀ, ଦୋକାନ ପାଉଁଶ

**କୋଲକାତା,୨୦।୧(ସଂଚାର ବ୍ୟୁରୋ):** ଗଙ୍ଗାସାଗର ମେଳା ଶେଷ ହେବା ପରେ ମଧ୍ୟ ଅଘଟଣ ଯେମିତି ପିଛା ଛାଡ଼ିବାର ନାଁ ନେଉନାହିଁ। ମେଳା ଶେଷ ହେବା ପରେ ପୁଣି ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଗଙ୍ଗାସାଗର ମେଳା ଆରମ୍ଭ ହେବା ପୂର୍ବରୁ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ମେଳା ଶେଷ ହେବା ପରେ ମଧ୍ୟ ନିଆଁ ଲାଗିଛି। ଗଙ୍ଗାସାଗରର ତିନି ନମ୍ବର ସ୍ନାନଘାଟ ସଂଲଗ୍ନ ରାସ୍ତାରେ ଥିବା ଏକ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିବା ଫଳରେ ଏକାଧିକ ଆଶ୍ରୟସ୍ଥଳୀ ଏବଂ ଦୋକାନ ପୋଡ଼ି ପାଉଁଶ ହୋଇଗଲା। ସ୍ନାନଘାଟ ସଂଲଗ୍ନ ରାସ୍ତାରେ ଥିବା ଅସ୍ଥାୟୀ ଆଶ୍ରୟ ସ୍ଥଳୀ, ଖାଦ୍ୟ ଦୋକାନ ଏବଂ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ନିର୍ମିତ ଏକ ବଜାରରେ ନିଆଁ ଲାଗିଥିବା ଜଣାପଡିଛି। ତେବେ ଏପର୍ଯ୍ୟନ୍ତ କୌଣସି ଜୀବନହାନିର ଖବର ମିଳିନାହିଁ।

## ବିପୁଳ ପରିମାଣର ବନ୍ଧୁକ ଉଦ୍ଧାର, ୨ ଗିରଫ

**କୋଲକାତା,୨୦।୧(ସଂଚାର ବ୍ୟୁରୋ):** ଆଗକୁ ରାଜ୍ୟରେ ବିଧାନସଭା ନିର୍ବାଚନ। ଏହି ନିର୍ବାଚନ ପୂର୍ବରୁ ମାଲଦାରେ ବିପୁଳ ପରିମାଣର ବନ୍ଧୁକ ଉଦ୍ଧାର କରାଯାଇଛି। ବେଆଇନ ବନ୍ଧୁକ ବିକ୍ରିହେବା ପୂର୍ବରୁ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫଙ୍କ ନାମ ମୈନୁଲ ହାସନ (୨୦) ଏବଂ ଆନାରୁଲ ହକ (୪୫) ବୋଲି ଚିହ୍ନଟ କରାଯାଇଛି। ମାଲଦା ପୁଲିସ ଅଧୀକ୍ଷକ ଅଭିଜିତ ବାନାର୍ଜୀ କହିଛନ୍ତି ଯେ, ଏହି ବେଆଇନ ବନ୍ଧୁକ ବ୍ୟବସାୟରେ ବିହାରର ଯୋଗ ରହିଛି। ଗିରଫ ମୈନୁଲ ହାସନର ଘର ମୁର୍ଶିଦାବାଦର ଲାଲଗୋଲାର ମିର୍ଜାତପୁରରେ। ତାଙ୍କଠାରୁ ୧୦ଟି ଦେଶୀ ପାଇପ୍ ଗନ୍ ଏବଂ ୧ଟି ସାତ ଏମ୍‌ଏମ୍ ସେମି-ଅଟୋମେଟିକ୍ ପିସ୍ତଲ, ଅନେକ ଗୁଳି ଜବତ କରାଯାଇଛି। ଦ୍ୱିତୀୟ ଗିରଫ ବ୍ୟକ୍ତି ଆନାରୁଲ ହକ୍ ମାଲଦାର ସୁଜାପୁରର ବାସିନ୍ଦା। ପୁଲିସ ତାଙ୍କଠାରୁ ୪ଟି ସାତ ଏମ୍‌ଏମ୍ ପିସ୍ତଲ, ୮ଟି ମାଗାଜିନ୍ ଏବଂ ୨୦ଟି ଗୁଳି ଜବତ କରିଛି। ଗିରଫ ଦୁଇ ଜଣଙ୍କୁ ଇଂରାଜୀବଜାର ଥାନା ଅଞ୍ଚଳର ମିକ୍କି ଏବଂ ଗୋଲାପଗଞ୍ଜରୁ ଗିରଫ କରାଯାଇଛି।

ଛାତ୍ରଛାତ୍ରୀଙ୍କ ପାଇଁ ସିଏମସିର ନୂଆ ପଦକ୍ଷେପ

# 'ଗୋଟିଏ ଦିନ କମିଶନରଙ୍କ ସହ' କାର୍ଯ୍ୟକ୍ରମର ଆରମ୍ଭ




**କଟକ,୨୦।୧(ସଂଚାର ବ୍ୟୁରୋ):** କଟକ ମହାନଗର ନିଗମ ପକ୍ଷରୁ ଏକ ନୂଆ ଓ ଅଭିନବ ଛାତ୍ର-ସଂଲଗ୍ନତା କାର୍ଯ୍ୟକ୍ରମ 'ଗୋଟିଏ ଦିନ କମିଶନରଙ୍କ ସହ' ଆରମ୍ଭ କରାଯାଉଛି। କାର୍ଯ୍ୟକ୍ରମ ଅନ୍ତର୍ଗତ କଟକ ମହାନଗର ନିଗମ ଅନ୍ତର୍ଗତ ଯେ କୌଣସି ସ୍କୁଲର ଜଣେ ଛାତ୍ର କିମ୍ବା ଛାତ୍ରୀ କଟକ ମହାନଗର ନିଗମର କମିଶନର ସୁଶ୍ରୀ କିରଣଦୀପ କୌର ସହୋତାଙ୍କ ସହିତ ଗୋଟିଏ ସମ୍ପୂର୍ଣ୍ଣ କାର୍ଯ୍ୟଦିନ କଟାଇବାର ସୁଯୋଗ ପାଇବେ। ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ଅଧୀନରେ ଥିବା ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ଛାତ୍ରଛାତ୍ରୀମାନେ କଟକ ମହାନଗର ନିଗମର ଧିକାରିକ ୱେବସାଇଟରେ ଉପଲବ୍ଧ ଗୁଗୁଲ୍ ଫର୍ମ ମାଧ୍ୟମରେ ଆବେଦନ କରିପାରିବେ। ଆବେଦନ ସମ୍ପର୍କିତ ସମସ୍ତ ବିସ୍ତୃତ ସୂଚନା ଏହି ଫର୍ମରେ ଉଲ୍ଲେଖ ରହିଛି।

ଚୟନ ପ୍ରକ୍ରିୟାର ଅଂଶ ଭାବେ ଛାତ୍ରଛାତ୍ରୀମାନେ ୫୦ ମାର୍କର ଏକ ଲିଖିତ ପରୀକ୍ଷା ଦେବେ। ଏଥିରେ ଦିଆଯାଇଥିବା ୫ଟି ବିଷୟ ମଧ୍ୟରୁ ଗୋଟିଏ ବିଷୟ ଚୟନ କରି ଓଡ଼ିଆ ଭାଷାରେ ୮୦୦ରୁ ୧୦୦୦ ଶବ୍ଦ ମଧ୍ୟରେ ଏକ ନିବନ୍ଧ ଲେଖିବାକୁ ପଡ଼ିବ। ସେହି ଲେଖାଟିକୁ ୧ ଏମ୍‌ବିରୁ କମ୍ ଆକାରରେ ଫାଇଲ୍ ଭାବେ ୱେବସାଇଟରେ ଅପଲୋଡ୍ କରିବାକୁ ହେବ। ଏହା ସହ ପାଠ୍ୟକ୍ରମ କାର୍ଯ୍ୟକଳାପ- ଏନସିସି, ସ୍କାଉଟ୍ସ ଗାଇଡ୍ସ, ଏନଏସ୍‌ଏସ୍, ସାମାଜିକ ସଚେତନତା କାର୍ଯ୍ୟରେ ସେ ରିଭ୍ୟୁ ବୈଠକରେ ଅଂଶଗ୍ରହଣ କରିବେ।

## ବାଲେଶ୍ୱରରେ ଯୁବକଙ୍କୁ ପିଟି ପିଟି ହତ୍ୟା ମାମଲା

● ଘଟଣାକୁ ବିଜେଡିର ନିନ୍ଦା, ତ୍ୱରିତ ପଦକ୍ଷେପ ଦାବି

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର ରେମୁଣା ଅଞ୍ଚଳରେ ଘଟିଥିବା ନିର୍ମମ ଜନସମୂହ ହତ୍ୟାକୁ ଆଜି ବିଜେଡି ପକ୍ଷରୁ କଡା ନିନ୍ଦା କରାଯାଇଛି। ସଂଖ୍ୟାଲଘୁ ସମ୍ପ୍ରଦାୟର ଶେଖ ମକନ୍ଦାର ମହମ୍ମଦଙ୍କୁ ନିର୍ମମ ଭାବେ ପିଟି ପିଟି ହତ୍ୟା କରାଯାଇଛି। ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ପୁଲିସ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବା ସକାଶେ ବିଜେଡି ଦାବି କରିଛି। ଏପରି ଏକ ହତ୍ୟାକାଣ୍ଡ ରାଜ୍ୟର ଆଇନ ବ୍ୟବସ୍ଥାର ମୂଲ୍ୟବୋଧକୁ ଗମ୍ଭୀର କୁଠାରାଘାତ କରୁଛି। ଏହା ଶାନ୍ତିପ୍ରିୟ ନାଗରିକଙ୍କ ମଧ୍ୟରେ ଗଭୀର ଦୁଃଖ ଆଣିଦେଇଛି। ସାଧାରଣ ଲୋକ ତଥା ଅଲ୍ପସଂଖ୍ୟକ ସମ୍ପ୍ରଦାୟର ଲୋକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ପ୍ରକାର ଘଟଣା ସାମାଜିକ ନ୍ୟାୟକୁ ହ୍ରାସ କରିବା ସହ ଭୟ ଓ ଅସୁରକ୍ଷିତର ବାତାବରଣ ସୃଷ୍ଟି କରିଛି। ଏପରି ଘଟଣା ରୋକିବା ଦିଗରେ କଠୋର ପ୍ରଶାସନିକ ପଦକ୍ଷେପ ଜରୁରୀ ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଜି ବିଜେଡିର ଏକ ପ୍ରତିନିଧି ଦଳ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ବାଲେଶ୍ୱର ପୂର୍ବାଞ୍ଚଳ ଡିଆଇଜିଙ୍କୁ ପ୍ରଦାନ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ସୁଲତା ଦେଓ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପ୍ରଫୁଲ୍ଲ ସାମଲ, ଅଶ୍ୱିନୀ କୁମାର ପାତ୍ର, ରୀତାଞ୍ଜଳି ପ୍ରଧାନ, ରିଜୱାନା ବେଗମ, ସୁକାନ୍ତ ନାୟକ, ସୁଧାଂଶୁ ଶେଖର ପରିଡା ପ୍ରମୁଖ ସାମିଲ୍ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାରମ୍ପରିକ...

ଅର୍ଥନୈତିକ ଅଭିବୃଦ୍ଧିର ସୁଯୋଗ ସହ ତାଳଦେଇ ଚାଲିବାକୁ ଓଡ଼ିଶା ପ୍ରସ୍ତୁତ ବୋଲି କହିଥିଲେ। ଏହି ଦୁଇଟି ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ବିସ୍ତୃତ ଭାବେ ୬ଟି କ୍ଷେତ୍ରର ନିବେଶକଙ୍କ ସହ ଆଲୋଚନା କରିଥିଲେ।

ହାଇଦ୍ରାବାଦରେ ଔଷଧ ଶିଳ୍ପ ଏବଂ ଏରୋସ୍ପେଶ ଓ ପ୍ରତିରକ୍ଷା ସମ୍ପର୍କିତ ଦୁଇଟି ରାଉଣ୍ଡ ଟେବୁଲ ବୈଠକରେ ମୁଖ୍ୟମନ୍ତ୍ରୀ ନିବେଶକଙ୍କ ସହ ଆଲୋଚନା କରିଥିଲେ। କୋଲକାତାରେ ମୁଖ୍ୟମନ୍ତ୍ରୀ ପୋଷାକ, ଧାତବ୍ୟ ଆନୁଷଙ୍ଗିକ ଶିଳ୍ପ, ପ୍ଲାଷ୍ଟିକ, ରସାୟନ, ପ୍ୟାକେଜିଂ, ଔଷଧ ଓ ମେଡିକାଲ ଉପକରଣ ଏବଂ ବାୟୋଟେକ୍ନୋଲୋଜି ସହ ଜଡିତ ନିବେଶକଙ୍କ ସହ ଆଲୋଚନା କରିଥିଲେ। ଏହି ଦୁଇଟି ସମ୍ମିଳନୀରେ ୧୨୩ କମ୍ପାନୀର ମୁଖ୍ୟମାନେ ଯୋଗ ଦେଇଥିଲେ। ଏଥିରୁ ମୋଟ ୧ଲକ୍ଷ ୬୭ ହଜାର କୋଟିର ପୁଞ୍ଜିନିବେଶ ସୁନିଶ୍ଚିତ ହେବା ସହ ୧ଲକ୍ଷ ୪୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ଓଡ଼ିଶାରେ ନିବେଶ ପାଇଁ ଶିଳ୍ପପତିଙ୍କ ମଧ୍ୟରେ ଆଗ୍ରହ ପ୍ରମାଣିତ କରିଛି ଯେ, ଶିଳ୍ପାୟନରେ ରାଜ୍ୟର ରୂପାନ୍ତରଣ ନିବେଶକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ଏଥିସହିତ ଓଡ଼ିଶା ନିବେଶକଙ୍କ ପସନ୍ଦିଆ ରାଜ୍ୟର ମାନ୍ୟତା ମଧ୍ୟ ପାଇଛି। ଏହାଦ୍ୱାରା ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ନୂଆ ଯୁଗର ଶିଳ୍ପ ପାଇଁ ରାଜ୍ୟ ସରକାର କଳ୍ପନାକୁ କାର୍ଯ୍ୟକାରୀ କରିବା ଠାରୁ ଆରମ୍ଭ କରି ଉତ୍ପାଦନ ଓ ପରିବହନ ପର୍ଯ୍ୟନ୍ତ ସବୁ ପ୍ରକାର ସହଯୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପାରାଦୀପ, ଗୋପାଳପୁର, ଧାମରା, ବାହୁଡ଼ା ଓ ସୁବର୍ଣ୍ଣରେଖା ବନ୍ଦର ସାଙ୍ଗକୁ ରାଜ୍ୟ ଭିତରେ ଓ ଦେଶର ପ୍ରମୁଖ ସ୍ଥାନକୁ ବିମାନ ସେବା ଶିଳ୍ପାୟନ ପାଇଁ ବଳିଷ୍ଠ ଭିତ୍ତିଭୂମୀ ସୃଷ୍ଟି କରିଛି।

### ବିଜେପିରେ...

ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏପରି ସ୍ଥିତିରେ ନୀତିନ୍‌ଙ୍କ କାନ୍ଧ ଉପରେ ଅନେକ ଗୁରୁଦାୟିତ୍ୱ ରହିଛି, ଏହା କହିବା ବାହୁଲ୍ୟ ମାତ୍ର। ବିଜେପି କେନ୍ଦ୍ରରେ କ୍ଷମତା ହାସଲ କରିବା ପରଠାରୁ ଗୋଟିଏ ପରେ ଗୋଟିଏ ରାଜ୍ୟରେ ସରକାର ଗଠନ କରିଚାଲିଛି। ଏହି ଧାରାକୁ ଦଳ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ବି ଜାରି କରିବା ସକାଶେ ଉଦ୍ୟମ ଚଳାଇଛି। ଏହି ପ୍ରୟାସରେ ନୀତିନ୍ କେତେଦୂର ଦଳକୁ ଏହି ଦୁଇ ରାଜ୍ୟରେ କ୍ଷମତାଶାଳୀ କରିପାରୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିବ। ଏହାଛଡ଼ା ଉତ୍ତର ପ୍ରଦେଶ ଓ ଆସାମରେ ସରକାର ବଜାୟ ରଖିବା ମଧ୍ୟ ନୀତିନ୍‌ଙ୍କ ଦକ୍ଷତାର ଅସଲ ପରୀକ୍ଷା ନେବା ନିଶ୍ଚିତ। ଏଥିସହ ଆଗାମୀ ୨୦୨୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ନୀତିନ୍ ସଭାପତି ଭାବେ ରହିବାକୁ ଥିବାରୁ ସେତେବେଳେ ବି ତାଙ୍କର ନିର୍ଣ୍ଣାୟକ ଭୂମିକା ରହିବ। ଉକ୍ତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚତୁର୍ଥ ଥର ପ୍ରଧାନମନ୍ତ୍ରୀ ଭାବେ କ୍ଷମତାସୀନ କରିବା ନୀତିନ୍‌ଙ୍କ ପାଇଁ ଆଉ ଏକ ଅଗ୍ନିପରୀକ୍ଷା ହେବ। ଆଜି ବିଜେପିର ଦ୍ୱାଦଶ ରାଷ୍ଟ୍ରୀୟ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ୪୫ ବର୍ଷୀୟ ନୀତିନ ଦୀର୍ଘ ବର୍ଷ ହେବ ଦଳ ସହ ଜଡ଼ିତ ରହିଆସିଛନ୍ତି। ଏହାଛଡ଼ା ପ୍ରାରମ୍ଭରୁ ସେ ଆରଏସଏସ ସହ ବି କାମ କରିଛନ୍ତି। ସେ ବିଜେପିରେ ଜଣେ କର୍ମୀ ଭାବେ କ୍ୟାରିଅର ଆରମ୍ଭ କରିଥିଲେ। ବିହାରରେ ବିଜେପିର ଯୁବ ବାହିନୀର ଭାର ତାଙ୍କ କାନ୍ଧରେ ରହିଥିଲା। ଗତ ବର୍ଷର ବିହାର ବିଧାନସଭା ନିର୍ବାଚନରେ ବିଜେପି ସବୁଠୁ ଅଧିକ ସିଟ୍ ପାଇଥିବା ବେଳେ ଏଥିରେ ନୀତିନଙ୍କ ଯୋଗଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଏପରିକି ଛତିଶଗଡ଼ରେ ବିଜେପି ସରକାର ଗଠନରେ ମଧ୍ୟ ତାଙ୍କର ବଡ଼ ଭୂମିକା ରହିଥିଲା। ରାଜନୀତି କ୍ୟାରିୟର୍‌ରେ ସର୍ବପ୍ରଥମେ ୨୦୦୬ରେ ପ୍ରଥମେ ବିହାରର ପାଟନା ୱେଷ୍ଟରୁ ନୀତିନ୍ ବିଧାୟକ ଭାବେ ଜିତିଥିଲେ। ଏହାପରେ ବାଙ୍କୀପୁରରୁ ସେ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇସାରିଛନ୍ତି। ବିହାର ସରକାରରେ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ମଧ୍ୟ ତାଙ୍କର ବିଶେଷ ଅଭିଜ୍ଞତା ରହିଛି।

### ଏପ୍ରିଲ୍ ୧୬ରୁ...

ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ଜଣେ ଜନଗଣନା ଅଧିକାରୀଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଏପ୍ରିଲରୁ ମେ' ଭିତରେ ପ୍ରଥମ ଦଫାରେ ଘର ମାର୍କ ହେବ। ଆସନ୍ତା ବର୍ଷ ଫେବୃଆରୀରୁ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା ହେବ। ଜଣେ ଲୋକ ନିଜେ ଚାହିଁଲେ ବି ନିଜ ସମ୍ପର୍କରେ ସମସ୍ତ ତଥ୍ୟ ଦେଇପାରିବେ। ଏଥିପାଇଁ ତାଙ୍କୁ ୱେବସାଇଟ ଜରିଆରେ ପଞ୍ଜୀକରଣ କରିବାକୁ ପଡ଼ିବ। ଏହା ମୋବାଇଲ ନମ୍ବରରେ ଓଟିପି ବେସଡ୍ ହେବ। ତେବେ କୌଣସି ବ୍ୟକ୍ତିବିଶେଷ ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରିପାରିବେନି କି ଆପରୁ ସ୍କ୍ରିନ ଶଟ୍ ମଧ୍ୟ ନେଇପାରିବେ ନାହିଁ ବୋଲି କୁହାଯାଇଛି।

### ନିର୍ମାଣ ହେବ...

କୁମାର ସିଂହ ମୁଖ୍ୟ ଶାସନ ସଚିବଙ୍କୁ ସୂଚନା ଦେଇଛନ୍ତି। ଏହି ମନ୍ଦିର ତଥା ଉନ୍ନୟନମୂଳକ କାର୍ଯ୍ୟ ୩ ବର୍ଷ ମଧ୍ୟରେ ଶେଷ ହେବା ସହ ଏହି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନକୁ ଏକ ନୂତନ ଦିଶା ଦେବ ବୋଲି ଆଶା କରାଯାଉଛି। ବୈଠକରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ବେଳେ ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତା ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

### ଯାଜପୁର ବାଘ...

ବେଳେ ଡ୍ୟାନି ଏଭଳି ମନ୍ତବ୍ୟ ଦେଇଛନ୍ତି। ଅଳ୍ପଦିନ ତଳେ ଦଳର ମାମଲତକାର କୋରେଇରେ ବୈଠକ କରି ଡ୍ୟାନିଙ୍କ ନେତୃତ୍ୱ ଉପରେ ବୁଲେଇ ବଙ୍କେଇ ପ୍ରଶ୍ନ ଉଠାଇଥିଲେ। ସୁକିନ୍ଦା ବୈଠକକୁ ନେଇ ବି ଦୁଇ ନେତା ମୁହାଁମୁହିଁ ହୋଇଛନ୍ତି।

ତେବେ ନିଜକୁ ବାଘ ବୋଲି କହୁଥିବା ନେତା ନିଜେ ହାରିବା ସହିତ ନିଜ ଜିଲ୍ଲାରେ ଦଳକୁ ବି ରକ୍ଷା କରିପାରିନାହାନ୍ତି। ତେଣୁ ସିଏ ଏବେ ପୂରା କାଗଜବାଘ ପାଲଟିଯାଇଛନ୍ତି। ଏବେ ସେ ରଙ୍ଗ ବି ଛାଡ଼ିଗଲାଣି। ଆଗକୁ ଏହି ରଙ୍ଗ ଆହୁରି ଫିକା ହେବ ବୋଲି ବିଜେଡି କର୍ମୀମାନେ ବି କହିବା ଆରମ୍ଭ କରିଦେଇଛନ୍ତି। ଯାଜପୁର କଳି ଏବେ ରାଜଧାନୀରେ ପହଞ୍ଚିଥିବା ବେଳେ ଦୁଇ ବିଧାୟକଙ୍କ ନିଲମ୍ବନକୁ ନେଇ ଟେନସନ୍‌ରେ ଥିବା ବିଜେଡି ନେତୃତ୍ୱ ଏବେ କ'ଣ ପଦକ୍ଷେପ ନେଉଛନ୍ତି, ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି।

### ପୂର୍ବତନ ଜେଲର...

ବିଭାଗକୁ ରିପୋର୍ଟ ମାଗିଥିବା ସେ କହିଛନ୍ତି। ସର୍କଲ ଜେଲ କଟକ ବା ଚୌଦ୍ୱାର ଜେଲରୁ ଦୁଇ ହାର୍ଡକୋର ବିହାରୀ କଏଦୀ ଫେରାର ଘଟଣାକୁ ନେଇ ବିବାଦ ଉପୁଜିଥିଲା। ଏହି ବିବାଦରେ ପ୍ରଥମରୁ ଜେଲ ବିଭାଗର ନିଷ୍କ୍ରିୟତା ଯୋଗୁଁ ଏବେ ଜେଲ ଅଧୀକ୍ଷକ ଓ ପୂର୍ବତନ ଜେଲର୍ ପରସ୍ପର ଉପରେ ଦୋଷ ଲଦୁଛନ୍ତି। ନିଜକୁ ନିର୍ଦ୍ଦୋଷ ଦର୍ଶାଇବାକୁ ଯାଇ ଚୌଦ୍ୱାର ଥାନାରେ ଉଭୟ ପରସ୍ପର ବିରୋଧରେ ଏତଲା ଦେଇଛନ୍ତି। ଏହା ପରେ ସୁଜିତ ରାଉଳଙ୍କ କମ୍ପ୍ୟୁଟରରୁ ୩୭୫ ପୃଷ୍ଠାବିଶିଷ୍ଟ ଜେଲ ଦସ୍ତାବିଜ ଭାଇରାଲ ହେବାକୁ ନେଇ ସୃଷ୍ଟି ହୋଇଛି ହଟଚମଟ।

ଭାଇରାଲ ହୋଇଥିବା ଜେଲ କାଗଜପତ୍ରରେ ରହିଛି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ଆଭ୍ୟନ୍ତରୀଣ ଗୁଇନ୍ଦା ତଥ୍ୟ, ଜେଲରେ ରହୁଥିବା କଏଦୀଙ୍କ ତଥ୍ୟ ଏବେ ପଦାରେ ପଡ଼ିଛି। ଯାହା ଜେଲ୍‌ର ସୁରକ୍ଷାକୁ ବିପଦ ମୁହଁକୁ ଠେଲି ଦେଇଛି। ଏଭଳି ଏକ ସମ୍ବେଦନଶୀଳ ମାମଲାରେ ଏଯାଏଁ ପାଟି ଖୋଲୁନାହାନ୍ତି ଜେଲ୍ ଡିଜି। ଗତ ବର୍ଷ ଅକ୍ଟୋବର ୩ରେ ଦୁଇ ଦୁର୍ଦ୍ଦାନ୍ତ ବିହାରୀ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଚୌଦ୍ୱାର ଜେଲରୁ ଫେରାର ହୋଇଯାଇଥିଲେ। ଏହାପରେ ଗୋଟିଏ ପରେ ଗୋଟିଏ ବିବାଦ ସାମ୍ନାକୁ ଆସିବାରେ ଲାଗିଛି।

### ବିଜୟଙ୍କୁ ଡରୁଛନ୍ତି...

ନେତାମାନେ ବିଜୟଙ୍କ ବିରୁଦ୍ଧରେ କହିବାକୁ ପଛଘୁଞ୍ଚା ଦେଉଛନ୍ତି। କାରଣ ଅନେକଙ୍କ ବରିଷ୍ଠଙ୍କ ନିକଟରେ ସେଭଳି କିଛି ଠୋସ୍ ପ୍ରମାଣ ନ ଥିବାରୁ ସେମାନେ ଗଣମାଧ୍ୟମ ସମ୍ମୁଖରେ ଏହି ପ୍ରସଙ୍ଗ ଉଠାଇ ଅପ୍ରସ୍ତୁତ ହେବାକୁ ଚାହୁଁନାହାନ୍ତି। ଏହାଛଡ଼ା ଅନେକ ବରିଷ୍ଠଙ୍କର ବିଜୟଙ୍କ ସହ ଉତ୍ତମ ସମ୍ପର୍କ ରହିଛି। ସେମାନେ ଭଲ ଭାବେ ଜାଣିଛନ୍ତି ବିଜେଡିର ସବୁ ବରିଷ୍ଠଙ୍କ ଟିକିନିଖି ଖବର ବିଜୟଙ୍କ ନିକଟରେ ରହିଛନ୍ତି। ତେଣୁ ବିଜୟଙ୍କ ବିରୁଦ୍ଧରେ କହିବା ପୂର୍ବରୁ ଶହେ ଥର ଚିନ୍ତା କରିବାକୁ ପଡ଼ିବ। କାରଣ ସେମାନଙ୍କୁ ପ୍ରତିଆକ୍ରମଣର ଭୟ ବି ରହିଛି। ଅନ୍ୟ ପକ୍ଷରେ ବିଜେଡି ଆଜି ତା'ର ଅରବିନ୍ଦବିରୋଧୀ ମିଶନକୁ ରାଜଧାନୀର ପାଟକୁରାକୁ ସ୍ଥାନନ୍ତର କରିଛି। ପାଟକୁରାର ବିଜେଡି ନେତାମାନେ ସାମ୍ବାଦିକ ସମ୍ମିଳନୀ କରି କେବଳ ନବୀନଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କେଉଁପ୍ରକାର ଷଡ଼ଯନ୍ତ୍ର ହୋଇଥିଲା ବୋଲି ଗଣମାଧ୍ୟମ ପ୍ରଶ୍ନର ଉତ୍ତର ସେମାନେ କିଛି ଦେଇପାରିନଥିଲେ। ତେଣେ ଅରବିନ୍ଦଙ୍କ ସପକ୍ଷରେ ବି ସାମ୍ବାଦିକ ସମ୍ମିଳନୀ ହେବାରେ ଲାଗିଛି। ପାଟକୁରାରେ ବିଜେଡି ଦୁଇ ଫାଳ ହୋଇଯାଇଥିବା ବେଳେ ରାଜଧାନୀରେ କିନ୍ତୁ ବିଜୟ ମହାପାତ୍ର କିମ୍ବା ଅରବିନ୍ଦଙ୍କ ବିରୁଦ୍ଧରେ ବିଜେଡିର କୌଣସି ବରିଷ୍ଠ ନେତା ମୁହଁ ନ ଖୋଲିବା ଏବେ ଦଳୀୟ ରାଜନୀତିକୁ ଅଧିକ ସରଗରମ କରିବାରେ ଲାଗିଛି। ସମସ୍ତଙ୍କ ନଜର ଏବେ ଅରବିନ୍ଦଙ୍କ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ଓ ବିଜେଡିର ବରିଷ୍ଠ ନେତାଙ୍କ ଉପରେ ହିଁ ରହିଛି।

## ଗିରଫ ହେବେ ଅରବିନ୍ଦ ଅଗ୍ରୱାଲ୍ !

● ଅଦାଲତ ଅବମାନନା ନେଇ ୱାରେଣ୍ଟ୍ ଜାରି




**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଗିରଫ ହୋଇପାରନ୍ତି ଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ୍। କାରଣ ତାଙ୍କ ବିରୋଧରେ ଆଜି ହାଇକୋର୍ଟ ୱାରେଣ୍ଟ୍ ଜାରି କରିଛନ୍ତି। ଅଦାଲତ ଅବମାନନା ମାମଲାରେ ତାଙ୍କ ବିରୋଧରେ ଏହି ୱାରେଣ୍ଟ୍ ଜାରି କରାଯାଇଛି। ଆସନ୍ତା ୨୨ ତାରିଖରେ ଶ୍ରୀ ଅଗରୱାଲ୍‌ଙ୍କୁ କୋର୍ଟରେ ହାଜର କରିବା ସକାଶେ ପୁଲିସ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପୂର୍ବରୁ ହାଇକୋର୍ଟଙ୍କ ପକ୍ଷରୁ ଜାରି ଆଦେଶନାମାର ଅନୁପାଳନ କରିବା ପରେ ହିଁ ଶ୍ରୀ ଅଗରୱାଲ୍‌ଙ୍କୁ ଗିରଫଦାରୀ ଭୟରୁ ମୁକ୍ତି ମିଳିପାରିବ। ପୂର୍ବରୁ କୁଜଙ୍ଗ କଲେଜର ଅବସରପ୍ରାପ୍ତ ରିଡର ତପନ ପଟ୍ଟନାୟକ ଶ୍ରୀ ଅଗରୱାଲ୍‌ଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିବା ବେଳେ ଏହା ଉପରେ ହାଇକୋର୍ଟ ନିର୍ଦ୍ଦିଷ୍ଟ ଆଦେଶ ଜାରି କରିଥିଲେ। କିନ୍ତୁ ଶ୍ରୀ ଅଗରୱାଲ୍ ଉକ୍ତ ଆଦେଶର ଅନୁପାଳନରେ ନିୟମିତ ଅବହେଳା କରିଥିବାରୁ ଶେଷରେ ଏଥିରେ କ୍ଷୁବ୍ଧ ହୋଇ ହାଇକୋର୍ଟ ୱାରେଣ୍ଟ୍ ଜାରି କରିଛନ୍ତି।

## ୪୦ ଲକ୍ଷ ବେକାରଙ୍କୁ ଋଣ ଦେବାକୁ କଳିଙ୍ଗସେନାର ଦାବି

**ଭୁବନେଶ୍ୱର,୨୦।୧(ସଂଚାର ବ୍ୟୁରୋ):** ଓଡ଼ିଶାରୁ ୫ ବର୍ଷ ଭିତରେ ୩୦ ଲକ୍ଷ କୋଟି ଟଙ୍କାର ଜମା ରାଶି ସଂଗ୍ରହ କରୁଥିବା ବ୍ୟାଙ୍କମାନେ ରାଜ୍ୟର ପ୍ରତି ପଞ୍ଚାୟତରେ ଅତି କମ୍‌ରେ ୧୦୦ ଯୁବକଯୁବତୀଙ୍କୁ ୧୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିବା ଉଚିତ। ଏହି ଋଣ ପାଇବା ପାଇଁ ସରକାର ଗ୍ୟାରେଣ୍ଟର୍ ରହିବା ସହ ବେକାର ଯୁବକଯୁବତୀଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଏହି ଋଣ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ମୂଳଧନ ଜମା ବ୍ୟବସ୍ଥାର ଉଚ୍ଛେଦ କରିବା ସକାଶେ ଦାବି କରିଛି କଳିଙ୍ଗ ସେନା। ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଳିଙ୍ଗ ସେନା ସାଧାରଣ ସମ୍ପାଦକ ରାଧାମୋହନ ପଟ୍ଟନାୟକ, ବିଜୟ ରାଜ, ଇଂ ମନୋଜ ନାୟକ, ସୁମନ୍ତ ସ୍ୱାଇଁ, ଅମୂଲ୍ୟ ନାୟକ, ଉପସଭାପତି ଅବଦୁଲ କୟୁମ ଖାନ୍, ହିମାଂଶୁ ନାୟକ, ସଙ୍ଗଠନ ମନ୍ତ୍ରୀ ସଞ୍ଜୟ ପ୍ରଧାନ, ସମ୍ପାଦକ ଅଶୋକ ସାହୁ, ନାରୀ ନେତ୍ରୀ ମୋନାଲିସା ବିଶ୍ୱାଳ ଉପସ୍ଥିତ ଥିଲେ।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶାରେ ନିଜର ଶାଖା ଖୋଲିଥିବା ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ୍‌ମାନେ ଦିନକୁ ଦିନ ଅଧିକରୁ ଅଧିକ ଜମା ସଂଗ୍ରହ କରୁଛନ୍ତି। ହେଲେ ଏମାନେ ଜମା ସଂଗ୍ରହ ତୁଳନାରେ ରାଜ୍ୟର ବେକାର ଯୁବକଯୁବତୀଙ୍କୁ ବ୍ୟବସାୟ କିମ୍ବା ପାଠ ପଢ଼ିବା ପାଇଁ ଋଣ ଦେଉନାହାଁନ୍ତି। ବରଂ ଓଡ଼ିଶାରୁ ସଂଗ୍ରହ କରୁଥିବା ବିପୁଳ ପରିମାଣର ଜମାକୁ ଅନ୍ୟ ରାଜ୍ୟରେ ଖଟାଇ ମାଲେମାଲ ହେଉଛନ୍ତି। ଓଡ଼ିଶାରେ ଯେଉଁ ଋଣ ଦେଉଛନ୍ତି, ତା'ର ସିଂହଭାଗ ଘର ଓ ଗାଡ଼ି ପାଇଁ ଋଣ କିମ୍ବା ବିଭିନ୍ନ ଶିଳ୍ପସଂସ୍ଥାକୁ ଯାଉଛି। କୃଷି ଋଣ, କ୍ଷୁଦ୍ର ବ୍ୟବସାୟ, ଚଳଚ୍ଚିତ୍ର ପ୍ରଯୋଜକ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସ୍କିମରେ ଋଣ ଦେବାକୁ ଏମାନେ ପଛଘୁଞ୍ଚା ଦେଉଛନ୍ତି। ଅବସ୍ଥା ଏପରି ହୋଇଛି ଯେ ଏମାନଙ୍କଠାରୁ କେତେକ ଅଣଓଡ଼ିଆ ଶିଳ୍ପପତି ଓ ବ୍ୟବସାୟୀ ମୋଟା ଅଙ୍କର ଋଣ ନେଇ ଓଡ଼ିଶା ଛାଡ଼ି ପଳାଉଛନ୍ତି। ତେଣୁ ବ୍ୟାଙ୍କମାନେ ତୁରନ୍ତ ଓଡ଼ିଶାର ବେକାରଙ୍କୁ ପଞ୍ଚାୟତ ସ୍ତରରେ ଋଣ ପ୍ରଦାନ ବ୍ୟବସ୍ଥା କରିବା ଉଚିତ। ସରକାର ଏହି ଋଣ ପାଇଁ ନିଜେ ଗ୍ୟାରେଣ୍ଟର ହେବା ଦରକାର। ଏପରି ହେଲେ ବେକାରମାନେ ସହଜରେ ଓ ସରଳ ଭାବେ ଋଣ ପାଇପାରିବେ। ଏଥିସହ ଗତ ୫ ବର୍ଷ ମଧ୍ୟରେ କେଉଁ ବ୍ୟାଙ୍କ କେଉଁ ଜିଲ୍ଲାର କେତେ ଯୁବକଯୁବତୀଙ୍କୁ ଋଣ ପ୍ରଦାନ କରିଛନ୍ତି, ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି ତା' ଉପରେ ଏକ ଶ୍ୱେତପତ୍ର ଜାରି କରିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। କାରଣ ଓଡ଼ିଶାରୁ ସଂଗ୍ରହ ପୁଞ୍ଜି ମଧ୍ୟରୁ କେଉଁ ରାଜ୍ୟରେ କେତେ ଖଟାଯାଉଛି, ତା' ରାଜ୍ୟବାସୀ ଜାଣିବା ଦରକାର ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ଖୋଲୁନି ସରକାରୀ ଧାନମଣ୍ଡି, ହନ୍ତସନ୍ତ ଚାଷୀ



**କାକଟପୁର/ଅସ୍ତରଙ୍ଗ,୨୦।୧ (ସଂଚାର ବ୍ୟୁରୋ):** ଦୁଃସ୍ଥିତିରେ ଚାଷୀ। ଗାଁ ଗାଁରେ ଦଲାଲ ଧାନ ବ୍ୟବସାୟୀ ସକ୍ରିୟ। ପଦାରେ ପଡିଛି ରାଜ୍ୟ ସରକାରଙ୍କ କୃଷି ମାରଣ ନୀତି। କେବେ ଖୋଲିବ ସରକାରୀ ଧାନ ମଣ୍ଡି। ମଣ୍ଡି ପାଇଁ ବଢ଼ିଲା ମୁଣ୍ଡ ବିନ୍ଧା। ବେଡି ଉପରେ କୋରଡ଼ା ମାଡ଼। ଗୋଟିଏ ପଟେ ମଣ୍ଡି ଖୋଲୁନି ଅନ୍ୟ ପଟେ ଅମଳ ଧାନକୁ ଶାଗ ମାଛ ଦରରେ କିଣି ନେଉଛନ୍ତି ଦଲାଲ। ୨୦୨୬ ଜାନୁଆରୀ ୧୫ରୁ ୧୭ ତାରିଖରେ ପୁରୀ ଜିଲ୍ଲାରେ ମଣ୍ଡି ଖୋଲିବା ନେଇ ଜିଲ୍ଲାସ୍ତରୀୟ ପୋକ୍ୟୁରମେଣ୍ଟ କମିଟି ନିଷ୍ପତି ନେଇଥିଲା। ଏହାକୁ ନେଇ ଚାଷୀମାନେ ବେଶ ଉତ୍ସାହିତ ହୋଇ ଯାଇଥିଲେ। ହେଲେ ଏହା ମଧ୍ୟରେ କିଛି ଦିନ ବିତିଯାଇଥିଲେ ମଧ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳରେ ମଣ୍ଡି ଖୋଲିନଥିବା ଜଣାପଡିଛି।

ପୁରୀ ଜିଲ୍ଲା କାକଟପୁର ବ୍ଲକରେ ୧୫ଟି ସେବା ସମବାୟ ସମିତିରେ ୨୪-୨୫ରେ ୩୨୧୮ଜଣ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ୩୭୬୪ଜଣ ପଞ୍ଜିକରଣ କରିଛନ୍ତି। ସେହିପରି ଅସ୍ତରଙ୍ଗ ବ୍ଲକରେ ୧୦ଟି ସେବା ସମବାୟ ସମିତି ରେ ୨୪-୨୫ରେ ୨୭୧୩ଜଣ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ୩୨୫୪ଜଣ ପଞ୍ଜିକରଣ କରିଛନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଶତ ପ୍ରତିଶତ ଧାନ ଉଠାଯିବାକୁ ବିଭାଗୀୟ ଅଧିକାରୀ କହିଛନ୍ତି। ଯେଉଁ ଚାଷୀଙ୍କ ପାଖକୁ ଟୋକନ ଆସିଛି ତାର ସମୟ ସୀମା ଏକ ମାସ ରହିଥିବା ବେଳେ ଆଦ୍ୟାବିଧି କିଛି ଦିନ ଅତିକ୍ରମ କରିଗଲାଣି। ମଣ୍ଡି ଖୋଲିବାରେ ବିଳମ୍ବ ହେଲେ ଟୋକନର ସମୟ ସୀମା ଅତିକ୍ରାନ୍ତ କରିଯିବ। ଯାହାକୁ ନେଇ ଚାଷୀ ଆଶଙ୍କାରେ ରହୁଛନ୍ତି। ଅଦିନିଆଁ ବର୍ଷାରେ ଚାଷୀର ସୁନାର ଫସଲ ନଷ୍ଟ ହୋଇଯାଇଥିବା ବେଳେ ସେଥିରୁ ଯାହା କିଛି ବଂଚିଛି ତାକୁ ଅମଳ କରି ସରକାରଙ୍କୁ ମଣ୍ଡି ମାଧ୍ୟମରେ ବିକ୍ରୟ କରି ଗାଁ ସାହୁକାର, ବ୍ୟାଙ୍କ, ସେବା ସମବାୟ ସମିତିରୁ ଆଣିଥିବା ଋଣ ଶୁଝିବା ପାଇଁ ଚାଷୀମାନେ ଚିନ୍ତାକରିଥିଲେ। ହେଲେ ଏ ପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ। ଋଣ ଶୁଝିବା ପାଇଁ ଚାଷୀ ମାନେ ବାଧ ହୋଇ ଶାଗ ମାଛ ଦର ରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏହାର ଫାଇଦା ଉଠାଉଛନ୍ତି କିଛି ଅସାଧୁ ବ୍ୟବସାୟୀ। ବାହାର ବ୍ୟବସାୟୀ ଚାଷୀଙ୍କ ଠାରୁ ୧୭ଶହ ଓ ୧୯ଶହ ଟଙ୍କାରେ କିଣି ନେଉଛନ୍ତି। ଚାଷୀଙ୍କୁ ବିକାଶର ଗୋଲାପୀ ଛବି ଦେଖାଉଥିବା ନୂତନ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ପଦାରେ ପଡିଛି।

## ବଇଁଚୁଆରେ ଖୋଲିଲା ଧାନମଣ୍ଡି

**ବାଲିଅନ୍ତା,୨୦।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ସେବା ସମବାୟ ସମିତି ପକ୍ଷରୁ ଆଜି ଧାନମଣ୍ଡି ଶୁଭାରମ୍ଭ ହୋଇଛି। ମଣ୍ଡିରୁ ୧୫ ଜଣ ଚାଷୀଙ୍କ ଠାରୁ ୪୫୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଏହି ଅବସରରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ସମବାୟ ସମିତି ସଭାପତି ବେଣୁଧର ପରିଡା,ଏରିଆ ଅଫିସର ଅମୀୟ କୁମାର ଖୁଣ୍ଟିଆ, ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣିଭୁଷଣ ବାରିକ, ପ୍ରଦୀପ୍ତ ଜେନାମଣି,ସମବାୟବିତ ବିପିନ ବିହାରୀ ପାତ୍ର,ରାଜସ୍ୱ ନିରୀକ୍ଷକ ସମିର ବେହେରା ଓ ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ। ସମ୍ପାଦକ ଦେବେନ୍ଦ୍ର ପୃଷ୍ଟି ମଣ୍ଡି ପରିଚାଳନା କରିଥିଲେ। ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରତି ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ଧାନ କିଣାଯିବ ବୋଲି ସମ୍ପାଦକ କହିଛନ୍ତି। ମଣ୍ଡିରୁ ପ୍ରଥମ ପର୍ଯ୍ୟାୟରେ ୪ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜଣାଯାଇଛି।

## ବେଲଘର ବନାଞ୍ଚଳ ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାରେ ରେଞ୍ଜର ନିଲମ୍ବିତ

**ଫୁଲବାଣୀ,୨୦।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ବନଖଣ୍ଡର ବେଲଘର ବନାଞ୍ଚଳ ଅନ୍ତର୍ଗତ ଝିରିପାଣି ମୁଣ୍ଡୁଟି ଜଙ୍ଗଲ ରେ ହାତୀ ମୃତ୍ୟୁ ଘଟଣାର ତଦନ୍ତ ପରେ ବେଲଘର ରେଞ୍ଜର ବିନୟ କୁମାର ବିଶି ନିଲମ୍ବିତ ହୋଇଥିବା ସୂଚନା ମିଳିଛି। ଚଳିତ ମାସ ଜାନୁଆରୀ ମାସ ୫ ତାରିଖରେ ଝିରିପାଣି ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଅଭିଯୋଗ ହୋଇଥିଲା। ହାତୀ ମୃତ୍ୟୁ ପରେ ମୃତ ଦେହ ଅନ୍ୟତ୍ର ଲୁଚାଇ ଚପାଇବାକୁ ରେଞ୍ଜର ଉଦ୍ୟମ କରିଥିବା ଅଭିଯୋଗ ମଧ ହୋଇଥିଲା। ହାତୀ ମୃତ୍ୟୁ ପରେ ମୁଣ୍ଡୁଟି ଜଙ୍ଗଲରୁ ମୃତଦେହକୁ ଅନ୍ୟତ୍ର ନିଆଯାଇ ବେଲଘର ପଞ୍ଚାୟତର କାତାପାନା ନର୍ସରୀରେ ଖଣ୍ଡ ବିଖଣ୍ଡିତ କରି ପୋତା ଯାଇଥିବା ଅଭିଯୋଗ ମଧ ହୋଇଥିଲା। ବେଲଘର ରେଞ୍ଜର ବିନୟ କୁମାର ବିଶି ଘଟଣାକୁ ଚପାଇଦେବାକୁ ଉଦ୍ୟମ କରିଥିବା ନେଇ ତଦନ୍ତରୁ ବାଲିଗୁଡା ଡ଼ିଏଫଓ ଘନଶ୍ୟାମ ମହାନ୍ତି ସୃଷ୍ଟ ହୋଇଥିଲେ। ତଦନ୍ତ ପରେ ବେଲଘର ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବିତ କରାଯିବା ସହ ଅଧିକ ତଦନ୍ତ ଅବ୍ୟାହତ ରଖାଯାଇଥିବା ବିଷୟ ଡିଏଫ ଓ ପ୍ରକାଶ କରିଛନ୍ତି।

## ୟୁଟ୍ୟୁବର୍ ତପୀ ମିଶ୍ର ଓ ପ୍ରକାଶ ନାୟକ ନାମରେ ଲିଖିତ ଅଭିଯୋଗ ଦାଖଲ କଲା ଭୀମ ଆର୍ମି



**ଆନନ୍ଦପୁର, ୨୦।୧ (ସଂଚାର ବ୍ୟୁରୋ):** ସୋସିଆଲ ମିଡିଆରେ ସକ୍ରିୟ ତପୀ ମିଶ୍ର ଏବଂ ପ୍ରକାଶ ନାୟକଙ୍କ ଭଳି ଅସାମାଜିକ ତତ୍ତ୍ୱ ବିରୁଦ୍ଧରେ ଘସିପୁରା ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛି ଭୀମ ଆର୍ମି। କେନ୍ଦୁଝର ଜିଲ୍ଲା ସଭାପତି ସତ୍ୟବ୍ରତ ଜେନାଙ୍କ ନେତୃତ୍ୱରେ ଆଜି ଆନନ୍ଦପୁର ଉପଖଣ୍ଡର ଭୀମ ଆର୍ମି ସଂଗଠନର କର୍ମକର୍ତ୍ତା ମାନେ ଏକତ୍ରିତ ହୋଇ ଘଷିପୁରା ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏହି ବ୍ୟକ୍ତିମାନେ ଫେସବୁକ୍ ଓ ୟୁଟ୍ୟୁବ୍‌ରେ ଭିଡିଓ ପ୍ରସାରଣ କରି ସାମ୍ପ୍ରଦାୟିକ ହିଂସା ଭଡ଼କାଇବା, ଏସ୍‌ସି/ଏସ୍‌ଟି ସମାଜ ବିରୁଦ୍ଧରେ ଜାତିଆଣ ଗାଳିଗୁଲଜ ଏବଂ ଭାରତ ରତ୍ନ ଡ଼. ଭୀମରାଓ ଆମ୍ବେଡ଼କରଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେବା ସହ ଅସଭ୍ୟ ଭାଷାର ପ୍ରୟୋଗ କରୁଛନ୍ତି। ଏହି ଭିଡିଓଗୁଡ଼ିକରେ ସେମାନେ ଘୃଣା ଓ ବିଦ୍ୱେଷର ବହ୍ନି ଜଳାଇ ସମାଜରେ ଦଙ୍ଗା-ହିଂସା ସୃଷ୍ଟି କରିବାର ପ୍ରୟାସ କରୁଥିବା ଅଭିଯୋଗ ରହିଛି। ସୋସିଆଲ ମିଡିଆ ପ୍ଲାଟଫର୍ମକୁ ଅସ୍ଥିରତା ସୃଷ୍ଟି କରିବାର ଅସ୍ତ୍ର ଭାବରେ ବ୍ୟବହାର କରି ସେମାନେ ସାମାଜିକ ଶାନ୍ତି ଭଙ୍ଗ କରିବାର ଚେଷ୍ଟା କରୁଥିବା ଦର୍ଶାଯାଇଛି। ଅଭିଯୋଗକାରୀ ସ୍ଥାନୀୟ ପ୍ରଶାସନ ଏବଂ ପୁଲିସ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ତତ୍‌କ୍ଷଣାତ୍ ରୋକ ଲଗାଇବା ଏବଂ ଅଭିଯୁକ୍ତ ଅସାମାଜିକ ତତ୍ତ୍ୱଙ୍କୁ ଦ୍ରୁତ ଗିରଫ କରି ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

# କୃଷି ଯନ୍ତ୍ରପାତି ମେଳା ପାଲଟିଛି ପ୍ରହସନ

### ଅତିଥିଙ୍କ ଭାଷଣ ଛାଡ଼ି ଖାଇବାରେ ବ୍ୟସ୍ତ ଚାଷୀ



**ଆନନ୍ଦପୁର, ୨୦।୧ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଷ୍ଟାଡିୟମ୍ ପଡ଼ିଆ ଠାରେ ଆନନ୍ଦପୁର କୃଷି ବିଭାଗ ପକ୍ଷରୁ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଛି। ଏହି ଯନ୍ତ୍ରପାତି ମେଳା ତିନିଦିନ ଚାଲୁ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି କୃଷି ଯନ୍ତ୍ରପାତି ମେଳା ପ୍ରହସନ। ଚାଷୀଙ୍କ ପାଇଁ ନୁହେଁ, ନେତାମାନଙ୍କ ପାଇଁ ହେଉଛି କି ଏହି ମେଳା ବୋଲି ପ୍ରଶ୍ନ ଉଠୁଛି ?

ଆନନ୍ଦପୁର ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ଅବ୍ୟବସ୍ଥାର ସ୍ତର ଦେଖି ଚାଷୀ ଅସନ୍ତୋଷ ଝାଡ଼ିଲେ... ପିଇବାକୁ ପାଣି ନଥିଲା, ତାପରେ ହାତ ଗଣତି କେଇ ଜଣ ଚାଷୀଙ୍କୁ ନେଇ ପାଳନ ହେଉଥିବା ନେଇ ଅଭିଯୋଗ। ଏପରିକି ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳୁଥିବାର ମଧ ଅଭିଯୋଗ ହୋଇଛି। ଆନନ୍ଦପୁର ମହାବିଦ୍ୟାଳୟର ଇଂରାଜୀ ଅଧାପକ ଦୁର୍ଗା ଶଙ୍କର ପରିଡା ପିଲାଙ୍କୁ ପାଠ ପଢ଼ାଇବା ବଦଳେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସଭା ପରିଚାଳନା କରୁଥିବାର ଦେଖିବାକୁ ମିଳିଥିଲା। ଏନେଇ ଏବେ ଅଧାପକ ବିବାଦ ଭିତରେ ଛନ୍ଦି ହୋଇ ଯାଇଛନ୍ତି।

ଚାଷୀଙ୍କ ପାଇଁ ହେବାକୁ ଥିବା ମେଳାକୁ ଆଖି ଆଗରେ ଆୟୋଜନ ହେଲା ଚାଷୀଙ୍କ ପାଇଁ କୃଷି ଯନ୍ତ୍ରପାତି ମେଳା। କାଗଜରେ ବଡ଼... ମୈଦାନରେ ପ୍ରହସନ। ଏହି ମଞ୍ଚରେ ମଞ୍ଚାସିନ ଥିବା ହାଟଡିହି ବ୍ଲକର ବ୍ଲକ୍ ଅଧକ୍ଷା ସାବିତ୍ରୀ ସେଠୀ କହିଥିଲେ ଉପଖଣ୍ଡ ସ୍ତରୀୟ କାର୍ଯ୍ୟକ୍ରମକୁ ଯଦି ବ୍ଲକ୍ ସ୍ତରୀୟ କରାଯାଏ ତେବେ ଗ୍ରାମାଞ୍ଚଳରୁ ଅନେକ ଚାଷୀ ଯୋଗ ଦେଇଥାନ୍ତେ। ତେବେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଧାରାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସବୁଠୁ ବଡ଼ ନିନ୍ଦନୀୟ କଥା ହେଉଛି ମଞ୍ଚାସିନ ଅତିଥିମାନେ ଚାଷୀଙ୍କ ପାଇଁ ଯେଉଁ ବକ୍ତବ୍ୟ ରଖୁଥିଲେ ସେଇ ସମୟରେ ଶୁଣିବା ପାଇଁ କୌଣସି ଚାଷୀ ନଥିଲେ ଏବଂ ଏପଟେ ଖାଇବା ଷ୍ଟଲ୍ ଖୋଲି ଦେବାରୁ ଆସିଥିବା ଚାଷୀମାନେ ଖାଇବାରେ ବ୍ୟସ୍ତ ଥିଲେ। ଏଭଳି ଅବ୍ୟବସ୍ଥା କୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖା ଦେଇଛି।

# କିନ୍ନର ସଂଘର ବାର୍ଷିକ ଉତ୍ସବ ପାଳିତ



**ନବରଙ୍ଗପୁର/ଉମରକୋଟ,୨୦।୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର କଲ୍ୟାଣ ମଣ୍ଡପ ଠାରେ ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘର ବାର୍ଷିକ ଉତ୍ସବ ଓ ସ୍ମୃତି ସମ୍ମାନ ସମାରୋହ ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି। ଜିଲ୍ଲା କିନ୍ନର ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ତଥା ଅନୁସୂଚିତ ଜାତି ଓ ଜନଜାତି ତଥା ଭିନ୍ନକ୍ଷମ ସଶକ୍ତିକରଣ କ୍ୟାବିନେଟ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥ୍ୟ ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନକରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କିନ୍ନର ମାନଙ୍କ ଅଧିକାଂଶ ସମସ୍ୟାର ସମାଧାନ ହୋଇଛି ଏବଂ ଆଗାମୀ ଦିନରେ ଅନ୍ୟ ସମସ୍ତ ସମସ୍ୟାର ସମାଧାନ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ ଅତିଥ୍ୟ ମନ୍ତ୍ରୀ ଶ୍ରୀ ଗଣ୍ଡ ମତବ୍ୟକ୍ତ କରିଥିଲେ। ଆତିଥିମାନେ କିନ୍ନର ମାନଙ୍କ ବିଭିନ୍ନ ସମସ୍ୟା ଓ ତାହାର ଆଶୁ ସମାଧାନ କରିପାରିଲେ ସେମାନେ ମଧ ଯୁଗ ସହ ତାଳଦେଇ ଚାଲି ପାରିବେ ବୋଲି ମତ ପ୍ରକାଶ କରିଥିଲେ।

ସମାଜରେ ଲୁକ୍କାୟିତ ଭାବେ ବସବାସ କରୁଥିବା କିନ୍ନର ମାନଙ୍କୁ ଖୋଜି ବାହାର କରିପାରିଲେ ସଂଗଠନ ଅଧିକ ମଜବୁତ ହୋଇ ପାରିବ ବୋଲି ନିଜ ଅଭିଭାଷଣରେ ଅଧକ୍ଷ ଶ୍ରୀ ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା କିନ୍ନର ସଂଘ ପକ୍ଷରୁ ସମାଜର ବିଭିନ୍ନ ଶ୍ରେଣୀର ପ୍ରତିଷ୍ଠିତ ଅନୁଷ୍ଠାନ ଏ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଥାନା ଅଧିକାରୀ ରମାକାନ୍ତ ସାଏ ଯୋଗ ଦେଇଥିଲେ।

## ଦୁର୍ନୀତି ଦେଖିବାକୁ ଥିବା କ୍ୟାମେରା ନିଜେ ଅନ୍ଧ

● ସିସିଟିଭି କ୍ୟାମେରା ମୁହଁ ତଳକୁ



**ଯାଜପୁର, ୨୦।୧ (ସଂଚାର ବ୍ୟୁରୋ):** ଯାଜପୁରରେ ସରକାରୀ ଅଫିସରେ ଦୁର୍ନୀତି ରୋକିବା ଓ ପ୍ରଶାସନିକ ପାରଦର୍ଶିତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାପାଳ କାର୍ଯ୍ୟାଳୟରେ ଲଗାଯାଇଥିବା ବହୁମୂଲ୍ୟ ସିସିଟିଭି କ୍ୟାମେରା ଆଜି ନିଜେ ନିଜେ 'ଅନ୍ଧ' ହୋଇଯିବା ସାଧାରଣରେ ଗମ୍ଭୀର ପ୍ରଶ୍ନ ଉଠାଇଛି। କେତେକ କ୍ୟାମେରା ସମ୍ପୂର୍ଣ୍ଣ ଅଚଳ, ତ ଆଉ କେତେକର ଲେନ୍ସ ଭୂମି ଦିଗକୁ ମୁହଁ କରି ରହିଥିବା ଦୃଶ୍ୟ ଦେଖି ଚର୍ଚ୍ଚା ତୀବ୍ର ହୋଇଛି ଏହା କି ମାତ୍ର ଅବହେଳା, ନା ଉଦ୍ଦେଶ୍ୟପୂର୍ଣ୍ଣ 'ନିରବତା'। ଜିଲ୍ଲାପାଳ ଅଟ୍ଟାଳିକାର ସମସ୍ତ ତଳରେ ସିସିଟିଭି ବ୍ୟବସ୍ଥା ରହିଥିବା ସତ୍ତ୍ୱେ ବର୍ତ୍ତମାନ ତାହାର କାର୍ଯ୍ୟକ୍ଷମତା ଉପରେ ଗଭୀର ସନ୍ଦେହ ସୃଷ୍ଟି ହୋଇଛି। ଦିନକୁ ଦିନ ଜିଲ୍ଲାପାଳଙ୍କୁ ଭେଟିବାକୁ ଠିକା ସଂସ୍ଥା, କର୍ପୋରେଟ୍ ପ୍ରତିନିଧି, ଏବଂ ଅନଧିକୃତ ଖନନ ସହ ଚର୍ଚ୍ଚିତ ଗୋଷ୍ଠୀମାନେ ଆସୁଥିବା ପରିସ୍ଥିତିରେ ଯଦି ନିରୀକ୍ଷଣ ବ୍ୟବସ୍ଥା ଦୁର୍ବଳ, ତେବେ ପ୍ରଶାସନିକ ପାରଦର୍ଶିତା କଥା କେବଳ କାଗଜରେ ସୀମିତ ରହିଯିବ। ପ୍ରଶ୍ନ ଉଠୁଛି ସିସିଟିଭି ରେକର୍ଡିଂ କାହିଁକି ସଠିକ ଭାବେ ଚାଲୁନାହିଁ। ଏହାର ଦାୟିତ୍ୱ କାହାର ପାରଦର୍ଶିତା ଦେଖାଇବାକୁ ଥିବା କ୍ୟାମେରା ଯଦି ନିଜେ 'ମୁହଁ ତଳକୁ' କରି ରହେ, ତେବେ ସାଧାରଣ ଲୋକଙ୍କ ଭରସା ପ୍ରଶାସନ ଉପରେ କିପରି ରହିବ। ସରକାରୀ କାର୍ଯ୍ୟାଳୟରେ ଏପରି ଅବସ୍ଥା କେବଳ ପ୍ରଶାସନକୁ ନୁହେଁ, ସରକାରଙ୍କ ଛବିକୁ ମଧ ମଳିନ କରୁଛି।

## ଥାନା ଭିତରେ ଅଭିଯୋଗକାରୀଙ୍କୁ ଗାଳି ଓ ମାଡ଼

### ଯାଜପୁର ଥାନା ଆଇଆଇସି ବିରୁଧରେ ଗମ୍ଭୀର ଅଭିଯୋଗ




**ଯାଜପୁର, ୨୦।୧ (ସଂଚାର ବ୍ୟୁରୋ):** ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବାକୁ ଥିବା ପୁଲିସ ଥାନା ଯଦି ଭୟର କେନ୍ଦ୍ର ହୋଇଯାଏ, ତେବେ ଆଇନ ଶାସନର ଅବସ୍ଥା କେଉଁଠି ଏହି ପ୍ରଶ୍ନ ଉଠାଇଛି ଯାଜପୁର ଥାନାରେ ଘଟିଥିବା ଏକ ଗମ୍ଭୀର ଅଭିଯୋଗ। ଯାଜପୁର ସହର ଅନ୍ତର୍ଗତ କୋଟବସନ୍ତପୁର ଗ୍ରାମର ବାସିନ୍ଦା ରଞ୍ଜିତ ସାହୁ (ପିତା—କାର୍ତ୍ତିକ ସାହୁ) ଅଭିଯୋଗ କରିଛନ୍ତି ଯେ, ଗତ ତାରିଖ ୧୯/୦୧/୨୦୨୬ ସୋମବାର ରାତ୍ର ପ୍ରାୟ ୯ଟା ସମୟରେ ସେ ଜଣେ ବ୍ୟକ୍ତି (ସନା ଖାଁ) ସମ୍ପର୍କିତ ଅଭିଯୋଗ ନେଇ ଯାଜପୁର ଥାନାକୁ ଯାଇଥିଲେ। କିନ୍ତୁ ତାଙ୍କ ଅଭିଯୋଗ ଗ୍ରହଣ କରିବା ପରିବର୍ତ୍ତେ ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଶରତ ପାତ୍ର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗରେ ଆହୁରି ଉଲ୍ଲେଖ ଅଛି ଯେ, ଶରତ ପାତ୍ର ତାଙ୍କ ଡାହାଣ ଆଖି ପାଖକୁ ମୁଠା ମାରି ଆକ୍ରମଣ କରିଥିଲେ ଏବଂ "ମୁଁ ଯେତେଦିନ ଥାନାରେ ରହିବି, ତୁ ଆଉ ଥାନାକୁ ଆସିବୁ ନାହିଁ—ଆସିଲେ ତୋ ଅବସ୍ଥା ଆହୁରି ଖରାପ କରିଦେବି" ବୋଲି ଧମକ ଦେଇଥିଲେ।

ଥାନା ଭିତରେ ଏପରି ଘଟଣା ଘଟିଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଆକ୍ରୋଶ ସୃଷ୍ଟି ହୋଇଛି। ଅଭିଯୋଗକାରୀ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କଠୋର ଓ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଖଣି ଅଧିକାରୀଙ୍କ ଦ୍ୱାରା ୨ ପଥର ବୋଝେଇ ଗାଡି ଜବତ

**ନୀଳଗିରି,୨୦।୧ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନ ୪ଘଟିକା ସମୟରେ ବାଲେଶ୍ୱର ଖଣି ଅଧିକାରୀଙ୍କ ଦ୍ୱାରା ୨ ଗୋଟି ପଥର ବୋଝେଇ ଡମ୍ଫର ଜବତ କରି ନୀଳଗିରି ଥାନାରେ ଆଣି ଜିମା ଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଆଜି ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ବାଲେଶ୍ୱର ଖଣି ବିଭାଗର ଜୁନିୟର ଅଧିକାରୀ ସଦଳବଳେ ଈଶ୍ୱରପୁର ଫାଣ୍ଡି ନିକଟରେ ପେଟ୍ରୋଲିଂ କରୁଥିବା ବେଳେ ଓଆର୦୧ଆର୍ ୪୪୪୪ ଓ ଓଡି୦୧ବିଏ୨୭୯୭ ନମ୍ବର ବିଶିଷ୍ଟ ୨ ଗୋଟି ଚୋରା ପଥର ବୋଝେଇ ଡମ୍ଫର ଜବତ କରିଥିଲେ। ପରେ ନୀଳଗିରି ଥାନାକୁ ଆଣି ଜିମା ଦେଇଥିଲେ। ତେବେ ଖବର ଲେଖା ହେବା ବେଳକୁ ନୀଳଗିରି ଥାନା ରେ ଖଣି ବିଭାଗ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇ ନଥିବା ଆଇଆଇସି ଗୋବର୍ଦ୍ଧନ ନାୟକ ସୂଚନା ଦେଇଛନ୍ତି।



# ଶିକ୍ଷୟିତ୍ରୀ ବଦଳିକୁ ନେଇ ପୁଣି ବିକ୍ଷୋଭ



**ସତ୍ୟବାଦୀ,୨୦।୧ (ସଂଚାର ବ୍ୟୁରୋ):** ସୋମବାର ସାକ୍ଷୀଗୋପାଳ ବାଳିକା ଉଚ୍ଚ ବିଦ୍ୟାଳୟରେ ଘଟିଥିବା ଅଭାବନୀୟ ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଛି ସତ୍ୟବାଦୀ ବ୍ଲକ ଅଧୀନ ଅଳଗୁମର ଜଗେଶ୍ୱରୀ ବିଦ୍ୟାପୀଠରେ। ପିଇଟି ଶିକ୍ଷୟତ୍ରୀ ଜୟଶ୍ରୀ ପଣ୍ଡାଙ୍କ ବଦଳି ବାତିଲ ଦାବି କରି ବିଦ୍ୟାଳୟର ଛାତ୍ର/ଛାତ୍ରୀମାନେ ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ। ଉଦ୍ଦେଶ୍ୟମୂଳକ ଭାବେ ଆମ ଶିକ୍ଷୟତ୍ରୀଙ୍କୁ ବଦଳି କରାଯାଇଥିବାରୁ ଏହି ଆଦେଶ ତୁରନ୍ତ ପ୍ରତ୍ୟାହାର କରିବାକୁ ଛାତ୍ରଛାତ୍ରୀମାନେ ଦାବୀ କରିଥିଲେ। ଏପରିକି କିଛି ଅବିଭାବକମାନେ ମଧ ଏହି ଆନ୍ଦୋଳନରେ ସମିଲି ହୋଇଥିଲେ।

ଛାତ୍ର ଛାତ୍ରୀ ମାନଙ୍କ କହିବା କଥା ଜୟଶ୍ରୀ ପଣ୍ଡା ମାଡାମ ଖେଳ ଶିଖେଇବା ସହିତ ସେ ଶ୍ରେଣୀ ରେ ମଧ ପାଠ ପଢାନ୍ତି। ସୋମବାର ଠାରୁ ଆରମ୍ଭ ହୋଇଥିବା ପ୍ରିମାଟ୍ରିକ ପରୀକ୍ଷା ବିଳମ୍ବ ହେବାରୁ ଖବରପାଇ ସତ୍ୟବାଦୀ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଛାଟୋଇ ମୋତିଲାଲ ରାୟଙ୍କ ସହିତ ଅନ୍ୟ ଅଧିକାରୀ ମାନେ ଆନ୍ଦୋଳନ ଚଳାଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ବୁଝାସୁଝା କରିଥିଲେ। ସେମାନଙ୍କ ଦାବି ସମ୍ପର୍କରେ ଉଚ୍ଚ କୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ ତଦନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବାର ପ୍ରତିଶୃତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ଅଭିଯାନ ଉଦଯାପିତ

**ନୀଳଗିରି,୨୦।୧ (ସଂଚାର ବ୍ୟୁରୋ):** ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଦୀର୍ଘ ସାତ ତାରିଖ ଠାରୁ ଉଣେଇଶ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସରକାରଙ୍କ ଆତ୍ମସୁରକ୍ଷା ଅଭିଯାନର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବରିଷ୍ଠ ଅଧାପିକା ମମତା ବରାଳ, ମଣିମାଳା ବିଶ୍ୱାଳ, ଅଧାପିକା ମୌସୁମୀ ଭୋଳ, ଅଧାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷିକା ଭାବରେ ରଶ୍ମିରେଖା ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କ ମଧ୍ୟରେ ଥିବା ଉତ୍ସାହକୁ ପ୍ରକାଶ କରିଥିଲେ। ଉକ୍ତ ଶିବିରରେ ଯୋଗଦେଇଥିବା ସମସ୍ତ ଛାତ୍ରୀମାନଙ୍କୁ ଅଧକ୍ଷା ଶ୍ରୀମତୀ ପଣ୍ଡା ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ରକ୍ତ କର୍କଟରେ ପୀଡ଼ିତ ବାଳକଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ



**ଧାମନଗର,୨୦।୧ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ଗ୍ରାମ ପଞ୍ଚାୟତ ପଳିକିରୀ (ଗୋପାଳ ସାହି) ର ଉମେଶ ଦାସ ଓ ଶୁଳିସ୍ମା ବେହେରାଙ୍କ ୧୦ ବର୍ଷର ପୁଅ ସତ୍ୟଜିତ ଦାସ। ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀର ଛାତ୍ର ସତ୍ୟଜିତ କିଛି ଦିନ ହେବ ଜ୍ୱରରେ ଆକ୍ରାନ୍ତ ହୋଇ ଗତ ୭ ତାରିଖରେ କଟକ ବଡ଼ ଡ଼ାକ୍ତରଖାନାରେ ଆଡ଼ମିଶନ କରି ଡାକ୍ତରଙ୍କ ପରାମର୍ଶ କ୍ରମେ ବହୁ ପରୀକ୍ଷା ନିରୀକ୍ଷା କଲାପରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ସୁନିଲ କୁମାର ପଣ୍ଡା ସତ୍ୟଜିତ (ଲିକୋମିଆ ୫୦%) ରକ୍ତ କର୍କଟରେ ଆକ୍ରାନ୍ତ ବୋଲି ସୂଚନା ଦେଇଥିଲେ। ଚିକିତ୍ସା ପାଇଁ ବହୁ ଅର୍ଥ ଲାଗିବା ଜାଣି ନିରୁପାୟ ହୋଇ ୧୪ ତାରିଖରେ ରୋଗୀଣା ପୁଅକୁ ସାଙ୍ଗରେ ଧରି ଘରକୁ ଫେରି ଆସିଥିଲେ ବାପା ଓ ମା। ସତ୍ୟଜିତଙ୍କ ଜେଜେ ଅନ୍ତୋଦୟ ଅନ୍ନ ଯୋଜନାର ହିତାଧିକାରୀ ଥିବା ବେଳେ ତାଙ୍କ ପିତା ଓ ମାତା ମଧ ଏଥିରେ ଅନ୍ତର୍ଭୁକ୍ତ। ମାତ୍ର ରକ୍ତ କର୍କଟ ରୋଗରେ ପୀଡ଼ିତ ସତ୍ୟଜିତଙ୍କ ନାମ ଏଥିରେ ନଥିବାରୁ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି।

ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଧାମନଗର ବିଧାୟକ ଓ ରାଜ୍ୟ ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବ ସେବା ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏଥିପ୍ରତି ଦୃଷ୍ଟି ଦେଇ ଜୀବନର ପ୍ରଥମ ପାହାଚରେ ପାଦ ଥାପିଥିବା ରକ୍ତ କର୍କଟ ପୀଡ଼ିତ ନିଃସ୍ୱାପ ଗରୀବ ବାଳକ ସତ୍ୟଜିତ ଚିକିତ୍ସା ପାଇଁ ସହାୟକ ହେବାକୁ ତାଙ୍କ ବାପା, ମା' ଙ୍କ ସମେତ ଗ୍ରାମବାସୀ ନିବେଦନ କରିଛନ୍ତି।

# ଗଣନାକାରୀଙ୍କୁ ବିମୋହିତ କରୁଛି ଡଲଫିନଙ୍କ ଜଳକ୍ରୀଡ଼ା

### ଅସ୍ତରଙ୍ଗ ଅଞ୍ଚଳରେ ଡଲଫିନ ଗଣନା ଆରମ୍ଭ



**କାକଟପୁର/ଅସ୍ତରଙ୍ଗ, ୨୦।୧ (ସଂଚାର ବ୍ୟୁରୋ):** ତିନି ଦିନ ଧରି ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀରେ ଓ ସମୁଦ୍ରରେ ବିରଳ ଡଲଫିନଙ୍କ ସଂଖ୍ୟା ବନବିଭାଗ ପକ୍ଷରୁ ଗଣନା ଜାରୀ ରହିବ। ନଦୀ ସମୁଦ୍ର ଘେରା ଅସ୍ତରଙ୍ଗ ଅଞ୍ଚଳ। ଏଠାରେ ପ୍ରଭାବିତ ଦେବୀ ନଦୀ ସମୁଦ୍ର ମଧଦେଇ ବଙ୍ଗୋପସାଗର ସହିତ ମିଶିଛି। ଏଠାରେ ରହିଥିବା ହେନ୍ତାଳ ଜଙ୍ଗଲ ବନ୍ୟ ପ୍ରାଣୀଙ୍କ ପାଇଁ ପାଲଟିଛି ଅଭୟାରଣ୍ୟ। ବିଶେଷ ଭାବରେ ଶୀତଋତୁ ଆସିଲେ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ସମୁଦ୍ରରେ ବିଭିନ୍ନ ପ୍ରଜାତିର ଡଲଫିନ ଦେଖିବାକୁ ମିଳେ। ପୁରୀ ଜିଲ୍ଲା ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳରେ ମଙ୍ଗଳବାର ସକାଳ ୬ଟାରୁ ମଧାହ୍ନ ୧୨ଘଟିକା ପର୍ଯ୍ୟନ୍ତ ଡଲଫିନ ଗଣନା ହୋଇଥିଲା। ଚଳିତ ବର୍ଷ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଞ୍ଚଳରେ ୪ଟି ଟିମ୍ ରେ ବିଭକ୍ତ କରାଯାଇଥିବା ବେଳେ ୨ଟି ଟିମ୍ ଜଳଭାଗରେ ଓ ୨ଟି ଟିମ୍ ସ୍ଥଳଭାଗରେ ଗଣନା କରିଥିଲେ। ଏହି ଗଣନା ୩ ଦିନ ବ୍ୟାପି ଯଥା ୨୦, ୨୧ଓ ୨୨ତାରିଖ ପର୍ଯ୍ୟନ୍ତ ହେବ। ଗଙ୍ଗାଦେବୀ ରୁ ଦେବୀ ମୁହାଁଣ, ଦେବୀ ମୁହାଁଣ ରୁ ଚନ୍ଦ୍ରଭାଗା, ବେଲେଶ୍ୱରରୁ ଗଙ୍ଗାଦେବୀ, ବେଲେଶ୍ୱରରୁ କେଲୁଣୀ ପର୍ଯ୍ୟନ୍ତ ଗଣନା ଜାରି ରହିଛି।

ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର, ବନପାଳ ମାନସ ରଞ୍ଜନ ବେହେରା, କାଳୀ ଚରଣ ମହାନ୍ତି, ଟିକିନା ପ୍ରଧାନ, କୈଳାଶ ନାୟକ, ବନରକ୍ଷୀ ମିଳନ ମୁଦୁଲି, ଶୁଭାଶିଷ ବିଶ୍ୱାଳ, ପ୍ରୀତମୟୀ ପଶୁପାଳକ, ସୋନାଲି ପ୍ରଧାନ, ଶୁଭାଶିଷ ଜେନା, ନିର୍ମଳେନ୍ଦୁ ଚାଟାର୍ଯ୍ୟ ପ୍ରମୁଖ ଗଣନା କାର୍ଯ୍ୟରେ ଥିବା ସହିତ ଟିମରେ ଡଲଫିନ ବିଶେଷଜ୍ଞ ଓ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ଗଣନାକାରୀ ମାନେ ମୋଟର ବୋଟରେ ଯିବା ସହିତ ଭିଡ଼ିଓ ଗ୍ରାଫିକ୍ସ, ଫୋଟ ଗ୍ରାଫିକ୍ସ ଏବଂ ବାଇନା କୁଲାର ତାହା ସହିତ ଜିପିଏସ ବ୍ୟବହାର କରି ଗଣନା କରାଯାଉଛି।

ବିଭିନ୍ନ ସମୟରେ ଅସ୍ତରଙ୍ଗ ସମୁଦ୍ର କୂଳରେ ସଂଖ୍ୟାଧିକ ଇରୱାଡି ଓ ବଟଲ ନୋଜ ଓ ହମ୍ପବ୍ୟାକ୍ ପ୍ରଜାତିର ଡଲଫିନ ଆସି ବୁଲୁଥିବା ନଜିର ରହିଛି। ତେଣୁ ଅସ୍ତରଙ୍ଗ ପାର୍ଶ୍ୱବର୍ତ୍ତୀ ସମୁଦ୍ରରେ ଡଲଫିନ ସଂଖ୍ୟା ଗଣନା ବେଳେ ଅଧିକ ପ୍ରଜାତିର ଏହି ଡଲଫିନ ଦେଖିବାକୁ ମିଳିବ ବୋଲି ଜଣା ପଡୁଛି। ଶୀତୁଆ ସକାଳର ପହିଲି ସୂର୍ଯ୍ୟ କିରଣରେ ଡ଼ଲଫିନଙ୍କ ଜଳକ୍ରୀଡା ଗଣନାକାରୀଙ୍କୁ ବିମୋହିତ କରିଛି। ଚଳିତ ବର୍ଷ ଅସ୍ତରଙ୍ଗ ଅଂଚଳରେ ଅଧିକ ସଂଖ୍ୟକ ଡଲଫିନ ଥିବା ଅନୁମାନ କରାଯାଉଛି।

## ସାନ୍ତାଳ ସମାଜ ପକ୍ଷରୁ ଅସ୍ତି ବିସର୍ଜନ ନୂତନ ଘାଟ ଉଦ୍‌ଘାଟିତ



**ନୀଳଗିରି,୨୦।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧିନ ବରହମପୁର ଗ୍ରାମ ପଞ୍ଚାୟତ ବାରାଗଡି ଗ୍ରାମ ପାର୍ଶ୍ୱ ଦେଇ ଯାଇଥିବା ଟାଙ୍ଗଣା ନାଳର ଏକ ଘାଟରେ ସାନ୍ତାଳ ମାରାଙ୍ଗବୁରୁ ସମାଜ ପକ୍ଷରୁ କନ୍ୟାଡୁବା ନୂତନ ଅସ୍ତି ବିସର୍ଜନ ଘାଟ(ଦର) ଉଦ୍‌ଘାଟନ ହୋଇଯାଇଛି। ସାନ୍ତାଳ ସମାଜରେ ବହୁ ଗରିବ ଲୋକ ଏଲ୍ଲାବାଦର ତ୍ରିବେଣୀ କିମ୍ବା କଲିକତା ଗଙ୍ଗା ଘାଟକୁ ଅସ୍ଥି ବିସର୍ଜନ କରିବାକୁ ଯାଇ ପାରନ୍ତି ନାହିଁ। ଏଣୁ ବହୁକାଳରୁ ବୈତରଣୀ ନଦୀର ଦାମୋଦର ଘାଟରେ ମୃତ ବ୍ୟକ୍ତିଙ୍କର ଅସ୍ଥି ବିସର୍ଜନ କଲେ ମୃତ ବ୍ୟକ୍ତି ସ୍ୱର୍ଗ ପ୍ରାପ୍ତି ହୁଅନ୍ତି ବୋଲି ଧାରଣା ଅଛି। ବହୁ ଗରିବ ଲୋକ ବୈତରଣୀ ନଦୀର ଦାମୋଦର ଘାଟରେ ଅସ୍ଥି ପକାଇବାକୁ ଦୂର ହେଉଥିବାରୁ ନିଜ ପରିବାରର ମୃତ ବ୍ୟକ୍ତିଙ୍କ ଅସ୍ଥି ବିସର୍ଜନ କରିବା ସମ୍ଭବ ହୋଇ ନ ଥାଏ। ସ୍ଥାନୀୟ ମାଝୀ ହାଡାମ, ଶିକ୍ଷିତ ଓ ଅଭିଜ୍ଞାତା ଥିବା ବ୍ୟକ୍ତିଙ୍କ ପରାମର୍ଶରେ ଏକ ଅସ୍ଥି ବିସର୍ଜନ ନୂଆ ଘାଟ ଉଦଘାଟନ ହୋଇଅଛି। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ରିଜର୍ଭ ବ୍ୟାଙ୍କ ମହା ପ୍ରବନ୍ଧକ ମଦନ ମୋହନ ମାଝୀ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ଯୋଗଦେଇ ଥିଲେ। ଏହି ଉଦ୍‌ଘାଟନୀ ଉତ୍ସବର ଆୟୋଜକ କମିଟିର ସଭାପତି ଚନ୍ଦ୍ରମୋହନ ମୁର୍ମୁ, ବିଭିନ୍ନ ସାହିର ମାଝୀ ବାବାମାନେ ଉପସ୍ଥିତ ହେବା ସହିତ ଶତାଧିକ ଲୋକଙ୍କ ଉପସ୍ଥିତରେ ଶ୍ରୀ ପାର୍ଗନ ସୋରେନଙ୍କ ପରିବାର ମୃତ ବ୍ୟକ୍ତିଙ୍କ ଅସ୍ଥି ବିସର୍ଜନ କରିଥିଲେ। ଏହି ଅବସରରେ ସାନ୍ତାଳ ପାରମ୍ପରିକ ନୃତ୍ୟ ସହିତ ମାରାଙ୍ଗ ବୁରୁଙ୍କ ପୂଜା ଅର୍ଚ୍ଚନା କରିବା ସହ ଉତ୍ସବକୁ ବେଶ ଧୁମ୍‌ଧାମ୍‌ରେ ପାଳନ କରିଥିଲେ।




# ଗୋଟିଏ ଝଟକାରେ ୧୦ ଲକ୍ଷ କୋଟି ସ୍ୱାହା

- ୧୦୬୬ ପଏଣ୍ଟ ଖସିଲା ସେନ୍‌ସେକ୍ସ
- ସେୟାର ବଜାରରେ ହାହାକାର



ନୂଆଦିଲ୍ଲୀ, ୨୦।୧: ଭାରତୀୟ ସେୟାର ବଜାରରେ ମଙ୍ଗଳବାର ହାହାକାର ସୃଷ୍ଟି ହୋଇଛି। ସେନ୍‌ସେକ୍ସ ଓ ନିଫ୍ଟି ୧ ପ୍ରତିଶତରୁ ଅଧିକ ହ୍ରାସ ପାଇ ବନ୍ଦ ହୋଇଛି। କାରବାର ବେଳେ ନିଫ୍ଟି ୨୫୨୦୦ ତଳକୁ ଖସି ନିଜର ୪ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ଏହି କାରଣରୁ ନିବେଶକଙ୍କୁ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଗ୍ଲୋବାଲ୍ ଟ୍ରେଡକୁ ନେଇ ଉତ୍ତେଜନା, ତୃତୀୟ ତ୍ରୈମାସିକ ପରିମାଣରେ ମିଶ୍ରିତ ଫଳାଫଳ ଓ ବିଦେଶୀ ନିବେଶକଙ୍କ ଲଗାତାର ବିକ୍ରିରେ ବାଜର ଚାପରେ ରହିଛି।

କାରବାର ଶେଷରେ ବିଏସ୍‌ଇର ୩୦ ସେୟାର ବିଶିଷ୍ଟ ପ୍ରମୁଖ ସୂଚକାଙ୍କ ସେନସେକ୍ସ ୧,୦୬୫.୭୮ ପଏଣ୍ଟ ବା ୧.୨୮% ହ୍ରାସ ପାଇ ୮୨,୧୮୦.୪୭ ସ୍ତରରେ ବନ୍ଦ ହୋଇଛି। ନିଫ୍ଟି ୩୫୩ ପଏଣ୍ଟ ବା ୧.୩୮% ହ୍ରାସ ପାଇ୨୫,୨୩୨.୫୦ ସ୍ତରରେ ବନ୍ଦ ହୋଇଛି। ସ୍ମଲ୍ ଏବଂ ମିଡ୍-କ୍ୟାପ୍ ଷ୍ଟକ୍ ମଧ ହ୍ରାସ ପାଇଛି। ବିଏସ୍‌ଇ ମିଡ୍‌କ୍ୟାପ୍ ଏବଂ ବିଏସଇ ସ୍ମଲ୍‌କ୍ୟାପ୍ ଉଭୟ ୨%ରୁ ଅଧିକ ହ୍ରାସ ପାଇଛି। ୭୦୦ରୁ ଅଧିକ ଷ୍ଟକ୍ ସେମାନଙ୍କର ୫୨ ସପ୍ତାହର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସେକ୍ଟୋରାଲ୍ ଫ୍ରଣ୍ଟରେ ବି ସ୍ଥିତି ଦୁର୍ବଳ ରହିଛି। ସମସ୍ତ ସେକ୍ଟୋରାଲ ଇଣ୍ଡେକ୍ସ ଲାଲ ସଂକେତରେ ବନ୍ଦ ହୋଇଛି। ରିଅଲ୍ଟି ସେକ୍ଟର ସବୁଠୁ ଅଧିକ ମାଡ଼ ସହିଛି। ଏହା ପ୍ରାୟ ୫% ହ୍ରାସ ପାଇଥିଲା। ଅଟୋ, ଆଇଟି, ମିଡିଆ, ମେଟାଲ୍, ପିଏସୟୁ ବ୍ୟାଙ୍କ, ଫାର୍ମା, ତୈଳ ଏବଂ ଗ୍ୟାସ ଏବଂ କଞ୍ଜ୍ୟୁମର ଡ୍ୟୁରେବଲ୍ସ ସେକ୍ଟର ମଧ ୧.୫%ରୁ ୨.୫% ହ୍ରାସ ପାଇଛି। ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ୪୫୫.୭୮ ଲକ୍ଷ କୋଟିକୁ ହ୍ରାସ ପାଇଛି, ଯାହା ପୂର୍ବ କାରବାର ଦିନରେ ୪୬୫.୬୮ ଲକ୍ଷ କୋଟି ଥିଲା। ଏହିପରି ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାର ପୁଞ୍ଜି ଆଜି ପ୍ରାୟ ୯.୯୦ ଲକ୍ଷ କୋଟି ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କ ସମ୍ପତ୍ତି ପ୍ରାୟ ୯.୯୦ ଲକ୍ଷ କୋଟି ହ୍ରାସ ପାଇଛି। ଆଜି ଷ୍ଟକ୍ ବଜାରରେ ହ୍ରାସ ଏତେ ଅଧିକ ଥିଲା ଯେ ବିଏସ୍‌ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୨୯ ସେୟାର ହ୍ରାସ ସହିତ ଲାଲ ସଂକେତରେ ବନ୍ଦ ହୋଇଥିଲା।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୬୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୫୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୬୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୩,୫୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୫,୬୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୩,୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୫,୮୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୩,୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୪,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୬୯୦ ଓ ୧,୩୩,୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୦୫,୦୦୦ ଟଙ୍କା ହୋଇଛି।

# ବନ୍ଦେ ଭାରତ ଏବଂ ଅମୃତ ଭାରତ ଏକ୍ସପ୍ରେସ ଟିକେଟ କ୍ୟାନ୍ସଲରେ ବଡ଼ ପରିବର୍ତ୍ତନ



ନୂଆଦିଲ୍ଲୀ, ୨୦।୧: ନୂତନ ବର୍ଷରେ ଟ୍ରେନ୍ ଟିକେଟ୍ ବାତିଲ୍ ସମ୍ପର୍କରେ ଭାରତୀୟ ରେଳବାଇ ଏକ ବଡ଼ ଅପଡେଟ୍ ଜାରି କରିଛି। ରେଳବାଇ ଟ୍ରେନ୍ ଟିକେଟ୍ ପାଇଁ କ୍ୟାନସଲ ଫି ନିୟନ୍ତ୍ରଣ କରୁଥିବା ନିୟମରେ ବଡ଼ ଅପଗ୍ରେଡ୍ କରିଛି। ଏଥିରେ ନୂଆ ବନ୍ଦେ ଭାରତ ସ୍ଲିପର୍ ଏବଂ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ସାମିଲ୍। ଯଦି ଆପଣ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ରେ ଯାତ୍ରା କରିବାକୁ ପ୍ଲାନ୍ କରୁଛନ୍ତି ଏବଂ ଟିକେଟ୍ ବୁକ୍ କରିବାକୁ ଯାଉଛନ୍ତି, ତେବେ ଏହା କରିବା ପୂର୍ବରୁ ଟିକେଟ୍ କ୍ୟାନସଲ ନିୟମ ବିଷୟରେ ଜାଣିରଖନ୍ତୁ, ନଚେତ୍ ଆପଣ ବହୁତ କ୍ଷତି ସହିପାରନ୍ତି। ପ୍ରକୃତରେ, ଭାରତୀୟ ରେଳବାଇ ବନ୍ଦେ ଭାରତ ସ୍ଲିପର ଟ୍ରେନରେ କନଫର୍ମ ଟିକେଟ୍ କ୍ୟାନସଲ କରିବା ମହଙ୍ଗା କରିଦେଇଛି। ତେବେ ଆସନ୍ତୁ ଟ୍ରେନରେ ଟିକେଟ୍ କ୍ୟାନସଲ ଏବଂ ରିଫଣ୍ଡ ପାଇଁ ନିୟମ।

ଭାରତୀୟ ରେଳ ନିୟମ ଅନୁଯାୟୀ, ଯଦି ଆପଣ ବୁକିଂ କରିବାର ୭୨ ଘଣ୍ଟା ମଧ୍ୟରେ ଟିକେଟ୍ କ୍ୟାନସଲ କରନ୍ତି, ତେବେ ଟିକେଟ୍ ମୂଲ୍ୟର ସର୍ବନିମ୍ନ ୨୫% କଟାଯିବ। କିନ୍ତୁ, ଯଦି ଆପଣ ଟ୍ରେନ ଛାଡିବାର ୭୨ ଘଣ୍ଟାରୁ ୮ ଘଣ୍ଟା ପୂର୍ବରୁ ଆପଣଙ୍କ ଟିକେଟ୍ ବାତିଲ କରନ୍ତି, ତେବେ ଭଡ଼ାର ୫୦% କଟାଯିବ। ଏହାର ଅର୍ଥ ହେଉଛି ଆପଣ କେବଳ ୫୦% ଟଙ୍କା ଫେରସ୍ତ ପାଇବେ। ଏହା ସହିତ, ଯଦି ଆପଣ ଟ୍ରେନ ଛାଡିବାର ୮ ଘଣ୍ଟା ପୂର୍ବରୁ ଆପଣଙ୍କ ଟିକେଟ୍ ବାତିଲ କରନ୍ତି, ତେବେ କୌଣସି ଫେରସ୍ତ ଦିଆଯିବ ନାହିଁ। ବନ୍ଦେ ଭାରତ ସ୍ଲିପର୍ ଟ୍ରେନଗୁଡ଼ିକ ପାଇଁ ଏହି ଟିକେଟ୍ କ୍ୟାନସଲ ନିୟମଗୁଡ଼ିକ ପୂର୍ବର ବନ୍ଦେ ଭାରତ ଚେୟାର-କାର ଟ୍ରେନଗୁଡ଼ିକ ସମେତ ଅନ୍ୟ ଟ୍ରେନଗୁଡ଼ିକ ତୁଳନାରେ ଯଥେଷ୍ଟ ଭିନ୍ନ ହୋଇଥାଏ। ହେଲେ, ବନ୍ଦେ ଭାରତ ସ୍ଲିପର ଏକ୍ସପ୍ରେସ୍ କ୍ଷେତ୍ରରେ, ଯଦି ଟ୍ରେନର ନିର୍ଦ୍ଧାରିତ ପ୍ରସ୍ଥାନ ସମୟର ୮ ଘଣ୍ଟା ପୂର୍ବରୁ କ୍ୟାନସଲ ନ କରାଯାଏ କିମ୍ବା ଅନଲାଇନରେ ଟିଡିଆର ଦାଖଲ ନ କରାଯାଏ, ତେବେ କୌଣସି ଭଡ଼ା ଫେରସ୍ତ କରାଯିବ ନାହିଁ। ନିକଟରେ ରାଜସ୍ଥାନ, ଦୁରନ୍ତ, ବନ୍ଦେ ଭାରତ, ତେଜସ୍, ହମସଫର, ଅମୃତ ଭାରତ, ଗରିବ ରଥ, ଜନ ଶତାବ୍ଦି, ଯୁଭା ଏକ୍ସପ୍ରେସ, ନମୋ ଭାରତ ରାପିଡ ରେଳ ପାଇଁ ରେଳବାଇ ମୂଳ ଭଡା ସଂଶୋଧନ କରିଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୬ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ଭୟଙ୍କର ସ୍ତରରେ ଧନୀ-ଦରିଦ୍ର ପ୍ରଭେଦ

- ଅକ୍ସଫାମ୍ ରିପୋର୍ଟ ବଢ଼ାଇଲା ଚିନ୍ତା
- ୧୨ ଅରବପତିଙ୍କ ପାଖରେ ୫୦% ଅତି ଗରିବଙ୍କଠୁ ଅଧିକ ସମ୍ପତ୍ତି



ନୂଆଦିଲ୍ଲୀ,୨୦।୧: ବିଶ୍ୱରେ ଧନୀ ଏବଂ ଦରିଦ୍ର୍ୟଙ୍କ ମଧ୍ୟରେ ପ୍ରଭେଦ ଭୟଙ୍କର ସ୍ତରରେ ପହଞ୍ଚିଛି। ଅକ୍ସଫାମ୍ର ଏକ ନୂଆ ରିପୋର୍ଟରେ ଅସମାନତାର ଏକ ବିକୃତ ଚିତ୍ର ଦେଖିବାକୁ ମିଳିଛି। ରିପୋର୍ଟ ମୁତାବକ, ୨୦୨୪ରେ ବିଶ୍ୱର ଅରବପତିଙ୍କ ମୋଟ ସମ୍ପତ୍ତି ରେକର୍ଡ ସ୍ତରରେ ପହଞ୍ଚିଯାଇଛି। ସ୍ଥିତି ଏଭଳି ଯେ, ଶୀର୍ଷ ୧୨ ଅରବପତିଙ୍କ ପାଖରେ ବିଶ୍ୱର ସବୁଠୁ ଗରିବ ୫୦% ଲୋକଙ୍କଠୁ ଅଧିକ ସମ୍ପତ୍ତି ରହିଛି। ଡାଭୋସ୍ଠାରେ ହେବାକୁ ଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ(ଡବ୍ଲ୍ୟୁଇଏଫ୍) ବୈଠକ ପୂର୍ବରୁ ଜାରି ହୋଇଥିବା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଏଥିସହିତ ବିଶ୍ୱରେ ବଢ଼ି ଚାଲିଥିବା ଆର୍ଥିକ ଅସମାନତା ଉପରେ ଏବେ ନୂଆ ତର୍କ ଆରମ୍ଭ ହେବାକୁ ଯାଉଛି।

ଅକ୍ସଫାମ୍ ଅନୁସାରେ, ୨୦୨୫ରେ ବିଶ୍ୱରେ ଅରବପତିଙ୍କ ମୋଟ ସମ୍ପତ୍ତି ୧୬.୨% ବଢ଼ି ୧୮.୩ ଟ୍ରିଲିୟନ ଡଲାର ହୋଇଯାଇଛି। ଏହାର ଏକ ବଡ଼ କାରଣ ହେଉଛି, ଆମେରିକା ସମେତ ଅନେକ ଦେଶରେ ଏଭଳି ନୀତି ଅଣାଯାଉଛି, ଯାହାଦ୍ୱାରା ବଡ଼ ବଡ଼ ଅରବପତି ଏବଂ ନିବେଶକଙ୍କୁ ଫାଇଦା ମିଳୁଛି। ରିପୋର୍ଟ ଅନୁସାରେ, କୋହଳ ନିୟମ ଏବଂ କମ୍ପାନି ଟିକସ ସହ ଜଡ଼ିତ ବୁଝାମଣାକୁ ଦୁର୍ବଳ କରିବାର ପ୍ରୟାସର ସିଧା ଲାଭ ଧନୀଙ୍କୁ ମିଳୁଛି। ରିପୋର୍ଟରେ ପ୍ରଥମ ଥର କୁହାଯାଇଛି ଯେ, ବିଶ୍ୱରେ ଅରବପତିଙ୍କ ସଂଖ୍ୟା ୩,୦୦୦ ପାର୍ କରିଯାଇଛି। ଏଥିରେ ସବୁଠାରୁ ଉପରେ ରହିଛନ୍ତି ଟେସ୍ଲା ଏବଂ ସ୍ପେସ୍‌ଏକ୍ସର ମୁଖ୍ୟ ଏଲନ୍ ମସ୍କ। ଅକ୍ସଫାମ୍ ଦାବି କରିଛି ଯେ, ଶ୍ରେଷ୍ଠ ୧୨ ଅରବପତିଙ୍କ ପାଖରେ ଥିବା ସମ୍ପତ୍ତି ବିଶ୍ୱର ସବୁଠାରୁ ଗରିବ ୫୦% ଅର୍ଥାତ୍ ୪୦୦ କୋଟି ଲୋକଙ୍କ ମୋଟ ସମ୍ପତ୍ତିଠାରୁ ଅଧିକ। ଏହି ରିପୋର୍ଟ ବିଶ୍ୱ ଆର୍ଥିକ ଅସନ୍ତୁଳନର ଗମ୍ଭୀର ଛବି ଉପସ୍ଥାପନ କରୁଛି।

ଅକ୍ସଫାମ୍ ଚେତାବନୀ ଦେଇଛି ଯେ, ଅରବପତିଙ୍କ ସମ୍ପତ୍ତିରେ ଏହି ବୃଦ୍ଧି ଏବେ କେବଳ ଆର୍ଥିକ ପ୍ରସଙ୍ଗ ହୋଇ ରହିନାହିଁ। ଧନୀମାନେ ରାଜନୈତିକ ସ୍ତରରେ ଅଧିକ କ୍ଷମତାଶାଳୀ ହେଉଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଅଧିକାଂଶ ଅରବପତି ଗଣମାଧ୍ୟମ ଏବଂ ଜନମତକୁ ପ୍ରଭାବିତ କରିବାରେ ବଡ଼ ଭୂମିକା ଗ୍ରହଣ କରୁଛନ୍ତି। ଉଦାହରଣସ୍ୱରୂପ, ଏଲନ୍ ମସ୍କଙ୍କ ଦ୍ୱାରା ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ର ଅଧିଗ୍ରହଣ ଏବଂ ଜେଫ୍ ବେଜୋସ୍‌ଙ୍କ ଦ୍ୱାରା ଏକ ପ୍ରମୁଖ ଖବରକାଗଜର ଅଧିଗ୍ରହଣ। ଟଙ୍କା ବଳରେ ଅରବପତିମାନେ ଗଣମାଧ୍ୟମ ଏବଂ ଜନମତକୁ ପ୍ରଭାବିତ କରୁଛନ୍ତି। ଅକ୍ସଫାମ୍ର କହିବାନୁସାରେ, ଏହାଦ୍ୱାରା ଲୋକତାନ୍ତ୍ରିକ ପ୍ରକ୍ରିୟା ପ୍ରତି ବିପଦ ବଢୁଛି। ଅକ୍ସଫାମ୍ ଇଣ୍ଟର୍ନ୍ୟାସ୍ନାଲର ପ୍ରମୁଖ ଅମିତାଭ ବେହର କୁହନ୍ତି, ଧନୀ ଏବଂ ଅବଶିଷ୍ଟ ସମାଜ ମଧ୍ୟରେ ବଢୁଥିବା ପ୍ରଭେଦ ଏକ ଭୟଙ୍କର ରାଜନୈତିକ ଅଭାବ ସୃଷ୍ଟି କରୁଛି। ରିପୋର୍ଟରେ ଆମେରିକା ଦ୍ୱାରା ବିଶ୍ୱର ସର୍ବନିମ୍ନ କମ୍ପାନି ଟିକସଠାରୁ ଜଡ଼ିତ ବ୍ୟବସ୍ଥାରୁ ନିଜକୁ ଦୂରେଇ ରଖାଯିବା ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଅକ୍ସଫାମ୍ର କହିବାନୁସାରେ, ଏହାଦ୍ୱାରା ସ୍ପଷ୍ଟ ହେଉଛି ଯେ, ଅନେକ ସରକାର ବର୍ଦ୍ଧିତ ଅସମାନତାର ନିୟନ୍ତ୍ରଣରେ ବିଫଳ ହେଉଛନ୍ତି।


ଅକ୍ସଫାର୍ମ ଏହାର ରିପୋର୍ଟରେ ସମସ୍ତ ଶ୍ରେଷ୍ଠ-୧୨ ଅରବପତିଙ୍କ ସୂଚୀ ଦେବା ପରିବର୍ତ୍ତେ ବ୍ୟବସ୍ଥା ଉପରେ ଧ୍ୟାନକେନ୍ଦ୍ରିତ କରିଛି। ସଂଗଠନର କହିବାନୁସାରେ, ଅସଲି ସମସ୍ୟା ହେଉଛି ଉକ୍ତ ସିଷ୍ଟମ, ଯାହା ଅତି ଧନୀଙ୍କୁ ନୀତି ଏବଂ ନିୟମକୁ ନିଜ ଆଡ଼କୁ ମୋଡ଼ିବାର କ୍ଷମତା ଦେଉଛି। ରିପୋର୍ଟରେ କୁହାଯାଇଛି ଯେ, ଯଦି ଏ ଧାରା ଜାରି ରୁହେ ତେବେ ଲୋକତାନ୍ତ୍ରିକ ସ୍ୱତନ୍ତ୍ରତା ଏବଂ ସାଧାରଣ ଲୋକଙ୍କ ଅଧିକାରୀ ଉପରେ ଗଭୀର ପ୍ରଭାବ ପଡ଼ିପାରେ। ଅତିଧନୀଙ୍କ ଉପରେ ମୋଟା ଟିକସ ଲଦି ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇପାରେ ବୋଲି ଏହା ପରାମର୍ଶ ଦେଇଛି।

# ଭାରତର ଭିତ୍ତିଭୂମି କ୍ଷେତ୍ରରେ ଅଭିବୃଦ୍ଧି

# ଡିସେମ୍ବରରେ ୩.୭%କୁ ବୃଦ୍ଧି

ନୂଆଦିଲ୍ଲୀ,୨୦।୧: ଦେଶର ଶିଳ୍ପାୟନ କ୍ଷେତ୍ରରୁ ଭଲ ଖବର ଆସିଛି। ଭାରତର ୮ଟି ପ୍ରମୁଖ ଭିତ୍ତିଭୂମି କ୍ଷେତ୍ରର ଅଭିବୃଦ୍ଧି ହାର ଡିସେମ୍ବର ମାସରେ ୩.୭ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଗତ ଚାରି ମାସ ମଧ୍ୟରେ ସର୍ବାଧିକ। ନଭେମ୍ବର ମାସରେ ଏହି ହାର ୨.୧ ପ୍ରତିଶତ ରହିଥିଲା। ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ବିଶେଷ କରି ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ ଶକ୍ତି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ଯୋଗୁଁ ଏହି ଅଭିବୃଦ୍ଧି ସମ୍ଭବ ହୋଇଛି। ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ସିମେଣ୍ଟ ଉତ୍ପାଦନରେ ୧୩.୫% ଏବଂ ଇସ୍ପାତ ଉତ୍ପାଦନରେ ୬.୯% ବୃଦ୍ଧି ଘଟିଛି। ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ୫.୩ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି, ଯାହା ଗତ ୯ ମାସ ମଧ୍ୟରେ ଦ୍ରୁତତମ। କୋଇଲା ଉତ୍ପାଦନରେ ମଧ ୩.୬ ପ୍ରତିଶତର ସୁଧାର ଆସିଛି। ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ହ୍ରାସ ଜାରି ରହିଛି। ଅଶୋଧିତ ତୈଳ ଉତ୍ପାଦନ ୫.୬% ଏବଂ ପ୍ରାକୃତିକ ଗ୍ୟାସ ୪.୪% ହ୍ରାସ ପାଇଛି। ରିଫାଇନାରୀ ଉତ୍ପାଦନ ମଧ ୧ ପ୍ରତିଶତ କମିଛି।

ସୂଚନାଯୋଗ୍ୟ ଯେ, କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ, ରିଫାଇନାରୀ ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ ଭଳି ୮ଟି କ୍ଷେତ୍ର ଦେଶର ମୋଟ ଶିଳ୍ପାୟନ ସୂଚକାଙ୍କ (ଆଇଆଇପି) ର ପ୍ରାୟ ୪୦ ପ୍ରତିଶତ ଅଂଶ ଗ୍ରହଣ କରିଥାଏ। ଡିସେମ୍ବର ମାସର ଏହି ସକାରାତ୍ମକ ଫଳାଫଳ ଆଗାମୀ ଦିନରେ ଦେଶର ଶିଳ୍ପ ଅଭିବୃଦ୍ଧିକୁ ଅଧିକ ଗତିଶୀଳ କରିବ ବୋଲି ଆଶା କରାଯାଉଛି।



## ପ୍ରେମ ପାଇଁ ଆତ୍ମହତ୍ୟା କଲା ଯୁବକ



**ଆନନ୍ଦପୁର,୨୦।୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ରାଧିକାଦେଇପୁର ପଂଚାୟତ ଅନ୍ତର୍ଗତ କଂଅସ ଗ୍ରାମର କୁଳମଣୀ ପାତ୍ର ଙ୍କ ପୁଅ ଲମ୍ବଧର ପାତ୍ର (୨୪) ପ୍ରେମ ପାଇଁ ଝୁଲିପଡ଼ି ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି। ସୂଚନା ଅନୁଯାୟୀ ଲମ୍ବଧର ନିଜ ପରିବାର ଚଳାଇବା ପାଇଁ ବାହାର ରାଜ୍ୟ ବାଙ୍ଗାଲୋର କୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ପ୍ରେମ କରୁଥିବା ଯୁବତୀ ସହ କୌଣସି କାରଣ କୁ ନେଇ ଝଗଡ଼ା ହୋଇଥିଲା। ପରେ ଲମ୍ବୋଧର ଝୁଲି ପଡ଼ି ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି। ଖବର ପାଇ ବାଙ୍ଗାଲୋର ପୋଲିସ ପହଞ୍ଚି ମୃତ ଶରୀରର କୁ ଝୁଲୁଥିବା ଅବସ୍ଥାରେ ଜବତ କରିଥିଲା। ପରେ ପରିବାର ଲୋକଙ୍କୁ ଖବର ଦେବା ପରେ କମ୍ପାନୀ ର ସହାୟତା ରେ ବିମାନ ଦ୍ୱାରା ନିଜ ଘରକୁ ଅଣାଯିବାର ବ୍ୟବସ୍ଥା କରାଯାଇଥିଲା। ତେବେ ସୋମବାର ଦିନ ଭୁବନେଶ୍ୱର ବିମାନ ବନ୍ଦର ରୁ ଘରକୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇଥିଲା। ମଧ୍ୟାହ୍ନ ସମୟରେ ନିଜ ଗାଁ ରେ ଲମ୍ବୋଧର ର ମୃତ ଶରୀର ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ସ୍ଥିତ ଶ୍ମଶାନ ଘାଟରେ ଲମ୍ବଧର ର ଶେଷ କୃତ୍ୟ ସଂପନ୍ନ କରାଯାଇଥିଲା। ତେବେ ପରିବାର ଲୋକେ ଲମ୍ବଧର ଏକ ଝିଅ କୁ ଭଲ ପାଉଥିବା ଜାଣିଥିଲେ। ହେଲେ କେଉଁ ଝିଅ କୁ ଭଲ ପାଉଥିଲା ତାହା ପରିବାର ଲୋକେ ଜାଣି ନଥିବା କହିଛନ୍ତି। ତେବେ ସେ ଝିଅ ଘର କୋଉଠି, କଣ ଏମିତି ଉଭୟ ଙ୍କ ମଧ୍ୟରେ ଘଟିଲା ଯେ ଆତ୍ମହତ୍ୟା କରିବା ପାଇଁ ଲମ୍ବୋଧର ଶେଷ ନିଷ୍ପତ୍ତି ଗ୍ରହଣ କରିଥିଲା। ଏହାକୁ ନେଇ ଏବେ ବଡ଼ ପ୍ରଶ୍ନ। ତେବେ ବାଙ୍ଗାଲୋର ପୋଲିସ ଲମ୍ବୋଧର ମୋବାଇଲ ଜବତ କରିଛି। ଯଦି ମୋବାଇଲ୍ ଯାଞ୍ଚ କରାଯାଏ ତେବେ ପ୍ରକୃତ ସତ୍ୟ ଜଣା ପଡ଼ିବ ବୋଲି ପରିବାର ଲୋକେ କହିଛନ୍ତି।


## କାର ଧକ୍କାରେ ବାଇକ ଆରୋହୀ ଗୁରୁତର

- କାର ଛାଡି ଘଟନସ୍ଥଳରୁ ଡ୍ରାଇଭର ଫେରାର



**ଫୁଲବାଣୀ,୨୦।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଫୁଲବାଣୀ ମୁଖ୍ୟ ରାସ୍ତାର ଫୁଲବାଣୀ ସଦର ଥାନା ଅନ୍ତର୍ଗତ କୁମୁରୀଗୁଡା ପୋଲ ନିକଟରେ ଏକ କାର ଧକ୍କାରେ ଦୁଇଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ଦୁର୍ଘଟଣା ଘଟାଇ ଥିବା କାର ର ଡ୍ରାଇଭର ଘଟଣା ସ୍ଥଳରେ କାର ଛାଡି ଫେରାର ହୋଇଯାଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଫୁଲବାଣୀ ସଦର ଥାନା ମନୋଜ କୁମାର ସାହୁ ଯାଇ ଅନ୍ତର୍ଗତ ମିଣିଆ ପଂଚାୟତ ଅଧୀନରେ ଥିବା ଅଡିଗାର ଗୌଡ଼ ସାହିର ଦୁଇ ଜଣ ଭୂମିରାଜ ପୋଢ଼ ୨୫ ବର୍ଷ ଓ ଜଗା ପୋଢ଼ ୨୦ ବର୍ଷ କୌଣସି କାମରେ ଏକ ବାଇକ ରେ ଫୁଲବାଣୀ ସହରରୁ କାମ ସାରି ନିଜ ଗାଁ ଅଡିଗାର କୁ ଫେରୁଥିବା ସମୟରେ କୁମୁରିଗୁଡା ପୋଲ ନିକଟରେ ଫିରିଙ୍ଗିଆ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ କାର ସାମନା ପଟୁ ଧକ୍କା ଦେଇଥିଲା । ଫଳରେ ବାଇକ ରେ ବସିଥିବା ଦୁଇ ଭାଇ ଗୁରୁତର ଆହତ ହୋଇ ରାସ୍ତାରେ ପଡିରହିଥିଲେ ଖବର ପାଇ ସଦର ଥାନା ପୋଲିସ ର ଏକ ଟିମ ଘଟଣା ସ୍ଥଳରେ ପହଂଚି ଉଭୟ ଗୁରୁତର ଆହତ ବ୍ୟକ୍ତି ଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ସାହାଯ୍ୟରେ ଫୁଲବାଣୀ ମେଡିକାଲ କୁ ନେଇଥିଲେ । ପରେ ଗୁରୁତର ଆହତ ହୋଇଥିବା ଭୂମିରରାଜ ପୋଢ଼ ଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ରୁ ବ୍ରହ୍ମପୁର ବଡ଼ ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ସେପଟେ ଦୁର୍ଘଟଣା ଘଟାଇ ଥିବା କାର ଡ୍ରାଇଭର ଫେରାର ଥିବା ବେଳ ଘଟଣା ସ୍ଥଳରୁ ସମ୍ପୃକ୍ତ କାର ଓ ବାଇକକୁ ପୋଲିସ ଜବତ କରି ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

# ଇନ୍ଦ୍ରାବତୀ ଡ୍ୟାମ ପର୍ଯ୍ୟଟନ ସ୍ଥଳୀରେ ଭିତ୍ତିଭୂମି ଅଭାବ



### ପାର୍କିଂ, ବୋଟିଂ ସହ ସିଂଘାରି ଘାଟିର ସମ୍ପ୍ରସାରଣ ଦାବି

**କଳାହାଣ୍ଡି,୨୦।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଲାଇଫଲାଇନ କୁହାଯାଉଥିବା ଇନ୍ଦ୍ରାବତୀ ପ୍ରକଳ୍ପ ଆଲୋକିତ ଉଜ୍ଜ୍ୱଳ ସବୁଜ ସଫଳ ହୋଇଥିବା ବେଳେ ଏହାର ପର୍ଯ୍ୟଟନ ଭିତ୍ତିଭୂମି ଅଭାବ ଯୋଗୁଁ ପର୍ଯ୍ୟଟକଙ୍କୁ ନିରାଶ କରୁଛି। ଏଠାରେ ଅନେକ ସମ୍ଭାବନା ଥିଲେ ମଧ୍ୟ ପର୍ଯ୍ୟଟନର ବିକାଶ ହୋଇ ନଥିବା ଯୋଗୁଁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି।

କଳାହାଣ୍ଡି ଜିଲ୍ଲାର ଲାଇଫ ଲାଇନ ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପରେ ଅନେକ ସମ୍ଭାବନା ଥିବା ବେଳେ ଏହାର ଭିତ୍ତିଭୂମି ଅଭାବ ଯୋଗୁଁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିପାରୁନାହିଁ । ଓଡ଼ିଶାର ହୀରାକୁଦ ଡ୍ୟାମ, ପତୋରା ଡ୍ୟାମ, କୋଲାବ ଡ୍ୟାମ, କାଲିମେଳା ସମେତ ବିଭିନ୍ନ ଡ୍ୟାମ ଓ ଏହା ନିକଟରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପାର୍କ, ବୋଟିଂ ଓ ଅନ୍ୟାନ୍ୟ ସୁବିଧା କରାଯାଉଛି। କିନ୍ତୁ ଇନ୍ଦ୍ରାବତୀ ଡ୍ୟାମ ଅଞ୍ଚଳରେ ପାର୍କ, ବୋଟିଂ, ହୋଟେଲ, ରିସର୍ଟ, କୋରିଟ୍ରିଟ ଭଳି ବ୍ୟବସ୍ଥା ପର୍ଯ୍ୟଟକମାନଙ୍କ ପାଇଁ କରାଯାଇ ନାହିଁ । ଏପରିକି ଥୁଆମୂଳ ରାମପୁରର ଜିରୋପଏଣ୍ଟ ପରେ ସକ୍ରିୟ ରାସ୍ତା ଥିବା ବେଳେ ଏହାକୁ ଓସାରିଆ କରିବା ଆବଶ୍ୟକତା ରହିଛି। ମୁଖିଗୁଡ଼ାଠାରୁ ମହୁଲପାଟଣା ଦେଇ ଖାତିଗୁଡ଼ା ପର୍ଯ୍ୟନ୍ତ ମେରାଇନ ଡ୍ରାଇଭ ଭଳି ଚଉଡ଼ାରାସ୍ତା ଓ ଜଳଭଣ୍ଡାର ପାର୍ଶ୍ୱରେ ସୁରକ୍ଷା ପାଚେରି ଭଳି ବ୍ୟବସ୍ଥା ହୋଇନାହିଁ। ସେହିଭଳି ଜୁନାଗଡ଼ରୁ କଲମପୁର ରାସ୍ତାରେ ଯାଉଥିବା ପର୍ଯ୍ୟଟକ ମାନଙ୍କ ପାଇଁ ସିଙ୍ଗାରୀ ଘାଟି ବାଧକ ସାଜିଛି।

ଏହି ଘାଟି ରାସ୍ତାକୁ ଓସାରିଆ କରିବା ସହିତ ଦୁଇ ପାର୍ଶ୍ୱରେ ସୁରକ୍ଷା ପାଚେରୀ ବ୍ୟବସ୍ଥା ସହ ଜଳଭଣ୍ଡାରରେ ବୋଟିଂ ବ୍ୟବସ୍ଥା କରାଗଲେ ଅଧିକ ରାଜସ୍ୱ ସଂଗ୍ରହ ହେବା ସହିତ ଲୋକଙ୍କୁ ଆକୃଷ୍ଟ କରିପାରନ୍ତା । ରହିବା ପାଇଁ ଇକୋରିଟ୍ରିଟ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ କରାଗଲେ ବହୁ ଦେଶ ବିଦେଶର ପର୍ଯ୍ୟଟକମାନେ ଏହାର ମଜା ଉଠାଇ ପାରନ୍ତେ । ସେହିଭଳି ମୁଖିଗୁଡ଼ାଠାରୁ ମହୁଲପାଟଣା ପର୍ଯ୍ୟନ୍ତ ରାସ୍ତା ଏବେ ମଧ ଓଏପିସି ଅଧୀନରେ ରହିଛି। ଏହି ରାସ୍ତା ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ରାସ୍ତାର ଉନ୍ନତିକରଣ ଓ ଓସାରିଆ କରାଗଲେ ଲୋକେ ସୁରକ୍ଷିତ ଭାବେ ଯିବା ଆସିବା କରିପାରନ୍ତେ। ବର୍ତ୍ତମାନ ଏହି ପ୍ରକଳ୍ପରୁ ପ୍ରାୟ ୬ଶହ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରାଯାଇ ରାଜ୍ୟ ଓ ରାଜ୍ୟ ବାହାରକୁ ବିକ୍ରି କରାଯାଉଥିଲେ ମଧ ଓଏପିସି ପକ୍ଷରୁ ପାରିପାର୍ଶିକ ଉନ୍ନତିରେ ପର୍ଯ୍ୟଟନକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ନିର୍ମାଣ କରାଯିବା ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାର ଏନେଇ ଏକ ବ୍ଲୁପ୍ରିଣ୍ଟ ତିଆରି କରି ଇନ୍ଦ୍ରାବତୀ ପ୍ରକଳ୍ପରେ ପର୍ଯ୍ୟଟନର ଭିତ୍ତିଭୂମି ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେଉଛି।

## ବିପଦପୂର୍ଣ୍ଣ ଭାବେ ସ୍କୁଲ ଯାଉଛନ୍ତି କୁନି କୁନି ପିଲା

- ସ୍କୁଲ ଭ୍ୟାନରେ ସିଟ ସଂଖ୍ୟା ୯, ଯାଉଛନ୍ତି ୨୦
- ଆଞ୍ଚଳିକ ପରିବହନ ବିଭାଗର କାର୍ଯ୍ୟ ଶୂନ

**କଳାହାଣ୍ଡି,୨୦।୧ (ସଂଚାର ବ୍ୟୁରୋ):** ଧର୍ମଗଡ ବ୍ଲକର ଧର୍ମଗଡ ଅଂଚଳରେ ଶିଶୁ ମାନଙ୍କୁ ବିଭିନ୍ନ କିଡ଼ସ,ପ୍ଲେ- ସ୍କୁଲ ଏବଂ ଇରାଜୀମାଧମ ବିଦ୍ୟାଳୟରେ ଅଭିଭାବକ ମାନେ ପାଠ ପଢ଼ାଉଛନ୍ତି । ଉପରୋକ୍ତ ବିଦ୍ୟାଳୟ ଗୁଡିକୁ କୁନି କୁନି କଳିକା ମାନେ କେତେକ ଘରୋଇ ସ୍କୁଲ ଭ୍ୟାନରେ ଯିବାଆସିବା କରି ବାକୁ ଅଭିଭାବକମାନେ ବ୍ୟବସ୍ଥା କରିଛନ୍ତି । ସୁବିଧାରେ କୁନି କଳିକା ମାନେ ଯାତାୟତ କରିବା ପାଇଁ ଅଭିଭାବକ ମାନେ ମୋଟା ଅଙ୍କର ଅର୍ଥ ଦେଉଛନ୍ତି। ହେଲେ ଲାଭଖୋର ଭ୍ୟାନ ମାଲିକମାନେ ଅଧିକ ଅର୍ଥ ଆଶାରେ ପରିବା ଲଦିବା ଭଳି ପିଲାମାନଙ୍କୁ ଅତି ଦୟନୀୟ ଅବସ୍ଥାରେ ସ୍କୁଲକୁ ନେବା ଆଣିବା କରୁଛନ୍ତି । ଏହି କ୍ରମରେ ଗାଡି ମାଲିକ ମାନେ ୯ଟି ସିଟ୍ ଥିବା ବୋଲେରୋ ଗାଡିରେ ବସ୍ତା ଲଦିବା ଭଳି ୨୦ରୁ ଅଧିକ ଜଣ ଶିଶୁଙ୍କୁ ଅତି ଦୟନିୟ ଭାବେ ସ୍କୁଲ ନେବା ଆଣିବା କରୁଛନ୍ତି। ଯାହାକି ଛାତ୍ର ଛାତ୍ରୀଙ୍କ ଜୀବନ ପ୍ରତି ବିପଦକୁ ଆମନ୍ତ୍ରଣ କରିବା ସଦୃଶ୍ୟ।

ସକାଳ ୮ ଟାରୁ ସ୍କୁଲ ଆରମ୍ଭ ହେଉଥିବା ବେଳେ ଅପରାହ୍ନ ୨ ଟାରେ ଛୁଟି ହେଉଥିବା ବେଳେ ଶେଷ ପିଲାଟି ତା'ଘରେ ପହଂଚିବା ବେଳକୁ ୩ ଟାରୁ ଉପରେ ହେଉଛି । ସରକାରଙ୍କ ନିୟମ ଉଲଙ୍ଘନ କରି ଗାଡି ମାଲିକମାନେ ଏଠାରେ ଅଧିକ ଅର୍ଥ ଉପାର୍ଜନରେ ବ୍ୟସ୍ତ। ଧର୍ମଗଡ ଉପଖଣ୍ଡରେ ଆଂଚଳିକ ପରିବହନ ବିଭାଗର କାର୍ଯ୍ୟ ଶୂନ। ସେମାନେ ଆଇନ୍, ବିରୋଧି କାମ କରୁଥିବା ଅଭିଭାବକ ଗଣମାଧମରେ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ତେବେ ଦେଶର ଭବିଷ୍ୟତ କୁହାଯାଉଥିବା କୁନି କଳିକା ମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ବେଳେ ସରକାରୀ ସ୍ତରରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

## ୨୩ତମ ବଲାଙ୍ଗିର ଲୋକଉତ୍ସବ ଉଦ୍‌ଘାଟିତ



**ବଲାଙ୍ଗିର,୨୦।୧ (ସଂଚାର ବ୍ୟୁରୋ):** ୨୩ତମ ବଲାଙ୍ଗିର ଲୋକଉତ୍ସବ ର ମୁଖ୍ୟ ସମାରୋହ କୋଶଳ କଳା ମଣ୍ଡପରେ ଉଦ୍‌ଘାଟିତ ହୋଇଛି । ସକାଳେ ମଞ୍ଚ ପୂଜା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବେଳେ ପରେ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସହର ପରିକ୍ରମା କରି ମାଁ ସମଲେଇ, ମାଁ ପାଟଣେଶ୍ୱରୀ, ମାଁ ଦୂର୍ଗାଙ୍କ ଦର୍ଶନ କରିଥିଲା ଶୋଭାଯାତ୍ରା । ତେବେ ଜିଲ୍ଲାର ଦୁଲଦୁଲି, ସର୍ଙ୍କିର୍ତନ, କଳାହାଣ୍ଡିର କଟପାଙ୍କ ଦଳ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ଶ୍ରୀ ଗୌରଙ୍ଗ ଶିୱାଜୀ ଇସଲୱାରଙ୍କ ସଭାପତିତ୍ୱରେ ଆୟୋଜିତ ଲୋକଉତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀ ନିରଞ୍ଜନ ବିଶି ଉପସ୍ଥିତି ରହି ଦୀପ ପ୍ରଜ୍ୱଳନ ପୂର୍ବକ ଲୋକଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ନିଜ ଅଭିଭାଷଣରେ କହିଥିଲେ, ଆମ ବଲାଙ୍ଗିର ବୀରଙ୍କ ମାଟି, ଏଠାକାର ଐତିହ ଯେପରି ଅନନ୍ୟ ଆମ କଳାସଂସ୍କୃତି ମଧ ଅନନ୍ୟ । ଲୋକଉତ୍ସବ ଏହି ଭିନ୍ନ ପରିଚୟକୁ ବଜାୟ ରଖିଛି । ଲୋକଉତ୍ସବ ଦ୍ୱାରା ଜିଲ୍ଲା ଓ ଜିଲ୍ଲାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ହେଉଛି । ଲୋକଙ୍କ ଅର୍ଥନୀତି ବଢୁଛି, କଳାକାରଙ୍କ ପ୍ରତିଭାକୁ ଉତ୍ସାହ ମିଳୁଛି। ସମ୍ମାନିତ ଅତିଥି ଭାବେ, ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି ମଞ୍ଚାସୀନ ଥିଲେ। ଏହି ଅବସରରେ ଲୋକଉତ୍ସବ ଓ କୋଶଳ କଳା ମଣ୍ଡଳର ମୁଖପତ୍ର ଚତୁରଙ୍ଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି ।

## ଓଡ଼ିଆ ବିଶ୍ୱବିଦ୍ୟାଳୟର 'ଶୀତକାଳୀନ ସ୍ୱତନ୍ତ୍ର ଶିବିର' ଉଦ୍‌ଯାପିତ




**ସତ୍ୟବାଦୀ,୨୦।୧ (ସଂଚାର ବ୍ୟୁରୋ):** ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବନବିଦ୍ୟାଳୟଠାରେ ପ୍ରତିଷ୍ଠିତ ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଆ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖାର ପ୍ରଥମ ଶୀତକାଳୀନ ସାତଦିନିଆ ସ୍ୱତନ୍ତ୍ର ଶିବିର (ଏନ୍‌ଏସ୍‌ଏସ୍) ଆଜି ଉଦଯାପିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଶାଖାର 'ଶୀତକାଳୀନ ସ୍ୱତନ୍ତ୍ର ଶିବିର' ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀମାନେ ପଞ୍ଚସଖା ସମାଧିପୀଠ ସଫେଇ କରିବା ସହିତ "ସଡ଼କ ସୁରକ୍ଷା ଅଭିଯାନ" ନିମନ୍ତେ ଶୋଭାଯାତ୍ରା କରିଥିଲେ। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ। ପ୍ରଫେସର ପାଣିଗ୍ରାହୀ ସ୍ୱେଚ୍ଛାସେବୀଙ୍କୁ ସେବାପରାୟଣ ମନୋଭାବ ରଖି ବଢ଼ିବାର ପ୍ରେରଣା ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଡକ୍ଟର ଶର୍ମିଷ୍ଠା ମହାପାତ୍ର ଦୀର୍ଘ ସାତଦିନ ଧରି ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ପରିସର ତଥା ସାକ୍ଷୀଗୋପାଳ ଅଂଚଳରେ ବିଭିନ୍ନ ସେବା ଓ ସଂସ୍କାରମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ। ମାର୍ଗଦର୍ଶକ ଭାବରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡକ୍ଟର ପ୍ରଦ୍ୟୁମ୍ନ କୁମାର ମିଶ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ବିଶ୍ୱନାଥ ସ୍ୱାଇଁ ଯୋଗଦେଇ "ସ୍ୱାସ୍ଥ୍ୟ ସେବା" ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହାପରେ ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଜାତୀୟ ସେବା ଯୋଜନାର 'ପ୍ରମାଣପତ୍ର' ପ୍ରଦାନ କରାଯାଇଥିଲା।

## 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଉତ୍ସବ

**ନୟାଗଡ଼,୨୦।୧ (ସଂଚାର ବ୍ୟୁରୋ):** ଜାତୀୟ ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନ ଅବସରରେ ବ୍ଲକ୍ ସ୍ତରୀୟ ସାମୁହିକ ଗାନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଇଟାମାଟି ଇନଡୋର ଷ୍ଟାଡିୟମ୍ ଠାରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନୟାଗଡ଼ ବ୍ଲକର ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ବିଡ଼ିଓ ଐଶ୍ୱର୍ଯ୍ୟା ଭୂୟାଁ, ନୟାଗଡ଼ ଏବଂ ଇଟାମାଟି ପଞ୍ଚାୟତର ସରପଞ୍ଚ ସ୍ୱପ୍ନେଶ୍ୱରି ସେଠୀ, ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟି ଆଚାର୍ଯ୍ୟ ମହାବିଦ୍ୟାଳୟର ଅଧକ୍ଷ ଅଭୟ କୁମାର ଲେଙ୍କା, ପ୍ରମୁଖ ଉପସ୍ଥିତ ରହି ଦେଶପ୍ରେମ ଓ ଜାତୀୟ ଗୀତର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମୁହିକ ବନ୍ଦେ ମାତରମ୍ ଗାନ ସହ ସ୍ୱଦେଶୀ ସଂକଳ୍ପ ପାଠ କରା ଯାଇଥିଲା। ଏହା ପରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ମଧ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଶରତ ଚନ୍ଦ୍ର ଆଚାର୍ଯ୍ୟ କରିବା ସହ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିତମ କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହେଇଥିଲା।

## ଜୁନାଗଡ଼ ଠାରେ ବିରାଟ ହିନ୍ଦୁ ସମ୍ମେଳନ




**ଜୁନାଗଡ଼,୨୦।୧ (ସଂଚାର ବ୍ୟୁରୋ):** ଜୁନାଗଡ଼ ଠାରେ ବିରାଟ ହିନ୍ଦୁ ସମ୍ମିଳନୀ ଭବ୍ୟ ଭାବେ ଆୟୋଜିତ ହୋଇଥିଲା। ହିନ୍ଦୁ ସମ୍ମିଳନୀ ସଂଚାଳନ ସମିତି ଦ୍ୱାରା ଆୟୋଜିତ ସମ୍ମେଳନ ବଜରପଡା ଶିବ ମନ୍ଦିର ଠାରୁ ମହିଳାମାନଙ୍କ ଦ୍ୱାରା ଏକ ବିଶାଳ କଳସ ଯାତ୍ରା ଆୟୋଜିତ ହୋଇ ଜୁନାଗଡ଼ ହାଇସ୍କୁଲ ଖେଳପଡିଆ ପର୍ଯ୍ୟନ୍ତ ପହଞ୍ଚିଥିଲା।

ହାଇସ୍କୁଲ ଖେଳପଡିଆରେ ପଞ୍ଚ କୁଣ୍ଡିଅ ଗାୟତ୍ରୀ ମହାଯଜ୍ଞ ଓ ହନୁମାନ ଚାଳିଶା ପାଠ ମଧ ଆନୁଷ୍ଠାନିକ ଭାବେ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ସନ୍ତବାଣୀ ପାଇଁ ଶ୍ରୀ ପରମାର୍ଥ ଜୀ ମହାରାଜ, ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ, ପତଞ୍ଜଳି ଯୋଗ ପୀଠ, ହରିଦ୍ୱାର ଉପସ୍ଥିତ ଥିଲେ। ସେହିପରି ବକ୍ତବ୍ୟ ପାଇଁ ଶ୍ରୀ ପ୍ରଦୀପ ଯୋଶୀ ଜୀ, ଅଖିଳ ଭାରତୀୟ ସହ ପ୍ରଚାର ପ୍ରମୁଖ ମଧ ଯୋଗଦାନ କରିଥିଲେ। ସମିତି ସଭାପତି ହିମାଂଶୁ ଶେଖର ବରାଡ଼ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ବିଶେଷ ଅତିଥି ଙ୍କ ସହ ସମିତି ର ସହ ସମ୍ପାଦକ ବିକାଶ ପଟ୍ଟନାୟକ (ମିକୁନ), ବନ୍ଦନା ଅଗ୍ରୱାଲ କୋଷାଧକ୍ଷ ପ୍ରବୀର ଗୋଏଲ ମହିଳା ପ୍ରମୁଖ ମିନା ବାଗ ଯୁବା ପ୍ରମୁଖ ବାଦଲ ଶବର ପ୍ରମୁଖ ମଂଚାସୀନ ଥିଲା । ସମିତି ସମ୍ପାଦକ କାଳିନ୍ଦୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ଦୁର୍ଗା ପ୍ରସାଦନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଭବ୍ୟ କାର୍ଯ୍ୟକ୍ରମକୁ ହିନ୍ଦୁ ସମ୍ମିଳନୀ ସଂଚାଳନ ସମିତି ପକ୍ଷରୁ ସୁଚାରୁ ଭାବେ ଆୟୋଜନ କରାଯାଇଥିଲା।

# ଦୁର୍ଘଟଣାର ପ୍ରଥମ ଘଣ୍ଟା ଗୋଲଡେନ ଆୱାର

### ସଡ଼କ ସୁରକ୍ଷା, ଜୀବନ ରକ୍ଷା

### ଦ୍ରୁତ ଗାଡି ଚାଳନା ନେଉଛି ଜୀବନ

### ଅଭିନବ ଉପାୟରେ ଗୋଲାପ ଓ ଚକୋଲେଟ ଦେଇ ସଚେତନତା



**କାକଟପୁର/ଅସ୍ତରଙ୍ଗ,୨୦।୧ (ସଂଚାର ବ୍ୟୁରୋ):** କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ଜାନୁଆରୀ ମାସ ବ୍ୟାପି ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ଆଞ୍ଚଳିକ ପରିବହନ ବିଭାଗ ତରଫରୁ କାକଟପୁର ନିକଟସ୍ଥ ନେତ୍ରାନନ୍ଦ ସାହୁ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ଛାତ୍ରୀ ମାନଙ୍କୁ ନେଇ ଏକ ସଚେତନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ପୁରୀ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା, ସମ୍ମାନୀତ ଅତିଥି ଅଧାପିକା ଅମୀୟ ବାଳା ପରିଡା, ପରିବହନ ବିଭାଗ ନିରୀକ୍ଷକ ସୁଶାନ୍ତ ପାତ୍ର, କାକଟପୁର ଥାନା ଉପନିରୀକ୍ଷକ ଅମିତ ପାଢ଼ୀ, ଏଏସଆଇ ଜୟନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ ବିଗତ କିଛି ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣା ରେ ଅନେକ ମୂଲ୍ୟବାନ ଜୀବନ ଯାଇଛି। ଏହା ଅତ୍ୟନ୍ତ ଚିନ୍ତାଜନକ। ସଡ଼କ ଦୁର୍ଘଟଣା ରେ ମୃତ୍ୟୁ ସଂଖ୍ୟା କମ୍ କରିବାକୁ ସମସ୍ତଙ୍କୁ ଉଦ୍ୟମ କରିବାକୁ ହେବା ସମୟ ଆସିଯାଇଛି। ସଡ଼କ ସୁରକ୍ଷାକୁ ଜନ ଅଭିଯାନରେ ପରିଣତ କରିବାକୁ ହେବ। ସଚେତନ ବାର୍ତ୍ତା ପ୍ରତି ଗାଁ ଓ ଘରେ ଘରେ ପହଞ୍ଚାଇବାକୁ ଶ୍ରୀ ପଣ୍ଡା ଗୁରୁତ୍ୱ ଦେଇଥିଲେ। ଏହି ଅଭିଯାନରେ ସମାଜର ସବୁବର୍ଗର ବ୍ୟକ୍ତି, ଅନୁଷ୍ଠାନ, ସଂଗଠନ ଯୋଡି ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଏହା ସହ ଯଦି ଦୁର୍ଘଟଣାଗ୍ରସ୍ତ ପ୍ରଥମଘଣ୍ଟା ରେ ଡାକ୍ତରଖାନା ପହଞ୍ଚାଇଦିଅନ୍ତି ଜୀବନ ରକ୍ଷାର ଆଶା ବୃଦ୍ଧି ପାଏ। ସର୍ବଶେଷ ରେ କଲେଜ ଅଧାପିକା, ଅଧାପକ,କାକଟପୁର ପୁଲିସ ସମେତ ଛାତ୍ରୀ ସଡ଼କ ସୁରକ୍ଷା ଜୀବନ ରକ୍ଷା ସହ ସଚେତନ ବାର୍ତ୍ତା ପ୍ଲାକ କାର୍ଡ ଧରି ସ୍ଲୋଗାନ ଦେଇ ମୁଖ୍ୟ ରାସ୍ତାରେ ନିୟମ ପାଳନ କରୁଥିବା ବ୍ୟକ୍ତି ମାନଙ୍କୁ ଗୋଲାପ ଓ ଚକୋଲେଟ ଦେଇ ଖୁସି ବ୍ୟକ୍ତ କରୁଥିଲେ। ଏହି କାର୍ଯ୍ୟକ୍ରମ ରେ ପୁରୀ ଆଞ୍ଚଳିକ ପରିବହନ କର୍ମଚାରୀ, ଅଧାପିକା, ଅଧାପକ ପ୍ରମୁଖ ଉପସ୍ଥିତ ଥିଲେ।

# ବନବିଭାଗ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସଚେତନତା

### ପ୍ଲାଷ୍ଟିକ ମୁକ୍ତ ହେବ ବଣଭୋଜି ସ୍ଥଳ




**କାକଟପୁର/ଅସ୍ତରଙ୍ଗ,୨୦।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ପର୍ଯ୍ୟଟକଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଥିଛି ଟଭାଗୋଲରା। ବର୍ଷର ବିଭିନ୍ନ ସମୟରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ବଣଭୋଜି କରିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହାକୁ ପ୍ଲାଷ୍ଟିକ ମୁକ୍ତ ଓ ସଫାସୁତୁରା ହେଲେ ପରିବେଶରେ ପର୍ଯ୍ୟଟକ ଏକ ସୁଖଦ ଅନୁଭୂତି ନେଇ ଫେରିବେ। ସୋମବାର ଅପରାହ୍ନରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଯୁବପୀଢ଼ି ମିଳିତ ଭାବେ ପ୍ଲାଷ୍ଟିକ ମୁକ୍ତ କରିବାକୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହ ଛାତ୍ରଛାତ୍ରୀମାନେ ପ୍ଲାକ କାର୍ଡ ଧରି ପ୍ଲାଷ୍ଟିକ ମୁକ୍ତ ସଚେତନତା ରାଲି କରିଥିଲେ। ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର ଯୋଗଦେଇ କହିଥିଲେ ପ୍ଲାଷ୍ଟିକ ମୁକ୍ତ କରିବା ନିମନ୍ତେ ପ୍ଲାଷ୍ଟିକ ଠାରୁ ଦୂରେଇ ରହିବା ସହିତ ପରିବେଶକୁ ସୁରକ୍ଷିତ ରଖିବା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଟଭାଗୋଲରା, ମା' ଗଙ୍ଗାଦେବୀ ପୀଠ, ପୀରଜାହାନିଆ, ମା କେଳୁଣୀ ପୀଠ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ବଣଭୋଜି ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ବଣଭୋଜି ସମୟରେ ପ୍ଲାଷ୍ଟିକ ଖଲି ଓ ଚଉପତି ବଦଳରେ ଦେଶୀ ପତ୍ର ତିଆରି ଖଲି ଓ ଚଉପତି ବ୍ୟବହାର ପାଇଁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଟଭାଗୋଲରା ଅଂଚଳରର ଶୋଭା ବଢ଼ିବ ବୋଲି ସଚେତନତା କରାଯାଇଥିଲା।

# ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ଅମିତ କୁମାର ମଜୁମଦାର



**ନବରଙ୍ଗପୁର/ଉମରକୋଟ,୨୦।୧ (ସଂଚାର ବ୍ୟୁରୋ):** ଉଚ୍ଚ ଶିକ୍ଷିତ ବଡ଼ ସହରରେ ଭଲ କମ୍ପାନୀରେ ଚାକିରୀ କରିଥିଲେ ଅମିତ କୁମାର ମଜୁମଦାର। କିନ୍ତୁ ନିଜ ଅଂଚଳରେ କିଛି ନୂଆ କରିବା ସକାଶେ ଆରମ୍ଭ କଲେ ନିଜ ଉଦ୍ୟୋଗ। ଘର ତିଆରି କରିବା ସମୟରେ ଝରକା କବାଟ ପାଇଁ କାଠ ତିଆରି ଜିନିଷ ଅଧିକ ମାହାଙ୍ଗା ପଡୁଥିବା ବେଳେ, ଫାଇବର ତିଆରି ଝରକା କବାଟ ସୁନ୍ଦର ସହ ସୁଲଭ ଏଣୁ ଅଳ୍ପ ଦିନରେ ଚାହିଦା ବଢ଼ି ଯାଇଛି। ପୂର୍ବରୁ ଅନ୍ୟ ସହରକୁ ଯାଇ ଏହି ଜିନିଷ ଆଣିବାକୁ ପଡୁଥିଲା, ଯାହା ହାତ ପାହାନ୍ତରେ ଉମରକୋଟରେ ମିଳି ଯାଉଛି। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ମେକ୍ ଇନ୍ ଇଣ୍ଡିଆର ଡାକରା ଦେଇଥିଲେ ଯାହା ସାକାର କରିଛନ୍ତି ଯୁବ ଉଦ୍ୟୋଗୀ। ବର୍ତମାନ ସ୍ଥାନୀୟ ଦଶ ଜଣ ଯୁବକଙ୍କୁ ନିଯୁକ୍ତି ଦେବା ସହ ବାର୍ଷିକ ପ୍ରାୟ ୫୦ଲକ୍ଷରୁ ୮୦ଲକ୍ଷ ପର୍ଯ୍ୟନ୍ତ ବ୍ୟବସାୟ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ଅମିତ କୁମାର ମଜୁମଦାର।

ଅମିତ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଉପାନ୍ତ ସିରାଟି ଗ୍ରାମର ବାସିନ୍ଦା। ମେକାନିକାଲ ଇଞ୍ଜିନିୟରରେ ଡିଗ୍ରୀ ପାଠ ପଢ଼ିବା ପରେ ରାୟପୁର, ବିଶାଖପାଟଣା, ହାଇଦ୍ରାବାଦ ଭଳି ସହରରେ ସେ ବିଭିନ୍ନ ବେସରକାରୀ କମ୍ପାନୀରେ ଚାକିରି କରୁଥିଲେ ଏବଂ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିଲେ। କିନ୍ତୁ ଅମିତଙ୍କୁ ଏହି ବେସରକାରୀ ଚାକିରି କରିବା ପସନ୍ଦ ହେଲାନି। ନିଜେ କିଛି କରିବା ପାଇଁ ଅଣ୍ଟା ଭିଡ଼ିଲେ ଏବଂ ସେ ଉମରକୋଟ ଆସି ଦେଖିଲେ ଯେ ଗୁଡ଼ିଏ ଘର ତିଆରି ହେଉଛି ଏବଂ ଏଥିରେ ଲାଗୁଥିବା ଝରକା କବାଟ ଆଦି ଲୋକଙ୍କୁ ବାହାରୁ ଆଣିବାକୁ ପଡୁଛି ଯାହା ଅଧିକ ଖର୍ଚ୍ଚାନ୍ତ କରୁଛନ୍ତି। ଏଣୁ ସେ ମନସ୍ଥ କଲେ ଯେ ଫାଇବରରେ କିଛି ନୂଆ ଝରକା କବାଡ଼ ତିଆରି କରି ଲୋକଙ୍କୁ ଦେବେ। ସେ ମେକାନିକାଲ ଇଞ୍ଜିନିୟର ଭାବେ ହାଇଦ୍ରାବାଦରେ କାମ କରୁଥିଲା ବେଳେ ଏହି ଉଦ୍ୟୋଗରେ ପୂର୍ବରୁ କାମ କରୁଥିବା ଯୋଗୁ ତାଙ୍କର ଏହା ଉପରେ ଅଭିଜ୍ଞତା ଥିଲା। ସେ ସେହି ଅଭିଜ୍ଞତାକୁ ପାଥେୟ କରି ଉମରକୋଟରେ ଏକ ଛୋଟ ଉଦ୍ୟୋଗ ଆରମ୍ଭ କଲେ। ଏହି ଉଦ୍ୟୋଗ ଆରମ୍ଭ କଲାବେଳେ ହାତରେ ଯାହା ପୁଞ୍ଜିଥିଲା ଖର୍ଚ୍ଚ କରିଥିଲେ। କିନ୍ତୁ ପରେ ପରିବାର ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ମଧ ମିଳିଥିଲା। ଏଣୁ ତାଙ୍କର ଏହି ଉଦ୍ୟୋଗକୁ ଆଗକୁ ନେବାକୁ ଅଧିକ ସହାୟତା ହୋଇଥିଲା। ବର୍ତ୍ତମାନ ସେ ବର୍ଷକୁ ପ୍ରାୟ ୫୦ଲକ୍ଷରୁ ୮୦ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି। ଏଥିସହିତ ଏହି ଉଦ୍ୟୋଗରେ ସ୍ଥାନୀୟ ଯୁବକଙ୍କୁ କର୍ମନିଯୁକ୍ତି ଦେବା ସହ ପରିବାର ଚଳାଇବାରେ ସହାୟକ ହୋଇପାରିଛନ୍ତି। ସାଧାରଣତଃ ପାଠ ପଢିବା ପରେ ଚାକିରୀ ଆଶାରେ ନ ଦୌଡି ଅମିତ ଭଳି ଉଦ୍ୟାଗୀ ହେବା ଉଚିତ।

## ବନ୍ଦେ ମାତରମ୍ ଦେବ ନୂଆ ସଂଜ୍ଞା

- କୃତି ପ୍ରତିଭା ସମ୍ବର୍ଦ୍ଧିତ



**କାକଟପୁର /ଅସ୍ତରଙ୍ଗ,୨୦।୧ (ସଂଚାର ବ୍ୟୁରୋ):** ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକ ଅବସରରେ ସୋମବାର ଅପରାହ୍ନ ସମୟରେ ଅସ୍ତରଙ୍ଗ ବ୍ଲକ ପରିସରରେ ବିଡ଼ିଓଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପଂଚାୟତ ସମିତି ଅଧକ୍ଷା ଆରତୀ ନାଏକ, ମୁଖ୍ୟ ବକ୍ତା ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ, ସମ୍ମାନିତ ଅତିଥି ସରପଞ୍ଚ ରାମଚନ୍ଦ୍ର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଅଧକ୍ଷା ନିଜ ବକ୍ତବ୍ୟରେ ବନ୍ଦେ ମାତରମ' କେବଳ ଗୀତ ନୁହେଁ ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଏବଂ ବିରତ୍ୱର ପ୍ରତୀକ। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦ ମଠ' ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଆଣିଦେଇଥିଲା। ବନ୍ଦେ ମାତରମ ହୃଦୟରେ ଦେଶପ୍ରେମର ଅଗ୍ନିକୁ ପୁନଃ ଜାଗୃତ କରେ। ଯୁବପୀଢ଼ିଙ୍କ ସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହା ବର୍ଷବ୍ୟାପୀ ପାଳନ ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଅନ୍ତିମ ପର୍ଯ୍ୟାୟ ରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ର, ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ଗାଡ଼ବଡ଼





ଘନଶ୍ୟାମ ପଲେଇ

ସଜ ଫୁଟା ଫୁଲଟା ପରି ରାମୁର ମୁହଁ ଆଜି କାଇଁ ଟିକେ ଅଧିକ ଝଟକୁ ଥାଏ ସକାଳର କଅଁଳ ଖରା ବାଜି। ଖୁସିରେ ନାଚି ବୁଲୁଥାଏ ମନଟା। ଜଣେ କାହିଁକି ନ ହେବ ଖୁସି କହିଲେ ଯେବେଠୁ ଗାଡ଼ି ଚଲେଇଲାଣି କେବେ ଏପରି ଘଟି ନ ଥିଲା ତା' ଜୀବନେ। ଯିଏ ବି ଯାହାର ପ୍ରାଇଭେଟ ଗାଡ଼ି ଚଲେଇବାକୁ ଡାକେ ଦିନକୁ ତିନିଶହ ହିସାବରେ ଦିଏ ଧରେଇ। ଆଜି କିନ୍ତୁ ମାଲିକଟେ ମିଳିଛି ନିଆରା। ଗାଡ଼ି ନେଇ ରାଉରକେଲାରୁ ଟେନସା ଛାଡ଼ିଦେବ ମାଲିକର କର୍ମ କ୍ଷେତ୍ରରେ। ବେଶିରୁ ବେଶି ଦି'ଘଣ୍ଟାର ବାଟ। ଯିବ ଗାଡ଼ି ନେଇ ଟେନସା। ସେଇଠି ଗାଡ଼ି ସହ ମାଲିକକୁ ଛାଡ଼ି ବସ ଧରି ଆସି ଯିବ ପୁଣି। ଦି' ଚାରି ଘଣ୍ଟାର କଥା ତ। ମିଳିଯିବ ନଗଦ ହଜାରେ। ପୁଣି ନାସ୍ତାପାଣି, ଫେରିବା ଭଡ଼ା ଅଛି ଅଲଗା। ବିଶ୍ୱାସ ନ ହେଲେ ବି ବିଶ୍ୱାସ କରିବାକୁ ପଡ଼ୁଥିଲା ରାମୁକୁ। ଖୁଦ ମାଲିକ ତା' ମୋବାଇଲ ନମ୍ବର ଯୋଗାଡ଼ କରି କରିଥିଲେ ଫୋନ୍।

ମାଲିକର ଫୋନ ଆସିଲା- ରାମୁ କୋଉଠି? ଯିବାକୁ ପ୍ରସ୍ତୁତ ତ? କଥା ସରି ନି ରାମୁ ସଙ୍ଗେ ସଙ୍ଗେ ଉତ୍ତର ଦେଲା- ହଁ ସାର! ମୁଁ ରେଡି। ଆପଣ ଖାଲି ଘର ଆଡ୍ରେସ ଦେଲେ। ମୁଁ ପହଞ୍ଚି ଯିବି ନିଜେ ଯାଇ। ମାଲିକ- ନା ନା ତୁ ଥା' ରିଙ୍ଗ ରୋଡ଼ରେ, ମୁଁ ପହଞ୍ଚୁଛି। ରାମୁ ଖୁସି ମନରେ କରି ଥାଏ ଅପେକ୍ଷା। ରାସ୍ତାରେ କୋଉ ନୂଆ କାରଟେ ଦେଖିଲେ ଦୌଡ଼ି ଯାଉଥାଏ କାଳେ ଏଇଟା ହେଇଥିବ ସେଇ ମାଲିକର। ପୁଣି କେତେବେଳେ ଦେଖୁଥାଏ କେଉଁ ଦାମିକା କାର୍‌କୁ। ଆଉ କଳ୍ପନା ଲଗାଉଥାଏ ତା' ମାଲିକ କେତେ ବଡ଼ ହୋଇନଥିବେ କେଜାଣି? ଦିନକୁ ମଜୁରି ତିନଶହ ମିଳିବା ଜାଗାରେ ଦେବେ ହଜାରେ। ସେ ଦେଖିବାକୁ ହେଇଥିବେ କେମିତି? ଇମିତି ନାନା ଭାବନାରେ ଘାଣ୍ଟି ହେଉଥିବାବେଳେ ସାଇଡରେ ଲାଗି ସାରିଥିଲା ପୁରୁଣା କାର୍‌ଟିଏ। ଜଣେ ଭଦ୍ରବ୍ୟକ୍ତି ବାହାରି ଆସି କହିଲେ- ତମେ ରାମୁ। ହଁ ସାର! କହି ଗାଡ଼ିକୁ ଟିକେ ମୁହଁ ଆମ୍ବିଳା କରି ଦେଖିଲା ଆଉ ଗାଡ଼ି ଚାବି ମାଗିଲା।

ନା! ନା! ତମେ ବସିବ। ମୁଁ ଚଲେଇବି ଗାଡ଼ି। ବଡ଼ ଆଶ୍ଚର୍ଯ୍ୟ ଲୋକ। ଇମିତି ମାଲିକ ଆଗରୁ କେବେ ମିଳିନି ଭାଗ୍ୟରେ! ସିଏ ଯଦି ଚଲେଇବାର ଥିଲା ତାକୁ ଡାକୁଥିଲେ କାହିଁକି? ଡ୍ରାଇଭର ସିଟରେ ବସିଲେ ମାଲିକ ନିଜେ। ଆର କଡ଼କୁ ଡ୍ରାଇଭର ରାମୁ। ଗାଡ଼ି ଷ୍ଟାର୍ଟ କଲେ ମାଲିକ। ଦି' ହାବୁକା ଖାଇ ଗାଡ଼ି ଗଡ଼ିଲା ଆଗକୁ ଧକେଇ ଧକେଇ। ରାମୁ ଅନେଇଥାଏ ମାଲିକକୁ କେଉଁ ଗ୍ରହରୁ ଉହ୍ଲେଇ ଆସିଥିବା ଏଲିଆନକୁ ଦେଖିଲା ଭଳି। ମାଲିକ ଗାଡ଼ି ଚଲେଇ ଚଲେଇ କହୁଥିଲେ- ବୁଝିଲୁ ରାମୁ! ପୁରୁଣା ଗାଡ଼ି ଶୋରୁମରୁ ଏ ଗାଡ଼ି ଖଣ୍ଡକ ଆଣିଚି ଦି' ଦିନ ତଳେ। ଏ ଭିତରେ ଗାଡ଼ି ଚଲେଇବା ଶିଖିବି ଗଲିଣି ମୁଁ। ତୁ ଖାଲି ବସ ଆଉ ଦେଖ। ମୁଁ ଠିକ ଚଲଉଛି କି ନା, ରଖିଥା ଟିକେ ନଜର ମୋ ଉପରେ। ଘାଟି ରାସ୍ତା ତ ପୁଣି ଟେନସା ଭଳି ଘାଟି। ଡର ଅଛି ତେଣୁ ଡାକିଛି ତତେ। କିଛି ହେଲେ ସମ୍ଭାଳିବୁ। ବେକରେ ଫୁଲମାଳ ପିନ୍ଧି ଛେଳିଟି ହାଣ ମୁହଁକୁ ଗଲା ଭଳି ଏଣିକି ଅନୁଭବ କରି ପାରୁଥାଏ ରାମୁ। କାର୍‌ର ଏସିରେ ବି ତା' ଶରୀର ଗୋଟାପଣେ ଗଲାଣି ଝାଳେଇ। ମନେ ମନେ ଭାବୁ ଥାଏ ଯେଉଁଠି ପ୍ରାପ୍ୟଠାରୁ ଅଧିକ ଯଚା ହୁଏ ସେଇଠି ନିଶ୍ଚେ ଥାଏ କିଛି ନା କିଛି ଗଡ଼ବଡ଼।

# ଆଧୁନିକା ବୋହୂ

ଶ୍ରୀମତୀ ବାସନ୍ତୀ ଦାସ



ରାମବାବୁଙ୍କର ଗୋଟିଏ ପୁଅ। ପୁଅଟିକୁ ଗେଲବସରରେ ବଢାଇଥିଲେ। ତାଙ୍କ ସ୍ତ୍ରୀ ବିନିତା ମଧ ବହୁ ବ୍ରତ ପୁଅ ପାଇଁ କରନ୍ତି। ପୁଅର ବିଭାହ ପ୍ରସ୍ଥାପ ଆସିଲା ଅନେକ ଯାଗାରୁ କିନ୍ତୁ ବିନିତା ଯେଉଁଯାଗାର ଠିକ୍ କଲେ ପୁଅ ବିଭାହପାଇଁ ରାଜିହେଲା ବିନା ଯଉତୁକ ରେ ବି ଭାଘର ସରିଗଲା ବୋହୁ ଘରକୁ ଆସିଲା ଆସି କୈଣଷି କାମ ନକରି ସବୁବେଳେ ବୁଲିଲା ବାପଘରେ ପ୍ରାୟ ସ୍ୱାମୀ ରୋଜଗାର ନେଇ ରହିଲା ପୁଅ ତାକୁସପଟ କଲା। ରାମବାବୁଙ୍କର ଦେହନ୍ତ ହୋଇଗଲା। ତାପରେ ବୋହୁର ଆଉଟିକେ ପ୍ରକୋପ ବଢିଗଲା ଏବଂ ଶାଶୁ ଉପରେ ଅତ୍ୟାଚାର ଆରମ୍ଭ ହେଲା। କିନ୍ତୁ ବିନିତା ଦେବୀ ନିଜରଲୋକ ରଖି ଖାଇ ପିଇ ଅଛନ୍ତି। କିନ୍ତୁ ସେ ଝିଅଘରର ଅବସ୍ଥା ଭଲ ନୁହେଁ ତଥାପି ତାର ରୋବାବଛାଡିନି ସ୍ୱାମୀକୁ କହୁଛୁ ଗୋଲାମ କରି ରଖିବି ତେଣୁ ସ୍ୱାମୀକୁ ମଧ ଅତ୍ୟାଚାର କରୁଛୁସରକାର ଆଇନିକୁ ବଦଳାଇ ପୁଅ ମାନଙ୍କଘରକୁ ସୁରକ୍ଷା ଦିଅନ୍ତୁ। ବର୍ତ୍ତମାନେ ସୁପ୍ରିମିକୋଟ ଅର୍ଡର ପରେବେ ଶିବ୍ୟବିଚାର ବଢିଚାଲିଛି। ହିନ୍ଦୁ ଧର୍ମ ପ୍ରତି ଅସମ୍ମାନ ବଢୁଛୁ। ତେଣୁ ଆଇନି ବଦଳାଏବଂ ପୁଅଝିଅ ସମସ୍ତଙ୍କୁ ସତ୍ୟବାଣୀ ପ୍ରତି ଦୃଷ୍ଟିରେ ରଖିବେ। ଜଣେ ପୁଅ ମଧ ଭୁଲୁ ବାଟରେ ଯାଇ ନାରୀଙ୍କୁ ନିର୍ଯାତନା ଦେଉଛୁ। ମାଆ ବର୍ତ୍ତମାନ ବେଶି ହଇରାଣରେ ରହୁଛୁ। ଏପରି କିଛି କାର୍ଯ୍ୟକରନ୍ତୁ ସମସ୍ତେ ଠିକି ମାର୍ଗରେ ରହିବେ।

କେନ୍ଦ୍ରାପଡ଼ା



## କେମିତି ଭାବିପାରିଲ

ଡଃ ନାରାୟଣ ଚନ୍ଦ୍ର ସେନାପତି

ତୁମେ ଏକ ସ୍ୱତନ୍ତ୍ର ସୁଗନ୍ଧ ଫୁଲକଢ଼ି ବୋଲି
ତୋଳିଆଣି ସାଇତି ରଖିଛି
ମୋ ହୃଦୟ ଚାଙ୍ଗୁଡ଼ାରେ
କେତେ ଯତନରେ
ନିଇତି ଦେଖୁଛି
ହସକୁ ମାଖୁଛି
ଆଉ ଜଗାଙ୍କ ପାଖରେ ସମର୍ପିବାକୁ
ମନସ୍ଥ କରିଛି
ମୋ ମନ ମନ୍ଦିରରେ।

ତୁମେ ଏକ ଅଚହଲା ସ୍ଥିତପ୍ରଜ୍ଞ ଢେଉ ବୋଲି
ଗଢ଼ିଛି ଆମ ପ୍ରେମର ନଅର
ଦୋଦୁଲ୍ୟମାନ ସମାଜ ତଟରେ
ଡ଼ରାଇବନି ଇର୍ଷାର ବତାସ
ଥରାଇବନି ଭୟର ଝଡ
ହାତ ଛନ୍ଦା ଛନ୍ଦି ହୋଇ ଚାଲୁଥିବା ଆଗକୁ
କେତେ ଆନନ୍ଦରେ
ବିଶ୍ୱାସର ଖଟାମିଠା ଆବେଗରେ।

କେମିତି ଭାବିପାରିଲ ମୁଁ ଭୁଲିଗଲି ତୁମକୁ
ବାଟବଣା ହୋଇ ଚାଲି ଅବାଟରେ
ପଚାରୁନ ସେ ଫୁଙ୍ଗୁଳା ଅଟ୍ଟାଳିକା କୁ
ସେ କେମିତି କାନ୍ଦୁଥିଲା ଆମ ବିରହ ବିଦାୟରେ
ଆଉ କାଠଯୋଡ଼ି ବନ୍ୟା ବି ଭୟ କରୁଥିଲା
ଆମ ଭୂକମ୍ପ କୋହରେ
ଆଉ ଲୁହର ବର୍ଷାରେ।

ମୋ କୁନି ଅଭିମାନ ସିନା
ତୁମ କୋମଳ ହୃଦାକାଶରେ
ସୃଷ୍ଟିକଲା ସନ୍ଦେହର କଳାମେଘ
ଟିକିଏ ଥୟ ଧରି ପଚାରିଲନି
ବୁଝି ଯାଇଥିଲେ
କଣ କରିପାରିଥାନ୍ତ ଏତେ ରାଗ !

ତୁମେ ଏମିତି ରାଧା ଯେ
ତୁମ ହୃଦୟ ଗୋଟାପୁଣି ପରା କୃଷ୍ଣମୟ !
କେମିତି ଭାବିପାରିଲ ଏତେ
ମନକୁ କରି ଇତସ୍ତତଃ ଆଉ ଅଥୟ !
କଇଁ ଛଡ଼ା ଜହ୍ନର ଅଛି କି କିଏ ଅତି ପ୍ରିୟ ?
ପଦ୍ମଛଡ଼ା ସୂର୍ଯ୍ୟର ଅଛି କି ମନେ ସଂଶୟ ?
ସବୁକିଛି କୁ ଛି କଲାପରେ
ସବୁ ବାଧାକୁ ବିନା ଦ୍ୱିଧାରେ ଛାତିରେ ଧରିଲା ପରେ
କେମିତି ଭାବି ପାରିଲ
ମୁଁ ବଦଳିଗଲି ତୁମକୁ ଛାଡି ଆମ ପ୍ରେମ ଦୁନିଆଁରେ।

ଜମ୍ବିରା,କେନ୍ଦୁଝର



## ସ୍ୱାର୍ଥବାଦୀ ଲୋକ

ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ

ଦୁନିଆଟା ବଡ଼ ବିଚିତ୍ରରେ ଭାଇ
ମାପିଚୁପି ଚଳୁଥିବୁ,
ନହେଲେ ପଡ଼ିବୁ ବଡ଼ ବିପଦରେ
ବଦନାମ ହୋଇଯିବୁ।
ସ୍ୱାର୍ଥବାଦୀ ଲୋକ ଅଛନ୍ତି ବହୁତ
ମିଛର ସମ୍ପର୍କ ଗଢି,
ଉପରେ ଉପରେ ପ୍ରଶଂସା କରିବେ
ଭିତରେ କାଟିବେ ନାଡ଼ି।
ମିଠାମିଠା କଥା କହିକି ତୁମର
ହେବେ ପାଖାପାଖି ଲୋକ,
ସ୍ୱାର୍ଥ ସରିଗଲେ ରକତ ଶୋଷିବେ
ସାଜିବେ ଭଲ୍ଲୁକ, ଜୋକ।
କରିବେ ଏମିତି ମିଛ ଅଭିନୟ
ଅଭିନେତାଙ୍କ ଠୁ ବଳି,
ବିଶ୍ୱାସରେ ଯଦି ମିଶିବ ସାଥିରେ
ଭାବିବେ ଦେହର ମଳି।
ସରଳିଆ ହୋଇ କରିଲେ ସମ୍ମାନ
ତାଙ୍କର ଫାଇଦା ନେବେ,
ନୀଚ ତୁଚ୍ଛ ବ୍ୟକ୍ତିଟିଏ ଭାବି ମନେ
ବାଗେଇକି ପାନେ ଦେବେ।
ଗୁରୁତ୍ୱ ଦେବେନି କୌଣସି କଥାରେ
କହିବେ ଆଗ ତୁ ଲୋଡ଼ା,
ଡାକି ଅପମାନ ଦେବେ ଲୋକ ଆଗେ
ନାଆଁ ହେଉ ତୁମ ପୋଡ଼ା।
ଅନ୍ୟ କେହି କଲେ ତୁମ ଅପମାନ
ବସିକି ନେବେ ସେ ମଜା,
ବିରୋଧ ନକରି ଦୋଷୀଟିଏ ଭଳି
ତୁମକୁ ଦେବେ ସେ ସଜା।
ଭୁଲିଯିବେ ତୁମ ଉପକାର ଯାହା
କରିଥିଲ ତାଙ୍କ ପାଇଁ,
ବେଇମାନ ଭଳି ଦେବେଟି ଗୋଡେଇ
ଆସିବ ଘରକୁ ଧାଇଁ।
ବେଳ ଥାଉ ଥାଉ ସଜାଗ ରହିବୁ
ବିଶ୍ୱାସ ନ କରି କାକୁ,
ଭଲ ଭାବେ ଲୋକ ପରଖି ସାରିକି
ଯିବୁ ସାଥେ ମିଶିବାକୁ।
କେବେବି କାହାର ମିଛ ଶରଧାରେ
ହୋଇବୁ ନାହିଁ ତୁ ବଶ,
ନୋହିଲେ କ୍ଷଣିକେ ଛଡେଇ ନେବେ ତୋ
ସରଳ ମୁଖରୁ ହସ।
ସାବଧାନ କଲି ଭାଇ ବୋଲି ଭାବି
ରଖିବୁ ମୋହର କଥା,
ଏଭଳି ଲୋକଠୁ ଦୁରେଇ ରହିଲେ
ଉଚ୍ଚା ହେବ ତୋର ମଥା।

ସମ୍ପାଦକ: ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର
ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ମୋବାଇଲ୍: ୭୯୦୪୩୯୨୬୮୬



## ଅବ୍ୟକ୍ତ ମନ

ଡ଼ ଚନ୍ଦ୍ରକଳା ନାୟକ

ଅନେକ ବେଳେ ମନଟା ଶୋଇଯାଏ
ଅଧାଗଢା କବାଟ ନଥିବା ଘରେ
ଆଶାର ଆବରଣ ଭିତରେ
ଉନ୍ମୁକ୍ତ ଆକାଶର ଅନ୍ଧାରୀ ଶେଯରେ
ଭଣ୍ଡ ସନ୍ୟାସୀ ମାନେ ସ୍ୱପ୍ନ ବୁଣିବା
ଓ ପୁରା କରୁଥିବାର ମନ୍ତ୍ର ପଢୁଥିବା ବେଳେ
ଜୀବନର ମଧୁର ଛନ୍ଦ ତୋଳି
ରାତ୍ରିକ ପାଇଁ ମିଳନର ମଧୁଶର୍ଯ୍ୟା
ତିଆରିବା ବେଳେ ।
ମନ ପାଇଁ ରାତ୍ରିଟିଏ ହିଁ ସର୍ଜନାର କାଳ
ସେ ହେଉ ଚିକ୍କଣିଆ ଯୌବନ
କିମ୍ବା ପାଉଁସିଆ ପ୍ରେମ
ଭୁଲତାର ଛିଟା ମଧରେ ହାଉଆ ହାତ ଭିତରେ
ଛନ୍ଦି ହୁଏ ଅନେକ ବାର, ବାରବାର
ଛଳନାର ଅନୁପାତ ସବୁ ମାପିବାକୁ ।
ଭାବରେ ଅନ୍ୱେଷଣ କରି ଚାଲିଥାଏ
ବଂଚିବାର ରାହା ଖୋଜି ଖୋଜି
କେତେବେଳେ ମୁକ୍ତ ପ୍ରଜାପତି ତ
ପୁଣି ମହୁଫେଣାର ସନ୍ଧାନରେ
ଠିକ ରାଣୀ ମାଛିର ସଙ୍ଗୀତ ଛନ୍ଦରେ ।
ରେ ମନ ତୁ ତ ଅବ୍ୟକ୍ତ ଅନନ୍ତ
ଆକାଶରେ କାରୁକାର୍ଯ୍ୟ କରି ଗଢିତୋଳୁ
ନିଜ ସାମ୍ରାଜ୍ଞୀ ପାଇଁ କେତେ କେତେ ଭଗ୍ନସ୍ତୁପ
ଈଶ୍ୱରଙ୍କ ପଥରୁଦ୍ଧ କରି ରଚିଚାଲୁ
ନିଶ୍ୱାସର ପାରାବାର ମଧେ
ମାୟା ଓ ମୋହର କ୍ଲାସିକ ସଂଳାପ ।
ତୁ ଏବେ ଦେଖାଦେଉ ଭୋଗବାଦୀ ରୂପେ
ତୋ ପାଇଁ ଏବେ ପରା
ତ୍ୟାଗଭୂମୀ ଅପହଂଚ ଶବ୍ଦ
ତୁ ଖାଲି କଳ୍ପନାରେ ଘୁରିବୁଲୁ
ନିଜ ସତ୍ତା ଭିତରେ ନିଜେ ବିଲୀନ ହୋଇ
ଥରୁଟିଏ ଅନ୍ତରକୁ ଫେଡିଦେଖ
ବିବେକର କଷଟି ପଥର ମଧରେ
ତୋତେ ଅପେକ୍ଷା ରଖିଛି
ଏ ସୃଷ୍ଟିର ସକଳ ସମ୍ଭାର ।

ଅଧାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭



## ମାଆ

ଶାନ୍ତିଲତା ପଣ୍ଡା

ଗୋଟିଏ ଶବଦ ଭିତରେ ଲୁଚିଛି
ମମତାର ମଣି ମୁକ୍ତା
ବେଦନାର ବଦେ ନୀରବରେ ପଢ଼ି
ହସି ହସି କହେ କଥା
ଫୁଲଠୁ କୋମଳ ହାତଟି ତାହାର
ମହୁ ଠୁ ମିଠା ତା ଭାଷା
ପଣତ ତାହାର ଦେଉଳର ନେତ
ସବୁଠି ସାହା ଭରସା
,ଦୁଃଖର ଗରଳ ହସି ହସି ପିଏ
ଅମୃତ ପରାଏ ମଣି
ଜଞ୍ଜାଳ ଜଞ୍ଜିର ବାନ୍ଧି ପାରେ ନାହିଁ
ସବୁ କଷ୍ଟ ଯାଏ ଜିଣି;
ନୂତନ ଦିଗନ୍ତ ଆଲୋକର ପଥ
ସନ୍ତାନର ଚଲାପଥେ
ଭୋକିଲା ପେଟକୁ ଆଦରେ ଶୁଆଇ
ସଭିଙ୍କୁ ପରଶେ ହାତେ
ଯନ୍ତ୍ରଣା ଛାଟରେ ହୋଇ ଜର୍ଜରିତ
ନ ରଖି ମନରେ ଭୟ
ସଂସାର ହାଟରେ ନିତି ବୁଲୁଥାଏ
ସବୁଠି ରଖି ସେ ଲୟ
କେତେବେଳେ ହୁଏ ଡାକତର ପୁଣି
କେବେ ତ ଚଉକିଦାର
ସନ୍ତାନଙ୍କ ପାଇଁ ଭକ୍ତ ଟିଏ ହୋଇ
ରହିଥାଏ ଉଜାଗର
କରୁଣାର ଧାରା ଅବିରତେ ବହେ
ଅନ୍ତରର ଉହାଡରୁ
ସମଭାବାପନ୍ନ ଦୁଆର ମୁକୁଳା
ବିବେକର ଗନ୍ତାଘରୁ
ପୀୟୂଷ ପସରା ମେଲି ଦେଇଥାଏ
ସରାଗର ଚାଙ୍ଗୁଡିରେ
ସେହି ପରା ମାଆ ହୋଇଥାଏ ସାହା
ତା ପାଦେ ପ୍ରଣତି କରେ

ବାଲେଶ୍ୱର



## ସମର୍ପିତ ହୁଅ

ପୁଷ୍ପଲତା ମିଶ୍ର

ଷଷ୍ଠୀ ପୂଜା ଠାରୁ ମଶାଣି ର ଦୂର
କହି କି ପାରିବ କିଏ,
ତଥାପି କାହିଁକି ମଣିଷ ବୁଝେନା
ଏ ମାୟା ସଂସାର ଇଏ।।
ସମୟ ର ହାତେ ବନ୍ଧା ହୋଇ ଅଛୁ
ପାରିବନି ଦେଇ ବାଧା,
ମଣିଷ ଜୀବନ ଦୁର୍ଲ୍ଲଭ ଅଟଇ
ଭାବେ ଜୀବନ ଟା ଅଧା।।
ଜନମ କାହିଁକି ମରଣ କାହିଁକି
ସୃଷ୍ଟି ର ନିୟମ ଏଠି,
ମାୟା ଧର ଙ୍କ ର ମାୟା ର ସଂସାର
ବିଚାର ତାର ସବୁଠି।।
ନିଖିଳ ସଂସାରେ ସମ୍ପଦ ଅନ୍ତ ରେ
ଜ୍ଞାନ ଭକ୍ତି ପରାକାଷ୍ଠା
ଜୀବନ ଯଜ୍ଞ ରେ ଆହୁତି ହେବ ରେ
ସେବା ର ପରମ ନିଷ୍ଠା।।
ଶେଫାଳି ଫୁଲ ର କ୍ଷଣିକ ଜୀବନ
ରାତି କ ଆୟୂଷ ତାର,
ଏ ବଡ଼ ଦାଣ୍ଡ ରେ ଜାତି ନନ୍ଦିଘୋଷ
ପରମ ଶାନ୍ତ ସୁନ୍ଦର।।
ସମର୍ପିତ ହୁଅ ଆଜି ର ମଣିଷ
ଠିକଣା ପାଇବ ବୁଝି,
ଯେ ହେବ ସାରଥୀ ତା ପାଖରେ ଆସି
ସୁଯୋଗ ଆସଇ ଖଞ୍ଜି।।
ମୋହ ମାୟା ଭରା ଏ ସାରା ସଂସାର
ସପନେ ବନ୍ଧା ଜୀବନ,
ଜୀବନ ର ସ୍ୱାଦ ଅମୃତ ଆହ୍ଲାଦ
ବିଭୁ ପାଦେ ରଖ ଧ୍ୟାନ ।।
ଶେଫାଳି ର ସମ ବାସ ଚହଟାଇ
ଛାଡେ ଏ ମର୍ତ୍ତ୍ୟ ଭୁବନ,
ସେହି ପୁଷ୍ପ ପରି ସମର୍ପିତ ହେଲେ
ଝୁରିବେ ସକଳ ଜନ।।

ଭୁବନେଶ୍ୱର
ମୋବାଇଲ୍: ୯୩୩୮୨୯୪୬୫୭



## ଟିକିଏ ଉତ୍ସାହ ବକଟେ ପ୍ରେରଣା

ଭାରତୀ ବାସନ୍ତୀ ଲତା ଜେନା

ଟିକିଏ ଉତ୍ସାହ ବକଟେ ପ୍ରେରଣା
ବଦଳାଏ ଗତିପଥ
ନିରାଶା ମନରେ ଆଶାର ସଂଚାର
ପ୍ରାଣ ହୁଏ ପୁଲକିତ ।୧।

ଭଙ୍ଗା ଗଢ଼ା ଏହି ସଂସାର ମଧରେ
ସମସ୍ୟା ଯନ୍ତ୍ରଣା ଭରା
ଜଞ୍ଜାଳ ଯୁଇରେ ଜଳିବାକୁ ହୁଏ
ଜୀବନ ଲାଗେ ଅଧୁରା ।୨।

ଭଙ୍ଗା ମନ ତଳେ କୋହ ପୂରି ଥାଏ
ପଥ ଦିଶେ ଅନ୍ଧକାର
ବୁଦ୍ଧି ଜ୍ଞାନ ସବୁ ହଜି ଯାଉଥାଏ
ଅଶାନ୍ତ ଜୀବନ ଝର ।୩।

ଟିକିଏ ଉତ୍ସାହ କାହାଠୁ ମିଳିଲେ
ମନ ହୁଅଇ ଚଞ୍ଚଳ
ନିରାଶା ମରୁରେ ପାରିଜାତ ଫୁଟେ
ଆଶା ଗଙ୍ଗୋତ୍ରୀର ଜଳ ।୪।

ପ୍ରେରଣା ଟିକିଏ ବନ୍ଧୁଠୁ ମିଳିଲେ
ଅବା ପ୍ରିୟଜନ ଠାରେ
ଭଗ୍ନ ହୃଦୟରେ ଚେତନା ଜାଗଇ
ତତ୍ପର ହୁଏ କର୍ମରେ ।୫।

ମାନବ ଜୀବନେ ଉତ୍ସାହ ପ୍ରେରଣା
ସବୁ କ୍ଷେତ୍ରେ ଲୋଡ଼ା ହୁଏ
ଜୀବନେ ପ୍ରଗତି ଉଚ୍ଚ ଆକାଂକ୍ଷାରେ
ସଫଳ ବ୍ୟକ୍ତି ବୋଲାଏ ।୬।

ବିକାଶର ପଥ ନିଃସ୍ୱାର୍ଥ ଭାବନା
ସେବା ପର ଉପକାର
ପ୍ରେରଣା ଦିଅଇ ଆଲୋକର ଜ୍ୟୋତି
ଉତ୍ସାହ ରଙ୍ଗ ଅବିର ।୭।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର






## ବଣଭୋଜି

ଅନୁପମା ବିଶ୍ୱାଳ

ଶୀତୁଆ ଦିନରେ ତୁମେ ଆସ ଏ ମରତେ
ତୁମ ନାମ ଶୁଣି ମନ ରହେ ଉଲ୍ଲସିତେ
ଧନ୍ୟ ମହିମା ତୁମର
ମାତ୍ର ସ୍ପର୍ଶେ ପୁଲକିତ ହୁଅଇ ଅନ୍ତର।
ସତରେ ଜଗତେ ତୁମେ ଅତୀବ ବିଚିତ୍ର
ଆବିଳତା ଧୋଇ କ୍ଷଣେ କରୁଛ ପବିତ୍ର
ମିଳନ ସଙ୍ଗମ ଯୋଗ
କାର୍ଯ୍ୟ କାରଣକୁ ଗୁଛି ପୋତିଦିଅ ବୀଜ।
ବୁଦ୍ଧି ବିବେକ ମେଧାର ଆହେ ପ୍ରକାଶକ
ମ୍ଳାନ ହୀନ ରାଜାକୁ ବି କର ଅଭିଷେକ
କୀର୍ତ୍ତିରାଜି ଅନୁପମ
ଅଭିନବ ରୂପ ଛଟା କେଡେ ମନୋରମ।
ପରିବେଶ ଶୋଭା ଆଭା କରି ଉପଭୋଗ
ରଚ ପାଠଶାଳା ଦେଖି ପ୍ରକୃତି ବିଭାଗ
ସୃଜ ସମ୍ପର୍କ ମଧୁର



ହୁଏ ଲୁହ ଅବା ମୋହ ସନ୍ୟାସ ପ୍ରାଣର।
ରଖ ସ୍ମୃତି ରଚ ଖ୍ୟାତି ପ୍ରତି ବରଷରେ
ବାରମ୍ବାର ସ୍ମରେ ସେହୁ ଥାଏ ଯେ ଭାବରେ
ପ୍ରାୟେ ଚାତକ ନୟନ
ଲଭିବାକୁ ଛୁଆଁ କରେ ପ୍ରେମ ନିବେଦନ।

ସମ୍ବଲପୁର





